

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୯ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 29 JANUARY 2022
Vol.No. 33 ■ No. 27 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ନୂଆ କରୋନା ଭାଇରସ 'ନିଓ-କୋଭ'ର ସନ୍ଧାନ



ନୂଆଦିଲ୍ଲୀ,୨୮/୦୧: ଚୀନ ଉହାନର ବୈଜ୍ଞାନିକମାନେ କରୋନା ଭାଇରସର ଏକ ନୂଆ ପ୍ରଜାତି ଆବିଷ୍କାର କରିଛନ୍ତି, ଯାହା ବର୍ତ୍ତମାନ ଦକ୍ଷିଣ ଆଫ୍ରିକାର ବାଦୁଡିମାନଙ୍କ ଠାରେ ଦେଖାଯାଇଛି । ଯଦି ଆଗକୁ ଏହାର ମ୍ୟୁଟେସନ ହୁଏ ତେବେ ମଣିଷଙ୍କ ପ୍ରତି ଆଗକୁ ଏହା ବଡ ବିପଦ ଆଣିପାରେ ବୋଲି ଚୀନର ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି । ଏହା ଏକ ସାଧାରଣ କରୋନା ଭାଇରସ ନୁହେଁ । ଏହାକୁ 'ମିଡିଲ ଇଷ୍ଟ ରେସ୍ପିରେଟରୀ ସିଣ୍ଡ୍ରୋମ' ଶ୍ରେଣୀରେ ରଖାଯାଇଛି । ୨୦୧୨ରେ ପ୍ରଥମ ଥର ଲାଗି ସାଉଦି ଆରବରେ ଏ ପ୍ରକାର ଭାଇରସ ଦେଖାଯାଇଥିଲା । ଚାଇନିଜ ଏକାଡେମୀ ଅଫ ସାଏନସେସ୍ ଏବଂ ଉହାନ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ କହିଛନ୍ତି, ଏହି ଭାଇରସ ବର୍ତ୍ତମାନ କେବଳ ଜୀବଜନ୍ତୁଙ୍କ ଠାରେ ରହିଛି । ବର୍ତ୍ତମାନ ଅବସ୍ଥାରେ ଏହା ମଣିଷକୁ ସଂକ୍ରମିତ ହୋଇପାରିବ ନାହିଁ, କିନ୍ତୁ ଯଦି ଏହାର ମ୍ୟୁଟେସନ ହୁଏ ତେବେ ମଣିଷକୁ ସଂକ୍ରମିତ କରିବାର ଆଶଙ୍କା ରହିଛି । ଏହି ଭାଇରସ ଏକ ରିସେପ୍ଟର ପ୍ରୋଟିନ ଏବଂ ଶରୀରର ଅନ୍ୟ ଜୀବକୋଷରେ ସହଜରେ ଲାଖିଯାଇପାରିବ । ଏହାର ସଂକ୍ରାମକ କ୍ଷମତା ଓ ମାରକ କ୍ଷମତା ବର୍ତ୍ତମାନର ଭାଇରସଠାରୁ ବହୁତ ଅଧିକ ବୋଲି ଉହାନର ବୈଜ୍ଞାନିକମାନେ ସତର୍କ କରାଇଛନ୍ତି । କିଛି ଜାତୀୟ ଗଣମାଧ୍ୟମ ଉଲ୍ଲେଖ କରିଛନ୍ତି ଯେ, ଏହା ସାଂଘାତିକ ଭାବେ ମାରକ ହୋଇପାରେ । ଏପରିକି ସଂକ୍ରମିତ ହେଉଥିବା ୩ ଜଣଙ୍କ ମଧ୍ୟରୁ ଜଣକର ମୃତ୍ୟୁ ହୋଇପାରେ ବୋଲି ଜାତୀୟ ଗଣମାଧ୍ୟମ ଉହାନର ବୈଜ୍ଞାନିକମାନେ କହିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ୨୦୧୨ରେ ପ୍ରଥମେ ଯେତେବେଳେ ସାଉଦି ଆରବରେ ଏହି ଭାଇରସ ଚିହ୍ନଟ ହୋଇଥିଲା, ସେତେବେଳେ ସଂକ୍ରମିତ ହୋଇଥିବା ଲୋକଙ୍କ ମଧ୍ୟରୁ ୩୫ ପ୍ରତିଶତ ଆକ୍ରାନ୍ତ ପ୍ରାଣ ହରାଇଥିଲେ । ଏହାର ପ୍ରଭାବରେ ଜ୍ୱର, କାଶ, ଅଣନିଶ୍ୱାସୀ ହେବା ଓ ନିମୋନିଆ ଭଳି ସମସ୍ୟା ସୃଷ୍ଟି ହୋଇଥାଏ । ଅନ୍ୟପଟେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି 'ନିଓକୋଭ' ଭାଇରସ ଉପରେ ମଧ ପ୍ରତିକ୍ରିୟା ରଖିଛି । ଋଷର ନ୍ୟୁଜ ଏଜେନ୍ସି 'ଟାସ୍'କୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଅଧିକାରୀମାନେ କହିଛନ୍ତି, ସେମାନେ ଏ ବିଷୟରେ ଅବଗତ ଅଛନ୍ତି ଏବଂ ମଣିଷଙ୍କ ପ୍ରତି ଏହା ବିପଦ ହେବ କି ନାହିଁ ତାହା ଜାଣିବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ବନ୍ୟଜନ୍ତୁ ମାନଙ୍କଠାରୁ ପ୍ରାୟ ୭୫ ପ୍ରତିଶତ ଭାଇରସ ମଣିଷ ଦେହକୁ ସଂକ୍ରମିତ ହୁଏ । କରୋନା ଭାଇରସ ମଧ ଜୀବଜନ୍ତୁଙ୍କଠାରୁ ଆସିଛି । ବିଶେଷକରି ବାଦୁଡିଙ୍କଠାରେ ପ୍ରକୃତିଗତ ଭାବେ କରୋନା ଭାଇରସ ଦୀର୍ଘ ସମୟ ଧରି ରହିପାରେ ଏବଂ ପରବର୍ତ୍ତୀ ସମୟରେ ମ୍ୟୁଟେସନ ହୋଇଥାଏ । ଏହାପରେ ମଣିଷ ଦେହକୁ ସଂକ୍ରମିତ ହୁଏ ବୋଲି ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ଅଧିକାରୀମାନେ କହିଛନ୍ତି ।

# କ୍ଷେପଣାସ୍ତ୍ର 'ବ୍ରହ୍ମୋସ୍'ର ରପ୍ତାନୀ କରିବ ଭାରତ

## ଫିଲିଫାଇନ୍ସ ସହ ହେଲା ଚୁକ୍ତି ସ୍ୱାକ୍ଷର




ନୂଆଦିଲ୍ଲୀ,୨୮/୦୧: ଫିଲିଫାଇନ୍ସକୁ ୩୭୫ ମିଲିୟନ ଡଲାର ଅର୍ଥାତ୍ ୨ ହଜାର ୭୭୦ କୋଟି ଟଙ୍କାରେ ବ୍ରହ୍ମୋସ ସୁପରସୋନିକ ମିଶାଇଲ ବିକ୍ରି କରିବା ନେଇ ଚୁକ୍ତି ସ୍ୱାକ୍ଷର କରିଛି ଭାରତ । ଦକ୍ଷିଣ ଚୀନ ସାଗରରେ ସୀମାକୁ ନେଇ ଚୀନ ସହ ଫିଲିଫାଇନ୍ସର ବିବାଦ ଲାଗିରହିଥିବା ବେଳେ ଭାରତ ଠାରୁ ଶକ୍ତିଶାଳୀ ବ୍ରହ୍ମୋସ କ୍ଷେପଣାସ୍ତ୍ର କିଣିବାକୁ ଚୁକ୍ତି କରିଛି ଫିଲିଫାଇନ୍ସ । ବହ୍ମୋସ ମିଶାଇଲ ପ୍ରଦାନ ପାଇଁ ଭାରତର ବ୍ରହ୍ମୋସ ଏରୋସ୍ପେସ କମ୍ପାନୀ ସହ ଫିଲିଫାଇନ୍ସର ନ୍ୟାସନାଲ ଡିଫେନ୍ସ ବିଭାଗ ସହ ଶୁକ୍ରବାର ଚୁକ୍ତି ସ୍ୱାକ୍ଷର ହୋଇଛି । ଏନେଇ ରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଭାରତ ସରକାରଙ୍କ ଏହି ଚୁକ୍ତି ଡିଫେନ୍ସ ସାମ୍ରଗୀ ରପ୍ତାନି ନୀତିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ପ୍ରଥମ ଥର ପାଇଁ ୨୯୦ କିମି ପର୍ଯ୍ୟନ୍ତ ଲକ୍ଷଭେଦୀ ପାରୁଥିବା ବ୍ରହ୍ମୋସ୍ ମିଶାଇଲ ବିକ୍ରି ପାଇଁ ଭାରତ ଚୁକ୍ତି କରିଛି । ଭାରତ ଏବଂ ଋଷିଆ ସହ ମିଶି ମିଳିତ ଭାବେ ଏହି ମିଶାଇଲର ବିକାଶ କରିଛି । ଫିଲିଫାଇନ୍ସର ଉପକୂଳ ସୁରକ୍ଷା ଦିଗରେ ଏହି କ୍ଷେପଣାସ୍ତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ କହିଛନ୍ତି । ଏହି ଚୁକ୍ତି ସମୟରେ ବ୍ରହ୍ମୋସ୍ ସିଇଓ ଅତୁଲ ଡି ରାଣେ, ଡେପୁଟି ସିଇଓ ସଞ୍ଜୀବ ଜୋଶୀ, ଲେଫ୍ଟେନାଣ୍ଟ କର୍ଣ୍ଣେଲ ଆର ନେଗୀ ଏବଂ ପ୍ରବୀଣ ପାଠକ ଉପସ୍ଥିତ ଥିଲେ । ଏଥିସହ ଭାରତ ଇଣ୍ଡୋନେସିଆ ଓ ଭିଏତନାମ କୁ ମଧ ଏହି ମିଶାଇଲ ବିକ୍ରି ପାଇଁ ଆଲୋଚନା ଚଲାଇଛି । ଫିଲିଫାଇନ୍ସ ସହ ଏହି ଚୁକ୍ତି ପଡୋଶୀ ଦେଶଙ୍କ ସହ ଚୀନର ବିସ୍ତାରବାଦୀ ନୀତି ଉପରେ ଅଙ୍କୁଶ ଲଗାଇବ ବୋଲି ଆଶା କରାଯାଉଛି । ଆଗାମୀ ଦିନରେ ଅନ୍ୟ ପଡୋଶୀ ଦେଶମାନେ ଭାରତ ଠାରୁ ଡିଫେନ୍ସ ସାମଗ୍ରୀ କିଣିବେ ବୋଲି ଭାରତ ଆଶାବାଦୀ ଅଛି ।

## ରାଜ୍ୟରେ ଆଉ ୧୦ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୧୦ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୫୬୦ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୨ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି ଭଦ୍ରକ, ଢେଂକାନାଳ. ଜଗତସିଂହପୁର, ଯାଜପୁର, ମୟୁରଭଂଜ, ପୁରୀ ଓ ରାୟଗଡା ଜିଲ୍ଲାରେ ଜଣେ – ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ଭାରତର ସବୁଠୁ ଧନୀ ରାଜନୈତିକ ଦଳ ବିଜେପି

ନୂଆଦିଲ୍ଲୀ,୨୮/୦୧: ୨୦୧୯-୨୦ ଆର୍ଥିକ ବର୍ଷରେ କେଉଁ ପାର୍ଟିର୍ ପାଖରେ କେତେ ଧନ ରହିଛି, ରିପୋର୍ଟ ପ୍ରକାଶ କଲା ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ବା ଏଡିଆର୍ । ଏହା ଦର୍ଶାଇଛି ଅନ୍ୟ ରାଜନୈତିକ ଦଳକୁ ବହୁ ପଛରେ ପକାଇ ଦେଇଛି ଭାରତୀୟ ଜନତା ଦଳ । ୨୦୧୯-୨୦ ଆର୍ଥିକ ବର୍ଷରେ ବିଜେପି, ତା'ର ସମ୍ପତ୍ତି ୪ ହଜାର ୮୪୭ କୋଟି ଟଙ୍କା ବୋଲି ଦର୍ଶାଇଛି । ବର୍ଷକ ପୂର୍ବରୁ ଦଳର ସମ୍ପତ୍ତି ଥିଲା ୨ ହଜାର ୯୦୪ କୋଟି ଟଙ୍କା । ଧନୀ ତାଲିକାରେ ଦ୍ୱିତୀୟରେ ଥିବା ବିଏସ୍ପି ପାଖରେ ରହିଛି ୬୯୮ କୋଟି ଟଙ୍କା । ବର୍ଷେ ତଳେ ଏହାଠାରୁ ଅଧିକ ମୂଲ୍ୟର ସମ୍ପତ୍ତି ଥିଲା । ଅର୍ଥାତ୍ ୨୦୧୮-୧୯ ଆର୍ଥିକ ବର୍ଷରେ ୭୩୮ କୋଟି ଟଙ୍କାର ସମ୍ପତ୍ତି ରହିଥିଲା । ସେହିପରି କଂଗ୍ରେସର ମଧ ସମ୍ପତ୍ତି ହ୍ରାସ ପାଇଛି । ୨୦୧୯-୨୦ରେ ଦଳ ପାଖରେ ୫୮୮ କୋଟି ଥିବା ବେଳେ ୨୦୧୮-୧୯ରେ କଂଗ୍ରେସ ପାଖରେ ଥିଲା ୯୨୮ କୋଟିର ସମ୍ପତ୍ତି । ୨୦୧୯-୨୦ ଆର୍ଥିକ ବର୍ଷରେ ▶▶ପୃଷ୍ଠା ୭

# ଫେବୃୟାରୀ ୧ରୁ ସମସ୍ତଙ୍କୁ ଜଗାଦର୍ଶନ ସୁଯୋଗ



ପୁରୀ,୨୮/୦୧ (ନି.ପ୍ର): ମହାମାରୀ କରୋନା ଜନିତ କଟକଣା ଯୋଗୁଁ ଗତ ୧୦ ତାରିଖରୁ ସାଧାରଣ ଦର୍ଶନାର୍ଥୀଙ୍କ ପାଇଁ ବନ୍ଦ ରହିଥିବା ଶ୍ରୀମନ୍ଦିର ଆସନ୍ତା ଫେବୃଆରୀ ପହିଲାରୁ ଖୋଲିବ। କରୋନା ସଂକ୍ରମଣ ହ୍ରାସ୍ ପାଉଥିବାବେଳେ ଜନସାଧାରଣଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଛତାଶା ନିଯୋଗ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପୂର୍ବନିଷ୍ପତ୍ତି ଅନୁଯାୟୀ ସାନିଟାଇଜ୍ ଲାଗି ପ୍ରତ୍ୟେକ ରବିବାର ଶ୍ରୀମନ୍ଦିର ଦର୍ଶନାର୍ଥୀମାନଙ୍କ ଲାଗି ବନ୍ଦ ରହିବ। କିନ୍ତୁ ବିଶେଷ ଦିନମାନଙ୍କରେ ଶ୍ରୀମନ୍ଦିର ଦର୍ଶନାର୍ଥୀଙ୍କ ଲାଗି ଖୋଲାଯିବା ସମ୍ପର୍କିତ ନିଷ୍ପତ୍ତି ପରବର୍ତ୍ତି ସମୟରେ ନିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଆଜି ଛତିଶାନିଯୋଗ ବୈଠକ ଶ୍ରୀମନ୍ଦିର ମୁଖ୍ୟପ୍ରଶସକ ଡ଼କ୍ଟର କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଭର୍ଚୁଆଲରେ ଅନୁଷ୍ଠିତ ଆଜିର ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା,ଏସ୍ପି କନଓ୍ୱାର ବିଶାଳ ସିଂ,ଶ୍ରୀମନ୍ଦିର ପରିଚାଳନା କମିଟିର ସେବକ ସଦସ୍ୟବୃନ୍ଦ, ଶ୍ରୀମନ୍ଦିରପ୍ରଶାସନର ବରିଷ୍ଠ ଅଧିକରୀ ଓ ବିଭିନ୍ନ ନିଯୋଗର ବରିଷ୍ଠ ସେବାୟତମାନେ ଯୋଗଦେଇଥିଲେ।

# ୩୦ ପର୍ଯ୍ୟନ୍ତ ଥରାଇବ ଶୀତ : ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ରାଜ୍ୟ ମଧ କୁ ଉତରା-ପଶ୍ଚିମା ଥଣ୍ଡା-ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ଆଜିଠାରୁ ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ଲହରୀ ଦେଖାଦେବ ଏବଂ ୩୦ ଯାଏଁ ଏହାର ପ୍ରଭାବ ରହିବ। ଆଗାମୀ ୪୮ ଘଂଟା ମଧ୍ୟରେ ରାତ୍ରି ତାପମାତ୍ରା ୩ ରୁ ୪ ଡ଼ିଗ୍ରୀ ତଳକୁ ଖସିବ। ପାହାଡିଆ ଅଂଚଳ ସହ ଅନେକ ଆଭ୍ୟନ୍ତରୀଣ ଜିଲ୍ଲାରେ ରାତ୍ରି ତାପମାତ୍ରା ୧୦ ଡ଼ିଗ୍ରୀ ରୁ କମ ରେକର୍ଡ ହେବା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆଗାମୀ ୨୪ ଘଂଟା ମଧ୍ୟରେ ଶୀତ ଲହରୀ ପାଇଁ ୧୩ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହି ଜିଲ୍ଲାଗୁଡିକ ହେଲା କଳାହାଣ୍ଡି , କନ୍ଧମାଳ , ନୂଆପଡା, ବରଗଡ , ବଲାଙ୍ଗୀର , ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର, ଦେବଗଡ, ଝାରସୁଗୁଡା, ସୁନ୍ଦରଗଡ, ଅନୁଗୁଳ ଓ କେନ୍ଦୁଝର। ସେହିପରି ୩୦ ତାରିଖରୁ ୩୧ ତାରିଖ ସକାଳ ପର୍ଯ୍ୟନ୍ତ ଝାରସୁଗୁଡା, ବଲାଙ୍ଗୀର, ବରଗଡ, ସୁବର୍ଣ୍ଣପୁର ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେଶୀତ ଲହରୀ ହେବ। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର। ଅପରପକ୍ଷରେ ଗତକାଲି ୧୦ ସହରରେ ରାତ୍ରି ତାପମାତ୍ରା ୧୧ ଡ଼ିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡି ରେ ସର୍ବନିମ୍ନ ୬.୫ ଡ଼ିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଫୁଲବାଣି ଓ କେନ୍ଦୁଝରରେ ୮ ଡିଗ୍ରୀ, ଝାରସୁଗୁଡା, ସୁବର୍ଣ୍ଣପୁର, ବୌଦ୍ଧ ଓ ଭବାନୀପାଟଣାରେ ୯ ଡିଗ୍ରୀ , ଅନୁଗୁଳରେ ୯.୬, କୋରାପୁଟ ଓ ନୟାଗଡରେ ୧୦ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱର ରେ ୧୨.୧ଡ଼ିଗ୍ରୀ ଏବଂ କଟକ ରେ ୧୩ ଡ଼ିଗ୍ରୀ ରେକର୍ଡ ହୋଇଛି।

## ଏଥର ଆସିପାରେ ସଂକ୍ଷିପ୍ତ ବଜେଟ୍ : ବାଚସ୍ପତି

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ଆଗକୁ ପଂଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ହେବ। ତେଣୁ ଏଥର ସଂକ୍ଷିପ୍ତ ବଜେଟ୍ ଆଣିପାରନ୍ତି ରାଜ୍ୟ ସରକାର। ଆଗାମୀ ବଜେଟ ଅଧିବେଶନ ନେଇ ଏଭଳି ପ୍ରତିକ୍ରିୟା ରଖିଛନ୍ତି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର । ସେ କହିଛନ୍ତି ଆଗରୁ ମଧ ପ୍ରାବଧାନ ଅଛି। ତିନି ମାସିଆ ବଜେଟ ଆସିଛି। ତେଣୁ ସେଥିରେ କିଛି ଅସୁବିଧା ନାହିଁ। ତେବେ ବଜେଟ ଅଧିବେଶ କେବେ ବସିବ ସେ ନେଇ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କଠାରୁ କୌଣସି ପ୍ରସ୍ତାବ ଆସିନାହିଁ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

## ବଲୁଚ ବିଦ୍ରୋହୀମାନେ ମାରିଲେ ଦଶ ପାକିସ୍ତାନୀ ସୈନିକଙ୍କୁ

ଇସ୍ଲାମାବାଦ, ୨୮/୦୧ (ନି.ପ୍ର): ପୂରା ଦୁନିଆର ଆତଙ୍କବାଦୀଙ୍କ ଘର ପାକିସ୍ତାନ ଆନ୍ତରିକ ବିଦ୍ରୋହରେ ସମ୍ମୁଖୀନ ହେଉଛି । ବଲୁଚ ବିଦ୍ରୋହୀମାନେ ପାକିସ୍ତାନୀ ସେନାଙ୍କ ଉପରେ ଆକ୍ରମଣ କରି ଦଶ ପାକିସ୍ତାନୀ ସୈନିକଙ୍କୁ ମାରିଛନ୍ତି। ଏହି ଆକ୍ରମଣ ପରେ ପ୍ରଥମେ ଏହାକୁ ଲୁଚାଇବାର ଚେଷ୍ଟା କରିଥିବା ପାକିସ୍ତାନୀ ସେନା ▶▶ପୃଷ୍ଠା ୭

# ମେକ୍ ଇନ୍ ଓଡ଼ିଶା ଆଂଟିଜେନ୍ ଟେଷ୍ଟ୍ କିଟ୍‌କୁ ଅନୁମୋଦନ



ଭୁବନେଶ୍ୱର, ୨୮/୦୧ (ନି.ପ୍ର): ଓଡ଼ିଶାରେ ପ୍ରସ୍ତୁତ କରୋନା ଭାଇରସ ସଂକ୍ରମଣ ଚିହ୍ନଟ କରିପାରୁଥିବା ଆଂଟିଜେନ୍ ଟେଷ୍ଟ୍ କିଟ୍ କୁ ମିଳିଛି ଅନୁମୋଦନ। ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର) ଏହାକୁ ଅନୁମୋଦନ ଦେଇଛି। ଏହି କିଟ୍ ମେକ୍ ଇନ୍ ଓଡ଼ିଶା ଆଧାରରେ ପ୍ରସ୍ତୁତ ହୋଇଛି। ଏହି ରାପିଡ୍ ଆଂଟିଜେନ୍ କିଟ୍ ର ନାଁ ରହିଛି ଓଗଡଙ୍ଗ୦-ଇଏ। ସୂଚନା ଅନୁସାରେ ଭୁବନେଶ୍ୱରର ଇମ୍‌ଜେନେକ୍ସ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ଏହି ଆଂଟିଜେନ୍ ଟେଷ୍ଟ୍ କିଟ୍ ପ୍ରସ୍ତୁତ ହୋଇଛି। ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଂଟର ବା ଆରଏମ୍ଆରସି ଇମ୍‌ଜେନେକ୍ସ ଇଣ୍ଡିଆ ମିଳିତ ଉଦ୍ୟମରେ ପ୍ରସ୍ତୁତ କରାଯାଇଛି। ଇମ୍‌ଜେନେକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ଡ. ସୁଜୟ ସିଂହ କହିଛନ୍ତି ଆଗାମୀ ୨ ମାସ ମଧ୍ୟରେ ଏହି କିଟ୍ ବଜାରରେ ମିଳିପାରିବ। ଏହି କିଟ୍ ର ବିକାଶ ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସେ ସୂଚନା ଦେଇଛନ୍ତି।

# ଶେଷରେ ବନ୍ଧା ହେଲା କେବିଏନ୍ ଗ୍ୟାଙ୍ଗ ମୁଖ୍ୟ ବୁବୁ ଜେନା



ଭୁବନେଶ୍ୱର, ୨୮/୦୧ (ନି.ପ୍ର): ରାଜଧାନୀର ରାଜରାସ୍ତାରେ ବିଳମ୍ବିତ ରାତିରେ ଖଣ୍ଡା ବୁଲାଇ ଆତଙ୍କ ଚଳାଇଥିବା କେବିଏନ୍ ଗ୍ୟାଙ୍ଗର ମୁଖ୍ୟ ବୁବୁ ଜେନାକୁ ଗିରଫ କରିବାରେ ସଫଳ ହୋଇଛି କମିଶନରେଟ୍ ପୋଲିସ୍। ରାଜଧାନୀର ଡେଲ୍ଟା ଅଂଚଳରୁ ତାକୁ ଗିରଫ କରାଯାଇଥିବା ବେଳେ ତା' ପାଖରୁ ଗୋଟିଏ ଖଣ୍ଡା ଜବତ ହୋଇଛି। ତାକୁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି। ପୂର୍ବରୁ କେବିଏନ୍ ଗ୍ରୁପ୍‌ର ୯ ସଦସ୍ୟଙ୍କୁ କମିଶନରେଟ ପୋଲିସ୍ ଗିରଫ କରିସାରିଥିବା ବେଳେ ବୁବୁକୁ ଖୋଜିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିଲେ। ଶେଷରେ ଡେଲ୍ଟା ଅଞ୍ଚଳରୁ ବନ୍ଧା ହୋଇଛି ବୁବୁ। ସୂଚନାଯୋଗ୍ୟ, କମିଶନରେଟ୍ ପୋଲିସ ପାଇଁ ମୋଷ୍ଟ ୱାଣ୍ଟେଡ୍ ଥିବା କେବିଏନ୍ ମୁଖ୍ୟ ବୁବୁ କିଛି ଦିନ ତଳେ ପୁରୀରେ ସ୍ପେସାଲ୍ ସ୍କ୍ୱାଡ୍ କୁ ଚକ୍ ମା ଦେଇ ଚମ୍ପଟ ମାରିଥିଲା।

# ଓଡିଶାବାସୀ ଚାହୁଁଛନ୍ତି ପରିବର୍ତ୍ତନ: ଡି. ପୁରନ୍ଦେଶ୍ୱରୀ



ଭୁବନେଶ୍ୱର, ୨୮/୦୧ (ନି.ପ୍ର): ଦୀର୍ଘ ୨୨ ବର୍ଷ ଧରି ବିଜେଡି ଶାଷିତ ରାଜ୍ୟକୁ ଓଡିଶାବାସୀ ଦେଖିଛନ୍ତି ଏବଂ ଏଭଳି କୁଶାସନରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି ଓଡିଶାବାସୀ । ରାଜ୍ୟରେ ନବୀନ ସରକାର ବିଭିନ୍ନ ଜନମଙ୍ଗଳ ଯୋଜନାରୁ ରାଜ୍ୟବାସୀଙ୍କୁ ବଂଚିତ ରଖିଛନ୍ତି । କେନ୍ଦ୍ରରେ ମୋଦି ସରକାର ଗରିବଙ୍କ ପାଇଁ ଅନେକ କଲ୍ୟାଣକାରୀ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରାଇଛନ୍ତି । ରାଜ୍ୟରେ ଯେଉଁ ବିକାଶ ହୋଇଛି, ତାହା କେନ୍ଦ୍ର ସରକାରଙ୍କ କାରଣରୁ ସମ୍ଭବ ହୋଇଛି । ଓଡିଶାବାସୀ ପରିବର୍ତ୍ତନ ଚାହୁଁଛନ୍ତି । ଲୋକେ ଭଲ ଭାବେ ଜାଣିସାରିଲେଣି କେଉଁ ଦଳ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରୁଛି । ଏ ସମସ୍ତ ପ୍ରସଙ୍ଗକୁ ନେଇ ଭାରତୀୟ ଜନତା ପାର୍ଟୀ ଲୋକଙ୍କ ପାଖକୁ ଯିବ । ରାଜ୍ୟବାସୀ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସଠିକ୍ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ପାଇଁ ଓଡିଶା ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ଅନୁରୋଧ କରିଛନ୍ତି । ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତି ପୁରନ୍ଦେଶ୍ୱରୀ ରାଜ୍ୟ ସରକାରଙ୍କ ବିରୁଦ୍ଧରେ "ଲୋକଙ୍କ ଅଭିଯୋଗ - ଅପାରଗ ରାଜ୍ୟ ସରକାର" ଅଭିଯୋଗ ପତ୍ରକୁ ରିଲିଜ୍ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ପୁରନ୍ଦେଶ୍ୱରୀ ଅଭିଯୋଗର ପ୍ରଶ୍ନ କରି ରାଜ୍ୟ ସରକାରଙ୍କଠାରୁ ଜବାବ୍ ମାଗିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମାଗଣାରେ ମିଳୁଥିବା ବାସଗୃହ ପାଇଁ ଗରୀବ ହିତାଧିକାରୀ ୨୦୦୦୦ ଟଙ୍କା ଏବଂ ଶୌଚାଳୟ ପାଇଁ ୨୦୦୦ଟଙ୍କା କାହିଁକି ଦେବେ? କାହିଁକି ଓଡିଆର ୧୪ପ୍ରତିଶତ ପଲିଥିନ ତଳେ ରହିଛନ୍ତି? ପଶ୍ଚିମ ଓଡିଶାର ୬ଟି ଜିଲ୍ଲା ମଧ୍ୟରୁ କୌଣସି ଗୋଟିଏ ପ୍ରଧାନମନ୍ତ୍ରୀ ଆବାସ କାହିଁକି ପାଇଲା ନାହିଁ ? ବନ୍ୟା, ଘୂର୍ଣ୍ଣିବଳୟ, ମରୁଡି, ପ୍ରଧାନମନ୍ତ୍ରୀଙ୍କ ଗୃହ ଯୋଜନା, ଶୌଚାଳୟ - ଆପଣ ପ୍ରକୃତ ▶▶ପୃଷ୍ଠା ୭

## ତ୍ରିକୋଣୀୟ ପ୍ରେମର କରୁଣ ପରିଣତି

# ଭୁବନେଶ୍ୱରରେ ଯୁବତୀଙ୍କ ପାଇଁ ରକ୍ତାକ୍ତ ସଂଘର୍ଷ

ଭୁବନେଶ୍ୱର,୨୮/୦୧(ନି.ପ୍ର): ରାଜଧାନୀରେ ଯୁବକଙ୍କୁ ଛୁରା ମାଡ । ତ୍ରିକୋଣୀୟ ପ୍ରେମର କରୁଣ ପରିଣତି । ଜଣେ ଯୁବତୀଙ୍କୁ ଦୁଇ ଯୁବକ ପ୍ରେମ କରୁଥିବାରୁ ଏହି ଗଣ୍ଡଗୋଳ ହୋଇଥିବା ସୂଚନା ମିଳିଛି । ଜଣେ ପ୍ରେମିକ ଆଉ ଜଣେ ପ୍ରେମିକକୁ ଛୁରା ମାଡ କରି, ରକ୍ତାକ୍ତ କରି ଦେଇଛି । ପ୍ରେମିକା ପାଇଁ ଦୁଇ ପ୍ରେମିକଙ୍କ ଏହି ରକ୍ତାକ୍ତ ସଂଘର୍ଷ ଘଟିଛି ଭୁବନେଶ୍ୱର ଶୈଳଶ୍ରୀ ବିହାର ଅଞ୍ଚଳରେ । ଆହତ ଯୁବକ ହେଉଛନ୍ତି ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଗୌରୀଶଙ୍କର ଲେଙ୍କା । ସୂଚନା ଅନୁସାରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଗୌରୀଶଙ୍କର ଲେଙ୍କା ଓ ପ୍ରିୟରଞ୍ଜନ ନାୟକ ଦୁହେଁ ବିଟେକ ପଢୁଛନ୍ତି । ତେବେ ଦୁହେଁ ଜଣେ ଯୁବତୀକୁ ଭଲ ପାଉଥିବାରୁ ଏହାକୁ ନେଇ ଗଣ୍ଡଗୋଳ ହୋଇଥିବା ଜଣାପଡିଛି । ଶୈଳଶ୍ରୀ ବିହାର ଅଞ୍ଚଳରେ ଗୌରୀଶଙ୍କର ଓ ପ୍ରିୟରଞ୍ଜନ ପ୍ରେମିକା ପାଇଁ ମାରପିଟ ହୋଇଥିଲେ । ଏହି ସମୟରେ ଏକ ଛୁରୀରେ ଗୌରୀଶଙ୍କର ଲେଙ୍କାକୁ ଆକ୍ରମଣ କରିଥିଲା ପ୍ରିୟରଞ୍ଜନ । ଛୁରୀ ଆକ୍ରମଣରେ ଗୌରୀଶଙ୍କରଙ୍କ ପିଠି ଓ ହାତରେ ଗଭୀର ଆହତ ହୋଇଥିବା ଜଣାପଡିଛି । ଖବର ପାଇ ଚନ୍ଦ୍ରଶେଖର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଯୁବକଙ୍କୁ ଅଟକ ରଖି ପଚରା ଉଚରା କରୁଛି ।

# ରେଳବାଇ-ଏନଟିପିସି ଓ ଗ୍ରୁପ-ଡି ପଦ ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ

## ୨୦୧୯ ମସିହା ଆବେଦନକାରୀ ପ୍ରାର୍ଥୀଙ୍କ ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,୨୮/୧ (ନି.ପ୍ର): ରେଳବାଇ-ଏନଟିପିସି ଓ ଗ୍ରୁପ-ଡି ପଦ ପାଇଁ ରେଳବାଇ ନିଯୁକ୍ତି କମିଟିର ଚଞ୍ଚକତାପୂର୍ଣ୍ଣ କାର୍ଯ୍ୟଧାରାକୁ ନେଇ ୨୦୧୯ ମସିହା ଆବେଦନକାରୀଙ୍କ ପକ୍ଷରୁ ବାଲେଶ୍ୱରରେ ଆଜି ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଶତାଧିକ ଆବେଦନକାରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଷ ଉଦଗାର ସହ କିଛି ସମୟ ଧରି ସେଠାରେ ରାସ୍ତାରୋକ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ରେଳ ମନ୍ତ୍ରାଳୟର ବିଜ୍ଞପ୍ତିକୁ ଭିତ୍ତି କରି ଗତ ୨୦୧୯ ମସିହା ଫେବୃଆରୀ ମାସରେ ବିଭିନ୍ନ ପଦର ଚାକିରୀ ପାଇଁ ଆବେଦନ କରିଥିଲେ। ତନ୍ମଧ୍ୟରୁ ଉଚ୍ଚ ପଦଗୁଡ଼ିକ ପାଇଁ କରୋନା ଦ୍ୱିତୀୟ ଲହର ସମୟରେ ଗୋଟିଏ ପରୀକ୍ଷା କରାଯାଇ ଫଳ ପ୍ରକାଶିତ ହେଲା। ମାତ୍ର ପ୍ରକାଶିତ ଏହି ଫଳ ସନ୍ଦେହଜନକ ଥିଲା ବୋଲି ସେମାନେ ଆରୋପ ଉଠାଇଛନ୍ତି। ଜଣେ ଜଣେ ପ୍ରାର୍ଥୀଙ୍କ ନାମରେ ୪ଟି ପଦ ପାଇଁ ଫଳ ପ୍ରକାଶ ପାଇଥିବା ବେଳେ ମେଧାବୀ ପରୀକ୍ଷାର୍ଥୀଙ୍କ ନାମ ସେହି ତାଲିକାରୁ ବାଦ ପଡ଼ିଥିଲା। ସେହି ଭଳି ଗ୍ରୁପ-ଡି ପଦ ପାଇଁ ଚଳିତ ଜାନୁଆରୀରେ ଆରଆରସି ଏବେ ୨ଟି ପରୀକ୍ଷା ପାଇଁ ଘୋଷଣା କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଆବେଦନକାରୀ କହିଛନ୍ତି। ପ୍ରଥମେ ପ୍ରାଥମିକ ଓ ପରେ ମେନ ପରୀକ୍ଷା ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସମଗ୍ର ଦେଶରେ ଏକ କୋଟିରୁ ଅଧିକ ଆବେଦନକାରୀ ପ୍ରାର୍ଥୀ ଏବେ ଏହାର ପ୍ରତିବାଦ କରିଥିବା ବେଳେ ଜାନୁଆରୀ ୨୫ରେ ରେଳ ମନ୍ତ୍ରାଳୟ ପ୍ରାର୍ଥୀଙ୍କୁ ଚାକିରୀ ନ ଦେବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନର ଧମକ ଦେଇଥିଲେ। ଅନ୍ୟ ପକ୍ଷରେ ଜାନୁଆରୀ ୨୬ ତାରିଖରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୃପ୍-ଡି ପାଇଁ ୨୩ ଫେବୃଆରୀରୁ ପର୍ଯ୍ୟାୟ କ୍ରମେ ହେବାକୁ ଥିବା ପରୀକ୍ଷା ବାତିଲ ଘୋଷଣା ସହ ଏହାର ତଦାରଖ ନମନ୍ତେ ଏକ କମିଟି ଗଠନ କରିଥିବା ପ୍ରାର୍ଥୀମାନେ କହିଛନ୍ତି। ନିଜ ତ୍ରୁଟି ଓ ଅନିୟମିତତାର ଘଣ୍ଟ ଘୋଡ଼ାଇବା ପାଇଁ ରେଳ ମନ୍ତ୍ରାଳୟ ପକ୍ଷରୁ ଉଦ୍ୟମ ହେଉଛି ବୋଲି ବିକ୍ଷୋଭକାରୀ ପ୍ରାଥୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାକୁ ବାତିଲ ସହ ଉଚ୍ଚ ପଦ ପାଇଁ ହୋଇଥିବା ଗୋଟିଏ ପରୀକ୍ଷା ଭଳି ଗ୍ରୁପ-ଡି କ୍ଷେତ୍ରରେ ଲାଗୁ ନିମନ୍ତେ ସେମାନେ ଦାବି କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଦାବି ପୂରଣ ନହେଲେ ଆବେଦନକାରୀ ପ୍ରାର୍ଥୀ ସଂଘ ତୀବ୍ର ଆନ୍ଦୋଳନକୁ ଓହଲାଇବ ବୋଲି ସେମାନେ ଚେତବାନୀ ଦେଇଛନ୍ତି। ଏନେଇ ସେମାନେ ରେଳମନ୍ତ୍ରୀ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଆଜିର ଏହି ବିକ୍ଷୋଭରେ ଶାନ୍ତନୁ ଦାସ, ପ୍ରଦୀପ ବାରିକ, ଲଳିତ ମାହାନ୍ତ, କମଳ ଲୋଚନ ପଣ୍ଡାଙ୍କ ସମେତ ଛାତ୍ର ସଂଗଠନ ଏଆଇଏସଏଫର ରାଜ୍ୟ ସଭାପତି ସଂଘମିତ୍ରା ଜେନା, ଜବହାରଲା ନେହେରୁ ବିଦ୍ୟାଳୟ ଶିକ୍ଷକ ସଂଘର ପୂର୍ବତନ ସଭାପତି ଅଜୟ ପଟ୍ଟନାୟକ, ଓଜେଟା ରାଜ୍ୟ କାର୍ଯ୍ୟକାରୀ ସଭାପତି ମନୋଜ କୁମାର କର, ଏଆଇଟିୟୁସିର ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେଶ ମଲ୍ଲିକ,ସନ୍ତୋଷ ଦାଶ, ପ୍ରଶାନ୍ତ କୁମାର ଜେନା, ନିର୍ମାଲ୍ୟ ପାତ୍ର, ମାନସ ମାଝୀ, ଚିନ୍ମୟ ସାହୁ, ବିଷ୍ଣୁ ସାହୁ, ମିଥୁନ ଗିରି, ରଞ୍ଜିତ ପାଲ, ସନ୍ଦୀପ ପ୍ରଧାନ, ସାଗର କୁମାର ପାତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସର ଜିଲ୍ଲା କମିଟି ଗଠିତ

ବଲାଙ୍ଗିର,୨୮/୧ (ନି.ପ୍ର): ଗତକାଲି ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ କମିଟି ତରଫରୁ ନୂତନ ଜିଲ୍ଲା କମିଟି ଚୟନ ହୋଇଯାଇଛି ଓ ଏଥିରେ ପ୍ରାୟ ୫୮ ଜଣ ଛାତ୍ର ନେତାଙ୍କୁ ବିଭିନ୍ନ ପଦ ପଦବୀ ପାଇଁ ମନୋନୀତ କରାଯାଇଛି । ଏହି ପ୍ରକାଶ ପାଇଥିବା ସୂଚୀରେ ମୁଖ୍ୟତଃ ଜିଲ୍ଲା ଛାତ୍ର କଂଗ୍ରେସ କମିଟି ପ୍ରବକ୍ତା ଭାବେ ନୀତିଶ ପଧାନ, ଜିଲ୍ଲା ଛାତ୍ର କଂଗ୍ରେସ କମିଟି ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ସୁଜିତ କୁମ୍ଭାର, ସହସଂଯୋଜକ ଭାବେ ଉମେଶ ମହାପାତ୍ର, ସାହିଲ କୁମ୍ଭାର, ଆଶୁତୋଷ ମହାକୁର, ଜିଲ୍ଲା ଛାତ୍ର କଂଗ୍ରେସ କମିଟି ଉପସଭାପତି ଭାବେ ଟୁଲୁ ସେନ, ନିରଞ୍ଜନ ମିଶ୍ର, ସୁମିତ ପଟ୍ଟନାୟକ, ରାକେଶ ସେଠ, ପିନାୟକ ଶଙ୍କର ବିଶି, ଦୟାସାଗର ପଟେଲ, ସନତ ପଧାନ, ଶଙ୍କିତ ଶର୍ମା, କେଶବ ସୁନା, ବିପୁଲ ରାହା, ପ୍ରତୀକ ନାୟକ, ଆର୍ତ ଘିବେଲା, ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଓମ୍ ରାଉତ, କୁନାଲ ଛତ୍ରିଆ, ରୁଦ୍ର ପ୍ରସାଦ ପୁଞ୍ଜି, ମନୋରଞ୍ଜନ ପଧାନ, ଜିହସିୟା ନାଗ, ସୁମନ୍ତ ବିଭାର, ତୁଷାର କୁମ୍ଭାର, ଓମ୍ ବିଶ୍ୱାଲ, ସୁରେଶ ସିଂ, ବାଦଲ ଦାଶ, ବିକାଶ କୁମାର ବଇକର, ମୁକେଶ ବେହେରା, ଅଭିନାଶ ବେହେରା, ଦିବ୍ୟ ରଞ୍ଜନ ବେହେରା, ମୋହିତ ସେଠ, ଆଶିଷ ଦଲାଇ, ଜିଲ୍ଲା ସମ୍ପାଦକ ଭାବେ ଶଙ୍କର ବିଶି, ଗୌରଭ ଶର୍ମା, ଅମ୍ରମ କଶ୍ୟପ, ସାଲମ ଏସ୍ ସୋଲୋମନ, ଅଜୟ ନାଗ, ଅମନ ମିଶ୍ର, ସଚିନ ସାହୁ, ଲବଣି ପଧାନ, ମନ ରଞ୍ଜନ ପଧାନ, କିଶନ ମୁଗ୍ରୀ, ରଞ୍ଜନ କୁମ୍ଭାର ହୋରୋ, ହରିଷ ନାଗ, ଲବଣି ନାଏକ, ରସିକ ପଳିତା, ଶୁଭଙ୍କର ବାଗ, ସାହିଦ ଖାନ, ବନମାଳି ସାହୁ, ଅମୀୟ ପଟେଲ, ରଞ୍ଜନ ବିଶ୍ୱାଲ, ରାମ ନାରାୟଣ ସାହୁ, ଅଞ୍ଜନ ବିଶ୍ୱାଳ, ଆଶିଷ ମହାରଣା, ଅଂଶୁମାନ ମହାନା, ଶୁଭେନ୍ଦ୍ର ମଲ, ବେଦବ୍ୟାସ ବାରିକ ପ୍ରମୁଖ କମିଟିରେ ସ୍ଥାନ ପାଇଛନ୍ତି । ଏଥି ପାଇଁ ବିଭିନ୍ନ ପଦ ପଦବୀରେ ମନୋନୀତ ହୋଇଥିବା ନୂତନ ସଦସ୍ୟବୃନ୍ଦ କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସଂପାଦକ ସମରେନ୍ଦ୍ର ମିଶ୍ର, କଂଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ କମିଟି ସଭାପତି ୟାଶୀର ନବାଜ, ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ ପ୍ରଭାରୀ ମିସ୍ ଅନୁଲେଖା ବୋଷା ଜି ଏବଂ ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କୁ ଧନ୍ୟବାଦ ଜଣେଇବା ସହ ଆଗାମୀ ଦିନରେ ଛାତ୍ର ଛାତ୍ରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ରାଜ ରାସ୍ତାରେ ଲଢେଇ ଜୋରଦାର କରିବେ ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି ।

# ଆଦିବାସୀ ଲୋକଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର,୨୮/୧ (ନି.ପ୍ର): 'ମାରାଂବୁରୁ ଆଦିବାସୀ ଓ ହରିଜନ ବିକାଶ ଲୋକମଞ୍ଚ' ପକ୍ଷରୁ ଚାନ୍ଦମାରୀ ପଡ଼ିଆରେ ଆୟୋଜିତ ଦୁଇଦିନିଆ ଆଦିବାସୀ ଉତ୍ସବ ଉଦଯାପିତ ହୋଇଯାଇଛି । ସହସ୍ରାଧିକ ମହିଳା ପୁରୁଷମାନେ ପାରମ୍ପରିକ ନୃତ୍ୟ ଓ ବାଦ୍ୟ ପରିବେଷଣରେ ଉତ୍ସବ ସ୍ଥଳ ପ୍ରକମ୍ପିତ ହୋଇଥିଲା । ଦୁଇଦିନିଆ ଉତ୍ସବର ପ୍ରଥମ ଦିନରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବିଜୟୀଦଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଚମ୍ପିୟନ ହୋଇଥିବା ଶୋଭାରାମପୁର ଦଳ ଓ ରନର୍ସ ଅପ ଫକୀରମୋହନ ନଗରର ଗେମ ଫାଇଟର ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଓକିଲ ସଂଘର ସହ ସମ୍ପାଦକ ସୂର୍ଯ୍ୟକାନ୍ତ କର, ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ପୂର୍ବତନ କାଉନସିଲର ରଞ୍ଜିତା ମହାପାତ୍ର, ବ୍ୟାସକବି ନଗର ବିକାଶ ପରିଷଦର ଉପ-ସଭାପତି ଜିତେନ୍ଦ୍ର ଉପାଧ୍ୟାୟ, ଯୁବ ବ୍ୟବସାୟୀ ଭଗବାନ ମହନି, ସମାଜସେବୀ ରାଜେଶ ଭୋଇ ଓ ରଜତ ପରିଡ଼ା ପ୍ରମୁଖ ଉତ୍ସବରେ ଯୋଗଦେଇ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଦୁଲାରୀ ମୁର୍ମୁ, ମହାନ୍ତି ମାଝୀ, ଗେଡ଼ା ମୁର୍ମୁ, ଧିରେନ୍ଦ୍ର ବାରିକ ଓ କାହ୍ନୁ ସୋରେନ୍ ପ୍ରମୁଖ ସହଯୋଗ କରିଥିଲେ । ପୂର୍ବାହ୍ନରେ ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ ଜାତୀୟ ପତାକା ଓ ସମବେତ ଜାତୀୟ ସଂଗୀତ ଗାନ କରାଯାଇଥିଲା ।

# ପୁରୀ କେବଳ ଆଧ୍ୟତ୍ମିକ ପୀଠ ନୁହେଁ : ବହୁ ସଂଗ୍ରାମୀଙ୍କ କର୍ମ ପୀଠ

ପୁରୀ,୨୮/୧ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ପୀଠ ଶ୍ରୀକ୍ଷେତ୍ର ପୁରୀ କେବଳ ଆଧ୍ୟତ୍ମିକପୀଠ ନୁହେଁ। ବରଂ ବହୁ ସଂଗ୍ରାମୀଙ୍କ କର୍ମପୀଠ ଭାବେ ଅଲିଭା ସ୍ୱାକ୍ଷର ବହନ କରିଛି। ଭାରତର ସ୍ୱାଧୀନତା ଓ ରାଷ୍ଟ୍ର ଗଠନରେ ଅବିଭକ୍ତ ପୁରୀଜିଲ୍ଲାର ମହାନ ବିପ୍ଳବୀ ଜୟୀ ରାଜଗୁରୁ ,ବକ୍ସି ଜଗବନ୍ଧୁ,ଚାଖି ଖୁଣ୍ଟିଆ,ଉତ୍କଳମଣୀ ଓ ପଞ୍ଚଶଖା ପ୍ରଭୃତିଙ୍କ ଅବଦାନ ଉତ୍ତର ପିଢି ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି ରାଜ୍ୟ ଜଳସମ୍ପଦ,ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ତାଳବଣିଆ ସ୍ଥିତ ଇନ୍‌ଡୋର ଷ୍ଟାଡ଼ିୟମଠାରେ ୭୩ତମ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ଅବସରରେ ମନ୍ତ୍ରୀ ଶ୍ରୀଦାସ୍ ଉପରୋକ୍ତ ମତବ୍ୟକ୍ତ ଦେଇଥିଲେ। ଜାତିର ଜନକ ମହାତ୍ମାଗାନ୍ଧୀ,ପଣ୍ଡିତ ନେହେରୁ,ନେତାଜୀ ସୁଭାଷ ଚନ୍ଦ୍ର ବୋଷ,ସର୍ଦ୍ଦାର ବଲ୍ଲଭଭାଇ ପଟେଲ,ମୌଲନା ଆଜାଦ,ଡ଼ଃ ଅମ୍ବେଦକର,ସରୋଜୀନି ନାଇଡୁ,ଡ଼ଃ ରାଜେନ୍ଦ୍ର ପ୍ରସାଦ, ଉତ୍କଳମଣି ଗୋପବନ୍ଧୁ ଦାସ,ଗୋପବନ୍ଧୁ ଚୌଧୁରୀ,ବିର୍ସା ମୁଣ୍ଡା,ସହିଦ ଲକ୍ଷ୍ମଣ ନାୟକ,ମା' ରମାଦେବୀ,ରଘୁ ଦିବାକର,ମାଳତୀ ଚୌଧୁରୀ,ଡ଼ଃ ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କ ଭଳି ମହାନ ସଂଗ୍ରାମୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଥିଲେ ଯେ,ଏହି ମହାନ ଜାତୀୟତାବାଦୀ ଦେଶପ୍ରେମୀମାନଙ୍କ ଅବିରତ ସଂଗ୍ରାମ, ତ୍ୟାଗ ଓ ବଳିଦାନର ଫଳ ସ୍ୱରୂପ ମିଳିଛି ସ୍ୱାଧୀନତା ଓ ସମ୍ବିଧାନ। ସାଧାରଣତନ୍ତ୍ର ଦିବସ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ଦିନ ବୋଲି ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ ଯେ ଆମ ସମ୍ବିଧାନ ହେଉଛି ଦେଶର ବୁଦ୍ଧିଜୀବୀ,ଚିନ୍ତାନାୟକ, ରାଷ୍ଟ୍ରନୀତିଜ୍ଞ ଓ କିମ୍ବଦନ୍ତୀ ନେତୃବର୍ଗଙ୍କ ଫଳ ପ୍ରସୂ ନିଷ୍କର୍ଷ।ଏହି ବୃହତ ସମ୍ବିଧାନ ଆମଜାତିର ପ୍ରାଣପିଣ୍ଡ। ଚଳିତବର୍ଷ ସମଗ୍ରଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ କରୁଛି। ମହାନସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀକୁ ଦେଶ ପରାକ୍ରମ ଦିବସ ଭାବେ ପାଳନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ପୁରୀସ୍ଥିତ ନେତାଜୀ ମ୍ୟୁଜିୟମ୍ ଏହି ମହାନ ସଂଗ୍ରାମୀଙ୍କ ଅଭୁଲା ଅତୀତ ଓ ପୁରୁଣା ସାଇତା ସ୍ମୃତି ବହନ କରୁଛି ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ କରୋନା ଯୋଦ୍ଧା ଭାବେ ଜିଲ୍ଲାର ସମସ୍ତ ଡ଼ାକ୍ତର, ନର୍ସ, ଫାର୍ମାସିଷ୍ଟ,ପୁଲିସ ,ଆଶା, ଅଙ୍ଗନବାଡ଼ି କର୍ମୀ,ସଫେଇ କର୍ମଚାରୀ,ରେଡ଼କ୍ରସ୍ ପାଇଁ ସର୍ବାଧିକ ପାଣ୍ଠି ସଂଗ୍ରହରେ ସହଯୋଗ ଲାଗି ଜିଲ୍ଲା ଅବକାରୀ ଅଧିକ୍ଷକ ଅମରେନ୍ଦ୍ର ଜେନା,ହୁଇଲ ଚେୟାରରେ ଦିନକରେ ୨୫୪.୧ କିଲୋମିଟର ଯାତ୍ରା କରି ଗିନିଜ୍ ବୁକ ରେକର୍ଡ଼ କରିଥିବା ବ୍ରହ୍ମଗିରିର କମଳାକାନ୍ତ ନାୟକଙ୍କୁ ୩୦ହଜାର ଟଙ୍କା ପ୍ରଦାନ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ଦାଶ ପ୍ୟାରେଡ୍ ପରିଚାଳନା କରିଥିଲେ। ପରେ ମୁଖ୍ୟଅତିଥି ଉତ୍କଳବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ସହିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପ୍ରାତଃ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ଗାନ କରାଯାଇଥିଲା ଓ ପୌରସଂସ୍ଥା ପକ୍ଷରୁ ସହରରେଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଅଫଲାଇନ ଯୁକ୍ତଦୁଇ ପରୀକ୍ଷାକୁ ବିରୋଧ : ଏଫଏମ କଲେଜ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ




ବାଲେଶ୍ୱର,୨୮/୧ (ନି.ପ୍ର): ତୃତୀୟ ଲହରରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବା ବେଳେ ସରକାରଙ୍କ ଅଫଲାଇନ ପରୀକ୍ଷା ନିଷ୍ପତ୍ତିକୁ ବିରୋଧ ସହ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗୁରୁବାର ବିକ୍ଷୋଭ କରିଛନ୍ତି। ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ସମବେତ ହୋଇ ବିକ୍ଷୋଭ ପ୍ରଦର୍ଶନ ଅଫଲାଇନ ପରୀକ୍ଷା ବନ୍ଦ ଦାବି କରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ କରୋନା ଯୋଗୁଁ ଦୀର୍ଘ ଦେଢ଼ବର୍ଷ ଧରି କଲେଜ ବନ୍ଦ ରହିବା ଯୋଗୁଁ ଆଦୌ ପାଠପଢ଼ା ହୋଇ ନାହିଁ। ଅଧ୍ୟାପକ ଅଧ୍ୟାପିକାମାନେ ସିଲାବସରେ ଥିବା ପାଠ୍ୟକ୍ରମରୁ ମାତ୍ର୧୦ ପ୍ରତିଶତ ପଢ଼ାଇ ନଥିବା ବେଳେ ଏବେ ଅଫଲାଇନ ପରୀକ୍ଷା କେମିତି ହେବ ବୋଲି ଛାତ୍ରଛାତ୍ରୀମାନେ ପ୍ରଶ୍ନ କରିଛନ୍ତି। ଅତଏବେ ଗତବର୍ଷ ଭଳି ଯୁକ୍ତଦୁଇରେ ପ୍ରଥମ ବର୍ଷର ଶ୍ରେଣୀ ପରୀକ୍ଷା ମାର୍କ ଆଧାରରେ ଫଳ ପ୍ରକାଶ ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ଦାବିପତ୍ର କଲେଜ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏହାର ଅବିକଳ ନକଲ ସ୍ଥାନୀୟ ବିଧାୟକ ଓ ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା।

# ଆଞ୍ଚଳିକ ଉନ୍ନୟନ ପରିଷଦର ଯୁଗାନ୍ତକାରୀ ପ୍ରୟାସ : ବରିଷ୍ଠ ପାଇଁ ନିର୍ମାଣ କରିବ ବୃଦ୍ଧାଶ୍ରମ

ଖଇରା,୨୮/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତର ଉନ୍ନତି ପାଇଁ ଅହରହ ଉଦ୍ୟମ କରିଆସୁଥିବା ଗଣ୍ଡିବେଡ ଆଞ୍ଚଳିକ ଉନ୍ନୟନ ପରିଷଦର ଏକ ନିଆରା ପଦକ୍ଷେପକୁ ନେଇ ସବୁରି ମୁହଁରେ ପ୍ରସଂଶା । ପରିବାରରେ ଅବହେଳିତ ବୁଢୀବୁଢାଙ୍କ ରକ୍ଷଣାବେକ୍ଷଣ ପାଇଁ ୨ପାଦ ଆଗେଇ ଆସିଛନ୍ତି । ଅଭିରାମ ପରମହଂସ ମଠ ନିକଟରେ ଏକ ବୃଦ୍ଧାଶ୍ରମ ପାଇଁ ଅଷ୍ଟା ଭିଡିବା ପରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏହାର ଭୂମିପୂଜନ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଛି । ପଣ୍ଡିତ ମଧୁସୁଦନ ଆଚାର୍ଯ୍ୟ ଓ ଅଭିରାମ ପରମହଂସ ମଠର ସଞ୍ଚାଳକ ବାବାଜୀ ଯୋଗାନନ୍ଦ ଦାସଙ୍କ ଦ୍ୱାରା ଉକ୍ତ ମାଙ୍ଗଳିକ କାର୍ଯ୍ୟ ଶେଷ ହୋଇଛି । ଭୁମି ପୁଜାସ୍ଥଳରେ ପୁର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟ ପୁରୋଧା ଥିବା ବେଳେ ମଦନମୋହନ ମହଲା, ଭାଗିରଥି ଦାସ, ପଦ୍ମଲୋଚନ ଜେନା, ରମାକାନ୍ତ ରାଉଳ, ମନୋରଞ୍ଜନ ମହାନ୍ତି, ବିଜୟକେତନ ନାୟକ, ମାନସରଞ୍ଜନ ରାଉଳ, ସୁବାସ ଚନ୍ଦ୍ର ପ୍ରଧାନ, ପଙ୍କଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଏହା ପୂର୍ବରୁ ମହାଦେବ ମନ୍ଦିର ପଡିଆରେ ସଂଗଠନର ପତାକା ଉତ୍ତୋଳନ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଅଧ୍ୟାପକ ଡ ଅଭୟ କୁମାର ମହାନ୍ତି,କୃଷ୍ଣଚନ୍ଦ୍ର ସାହୁ ଓ ଅଭିମନ୍ୟୁ ରାଉଳ ପ୍ରମୁଖ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।

# ସମସ୍ୟା ନେଇ ଜୟପୁର ପୌର କାର୍ଯ୍ୟନିବାହୀ ଅଧିକାରୀଙ୍କୁ ଦାବି

ଜୟପୁର,୨୮/୧ (ନି.ପ୍ର): ଜୟପୁର ସହରର ବିଭିନ୍ନ ସମସ୍ୟା ନେଇ ପୌର କାଯ୍ୟନିବାହୀ ଅଧିକାରି ଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଯୁବ ସଂଗଠନର ଆବାହକ ରବିନ୍ଦ୍ର ମହାପାତ୍ର ୩ ଦଫା ଦାବି ପତ୍ର ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଜୟପୁର ସହର ଜୟନଗର ହରିଜନ ସାହିରେ ପ୍ରାୟ ୨ ଶହ ରୁ ଉର୍ଦ୍ଧ ପିରବାର ଜଗନ୍ନାଥ ସାଗର ଏବଂ ପାଖ ପଡିଆରେ ଶୈଚ କରୁଛନ୍ତି । ଏନେଇ ବାରମ୍ବାର ଦାବୀ ପରେ ହରିଜନ ସାହି ସେବାଶ୍ରମ ସ୍କୁଲ ନିକଟରେ କମ୍ୟୁନିଟି ଟୟଲେଟ ନିର୍ମାଣ ପାଇଁ ୩ ବର୍ଷ ତଳେ ପୌର ପାଳିକା ତରଫରୁ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ହେବା ପରେ ନିର୍ମାଣ କାଯ୍ୟ ଆରମ୍ଭ ହେଲା ଓ ଗୃହ ମଧ ଦେଢ ବର୍ଷ ତଳେ ସମାପ୍ତ ହେଲା । ଗୃହ ନିର୍ମାଣ ହୋଇ ଶେଷ ହୋଇଥିଲେ ମଧ ଶୌଚାଳୟରେ ପାଣିର ବ୍ୟବସ୍ଥା ନାହିଁ । ଫଳରେ ଶୌଚାଳୟ ଖୋଲାଯାଇ ପାରୁ ନାହିଁ । ଯାହାଫଳରେ ୨ ଶହ ପରିବାରର ଲୋକ ଆଜିବି ଜଗନ୍ନାଥ ସାଗର ଓ ଆଖପାଖ ପଡିଆରେ ଶୌଚ କରିବାକୁ ବାଧ ହେଉଛନ୍ତି । ଜୟପୁର ପୌରପରିଧଶ ବାହ୍ୟମଳ ମୁକ୍ତ ଅଂଚଳ ବୋଲି ରାଜ୍ୟ ସ୍ତରରୁ ପୁରସ୍କୃତ ହୋଇଥିବା ସମୟରେ ଜୟନଗରରେ ଏଭଳି ଅବସ୍ଥା ହେତେ ଦୁର ଗ୍ରହଣିୟ ବୋଲି ଯୁବକ ସଂଗଠନ ତରଫରୁ ପ୍ରଶ୍ନ କରାଯାଇଛି । ତେଣୁ ଶୌଚାଳୟ ରେ ପାଣି ବ୍ୟବସ୍ଥା କରି ଉଦଘାଟନ କରିବାକୁ ଦାବୀ କରାଯାଇଛି । ସେହିପରି ଜୟପୁର ସହରର ପୁରୁଣାଗଡ କାଳି ମନ୍ଦିର ଠାରୁ କେନାଲ ଛକ ଯାଏ ରାସ୍ତା ଓ ଡ୍ରେନ ନିର୍ମାଣ ସକାଶେ ୧ବର୍ଷ ହେବ ଟେଣ୍ଡର ହୋଇଥିଲେ ମଧ କାଯ୍ୟ ହୋଇ ନାହିଁ । ଏହି ରାସ୍ତା ସାରା ଖାଲ ଖାମା ରେ ରହିଛି । ଏହି ରାସ୍ତାରେ ପ୍ରସିଦ୍ଧ ମନ୍ଦିର ସବୁ ରହିଛି । ପ୍ରେତ୍ୟକ ଦିନ ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି । ତେଣୁ ଏହି ରାସ୍ତା ତୁରନ୍ତ ମରମତି କରିବାକୁ ଦାବୀ କରାଯାଇଛି । ସେହିପରି ସହରର ଲିଙ୍ଗରାଜ ନଗର ଝୁପୁଡି ଲାଇନରେ ରାସ୍ତା ଓ ଡ୍ରେନ ନିର୍ମାଣ ନିମନ୍ତେ ଟେଣ୍ଡର ହୋଇ ୧ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ଯାଏ ନିର୍ମାଣ କାଯ୍ୟ ଆରମ୍ଭ ହୋଇ ନାହିଁ । ଡ୍ରେନ ନଥିବା ଯୋଗୁଁ ବର୍ଷା ଦିନରେ ଲୋକଙ୍କ ଘର ଭିତରେ ପାଣି ପସୁଛି । ତେଣୁ ତୁରନ୍ତ ରାସ୍ତା ଓ ଡ୍ରେନ ନିର୍ମାଣ କରିବାକୁ ଦାବି କରାଯାଇଛି ।

# ଦୁର୍ନୀତି ଭ୍ରଷ୍ଟାଚାରରେ ଅତିଷ୍ଠ ଖଇରା ଓ ସିମୁଳିଆବାସୀ

## ୭ଟି ଜିଲ୍ଲାପରିଷଦ ଓ ୨ବ୍ଲକ ଦଖଲ କରିବ ବିଜେପି

ଖଇରା,୨୮/୧ (ନି.ପ୍ର): ସିମୁଳିଆ ନର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଇରା ସିମୁଳିଆର ପ୍ରତ୍ୟେକ ଯୋଜନାରେ ବାଟମାରଣା ଓ ଦୁର୍ନିତି ଚାଲିଛି । ହାଇମାକ୍ସ ଲାଇଟ ଲାଗାଇବା ହେଉ କି ପ୍ରଧାନମନ୍ତ୍ରୀ ଆବାସ କି ବାର୍ଦ୍ଧକ୍ୟବିଧବା ଭତ୍ତା ପ୍ରତ୍ୟେକଟି ଯୋଜନାରେ ଶାସକ ଦଳ ଜାଲିଆତି କରୁଛି । ଦୁର୍ନିତି ଓ ଭ୍ରଷ୍ଟାଚାରରେ ଉଭୟ ବ୍ଲକର ଜନସାଧାରଣ ଅତିଷ୍ଠ ହୋଇ ସାରିଲେଣି । ଏଣୁ ଏଥର ପଞ୍ଚାୟତ ନିର୍ବାଚନ ରେ ଭୋଟରମାନେ ଦୁର୍ନିତିରେ ବିରୋଧରେ ଅର୍ଥାତ ସ୍ୱଚ୍ଛ ଶାସନ ପାଇଁ ବିଜେପି ତଥା ବିଜେପି ସମର୍ଥୀତ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ପଡିବ । ଭାଜପା ସମସ୍ତ ୭ଗୋଟି ଜିଲା ପରିଷଦ ଆସନ ଏବଂ୨ ପଞ୍ଚାୟତ ସମିତି ଦଖଲ କରିବ ବୋଲି ବିଶିଷ୍ଟ ବିଜେପି ନେତା ତଥା ବିଜେପି ବିଧାୟକ ପ୍ରାର୍ଥି ପଦ୍ମଲୋଚନ ପଣ୍ଡା ଦାବୀ କରିଛନ୍ତି । ନିକଟରେ ବର୍ତ୍ତନା ଓ ବରଦାରେ ତାଙ୍କ ଦଳ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ମାନେ ନିର୍ଦ୍ୱନ୍ଦରେ ବିଜୟୀ ହେବା ପରିବର୍ତ୍ତନର ସୂଚନା ବୋଲି ପ୍ରକାଶ କରିଛନ୍ତି । ବୁଧବାର ଖଇରା ଭାଜପା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳ ଜିଲା ପରିଷଦ ପ୍ରାର୍ଥୀ ତଥା ଦଳ ସମର୍ଥୀତ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀ ଘୋଷଣା କରିବା ଅବସରରେ ଉପରୋକ୍ତ ବିଷୟ ଉଲ୍ଲେଖ କରିଛନ୍ତି । ୟାସ ବାତ୍ୟା ଓ ବନ୍ୟାରେ ଖଇରା ବ୍ଲକରେ ବିଭିନ୍ନ ରାସ୍ତାଘାଟର ମରାମତି ଓ ପୁନରୁଦ୍ଧାର ପାଇଁ ପାଖାପାଖି ୬୮କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମରାମତି ବଦଳରେ ନୂତନ ରାସ୍ତା ନିର୍ମାଣ କରାଯିବା ସହ ଖଇରା ବ୍ଲକ ରେ ଅଫିସ ଗୃହ ମରାମତି ନାମରେ ୩୫ଲକ୍ଷ ଟଙ୍କା ହେରଫେର ପାଇଁ ଉଦ୍ୟମ କରାଯାଉଥିବା ନେଇ ଗଣମାଧ୍ୟମ ଆଗରେ ଅଭିଯୋଗ କରିବା ସହ ଏହାର ତଦନ୍ତ ପାଇଁ ସେ ଭିଜିଲାନ୍ସକୁ ଲିଖିତ ଭାବେ ଜଣାଇଥିବା କହିଥିଲେ । ଶାସକ ଦଳର ଏଭଳି ଦୁର୍ନିତରେ ବ୍ଲକ ପ୍ରଶାସନ ମଧ୍ୟ ସାମିଲ ଅଛନ୍ତି ବୋଲି କହିଛନ୍ତି । ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମୃତ୍ୟୁରେ ଜଙ୍ଗଲ ପରିବେଶ ମନ୍ତ୍ରୀ ବିକ୍ରମଆରୁଖଙ୍କ ଭୂମିକା ଓ ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ମନ୍ତ୍ରୀଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠାଇବା ସହ ପଞ୍ଚାୟତ ନିର୍ବାଚନରେ ଖଇରାବାସୀ ଏହାର ଜବାବ ଦେବେ ବୋଲି କହିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ୪ନଂ ଜୋନ ଜିଲାପରିଷଦ ପ୍ରାର୍ଥୀ ରାଜେଶ କୁମାର ରାଉତ,ତୁଡିଗଡିଆ ୫ନଂ ଜୋନ ଜିଲା ପରିଷଦ ପ୍ରାର୍ଥୀ ଇଂ ରାଜେଶ ମହାକୁଡ,କୁପାରୀ ମଣ୍ଡଳ ସଭାପତି ପତିତପାବନ କର,ଯୁବନେତା ନିଳମାଧବ ପଣ୍ଡା,ତୁଡିଗଡିଆ ମଣ୍ଡଳ ସଭାପତି ମହେଶ୍ୱର ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

# ୯ ନଂ କେନାଲ ବନ୍ଧ ରାସ୍ତା ଭାଙ୍ଗି ଚୁରମାର୍

ସାଲେପୁର,୨୮/୧ (ନି.ପ୍ର): କଟରପଡା ପଂଚାୟତ ପିଠାପଡା ଗ୍ରାମ ୧୦ ନଂ ୱାର୍ଡର ଦଳିତ ସାହି ଢଳେଇ ରାସ୍ତା ଭାଙ୍ଗି ଚୁରୁମାର ହୋଇଛି । ୯ ନଂ କେନାଲ ବନ୍ଧ ରାସ୍ତାକୁ ପଂଚାୟତ ପକ୍ଷରୁ ଢଳେଇ ରାସ୍ତା କରାଯାଇଥିଲା । ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ସଠିକ୍ ତଦାରଖ କରାଯାଇନଥିବାରୁ ଠିକାଦାର ଜଣକ ମନମୁଖୀ ଭାବେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଥିଲେ । ସରକାରୀ ନିୟମାନୁଯାୟୀ ଏହି ରାସ୍ତାରେ ମେଂଟାଲ ଓ ଚିପ୍ସର ଉଚ୍ଚତା ଠିକ୍ ଭାବେ ହୋଇନଥିବା ବେଳେ ଢଳେଇ ମିଶ୍ରଣରେ ମଧ ସିମେଂଟ, ଗୋଡି, ବାଲି ଠିକ୍ ଭାବେ କରାଯାଇନଥିଲା । ଯାହାଦ୍ୱାରା ରାସ୍ତା ମଝିରୁ ଏହା ଭାଙ୍ଗିଯାଇଥିବା ଦେଖାଯାଇଛି । ରାସ୍ତାର ଅବସ୍ଥା ଏଭଳି ହୋଇଥିବାରୁ ସାଧାରଣରେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧା ଦେଖାଦେଇଛି । ନିର୍ବାଚନ ପୂର୍ବରୁ ଉକ୍ତ ରାସ୍ତାକୁ ସଠିକ୍ ଭାବେ ନିର୍ମାଣ କରାନଗଲେ ଏହି ଦଳିତ ସାହିର ଲୋକମାନେ ଭୋଟ ବର୍ଜନ କରିବେ ବୋଲି ପ୍ରକାଶ କରିଛନ୍ତି । ରାସ୍ତାର ଏଭଳି ଅବସ୍ଥା ସଂକ୍ରାନ୍ତରେ ଏହି ୱାର୍ଡର ଜିତେନ୍ଦ୍ର ସେଠୀ, ଶରତ ସେଠୀ, ଗୁରୁଚରଣ ସେଠୀ ଓ ଗଂଜନ ସେଠୀଙ୍କ ସମେତ ସମସ୍ତ ବାସିନ୍ଦା ଅଭିଯୋଗ କରିଥିବା ଜଣାଯାଇଛି ।

# ଭୁଷୁଡିଲା କୋଲାବର ଶାଖା କେନାଲ

ଜୟପୁର,୨୮/୧ (ନି.ପ୍ର): ଜୟପୁର ସହର ନିକଟରେ କୋଲାବର ଶାଖା କେନାଲ ଭୁଷୁଡିଛି । । ବଙ୍ଗଳାବାଡ- ସୌରାଗୁଡା ମଧ୍ୟରେ ଭୁଷୁଡିଛି କେନାଲ । କେନାଲର ପାଣି ଜମିରେ ମାଡିଯାଇଛି । କେନାଲ ମରା ମତି ନ ହେଉଥିବାରୁ ଏପରି ଘଟଣା ବାର ବାର ଘଟୁଛି । ଓ ଚାଷି ମାନେ ନାହିଁ ନଥିବା ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି । ତେଣୁ ବିଭାଗ ଅଧିପ୍ରତି ଦୁରୁତ୍ୱ ଦେଇ ଦୁବଳ କେନାଲ କୁ ତୁରନ୍ତ ମରାମତି କରିବାକୁ ବିଭିନ୍ନ ମହଲରେ ଦାବୀ ହୋଇଛି । ଜମିରେ ବାଲି ଚର ହୋଇଯାଇଛି ।

# ବଢ଼ାନ୍ତୁ ପିଲାଙ୍କ ସ୍ମରଣ ଶକ୍ତି

**ପିଲାଙ୍କ ସ୍ମରଣ ଶକ୍ତି ବୃଦ୍ଧି କରିବା ସହିତ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବାକୁ ଚାହୁଁଥିଲେ ସେମାନଙ୍କୁ କିଭଳି ଖାଦ୍ୟ ଦିଆଯିବା ଉଚିତ ଆସନ୍ତୁ ଜାଣିବା....**



ବର୍ତ୍ତମାନ ଅଧିକାଂଶ ପିଲା ଜଙ୍କଫୁଡ ଖାଇବାକୁ ପସନ୍ଦ କରୁଛନ୍ତି । ଏହି କାରଣରୁ ସେମାନେ ଅଧିକ ପୋଷକତତ୍ତ୍ୱ ଥିବା ଖାଦ୍ୟଠାରୁ ଦୂରେଇ ଯାଉଛନ୍ତି । ଫଳତଃ ପିଲାମାନଙ୍କ ଶାରୀରିକ ବିକାଶର ଗତି ଧିମା ହୋଇଯାଛି । ଏହା ସହିତ ସେମାନଙ୍କର ମାନସିକ ବିକାଶ ମଧ୍ୟ ସଠିକ୍ ଭାବରେ ହୋଇପାରୁନାହିଁ ।

ଆମ ସମସ୍ତଙ୍କର ଇଚ୍ଛା, ଆମର ପିଲାମାନେ ପାଠପଢ଼ା ସାଙ୍ଗକୁ ଖେଳକୁଦରେ ଅନ୍ୟପିଲାମାନଙ୍କଠାରୁ ଭଲ କରନ୍ତୁ । ମାତ୍ର ସବୁ ଅଭିଭାବକଙ୍କର ଏହି ସ୍ୱପ୍ନ ସାକାର ହୋଇପାରେ ନାହିଁ । ସବୁ ପିଲା ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିପାରନ୍ତି ନାହିଁ । ଗୋଟିଏ ପିଲା ଖେଳଠାରୁ ପାଠପଢ଼ା ପର୍ଯ୍ୟନ୍ତ ସବୁଥିରେ ଆଗୁଆ ହେଉଥିବାବେଳେ ଅନ୍ୟ ପିଲାଟି ଏଥିରେ ପଛୁଆ ରହିଯାଏ । ସାଧାରଣତଃ ପିଲାମାନେ ଆଗକୁ ବଢ଼ିବାରେ ସେମାନଙ୍କ ମସ୍ତିଷ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯେଉଁ ପିଲାଙ୍କ ମସ୍ତିଷ୍କ ଯେତେ ଉନ୍ନତ, ସ୍ମରଣଶକ୍ତି ଯେତେ ପ୍ରଖର; ସେହି ପିଲା ସେତେ ସ୍ମାର୍ଟ ଓ ପଢ଼ାଠାରୁ ଖେଳକୁଦ ପର୍ଯ୍ୟନ୍ତ ଅନ୍ୟମାନଙ୍କଠାରୁ ଆଗରେ ରହିଥାଏ ।

ଏଭଳି କ୍ଷେତ୍ରରେ ଅଭିଭାବକଙ୍କ ଦାୟିତ୍ୱ ହେଉଛି ସେମାନେ ପିଲାଙ୍କୁ ଏଭଳି ଆହାର ଦେବା ଉଚିତ, ଯାହା ଦ୍ୱାରା ପିଲାଙ୍କ ସ୍ମରଣଶକ୍ତି ପ୍ରଖର ହେବ । ମସ୍ତିଷ୍କର ବିକାଶ ଘଟିବ । ଯଦି ଆପଣ ମଧ୍ୟ ଆପଣଙ୍କ ପିଲାଙ୍କ ସ୍ମରଣ ଶକ୍ତି ବୃଦ୍ଧି କରିବା ସହିତ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ବିଭଳି ଖାଦ୍ୟ ଦିଆଯିବା ଉଚିତ ଆସନ୍ତୁ ଜାଣିବା ।

ସବୁଜ ପନିପରିବା:- ଆପଣ ଲକ୍ଷ୍ୟ କରିଥିବେ ଯେ ପିଲାଏ ସବୁଜ ପନିପରିବା ଖାଇବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରିନଥାନ୍ତି । କିଛି ପିଲା ତ ପନିପରିବା ନାଁ ଶୁଣି ମୁହଁ ବୁଲାଇ ନିଅନ୍ତି । ଅସଲ କଥା ହେଉଛି, ସବୁଜ ପନିପରିତବାରେ ପ୍ରଚୁର ପରିମାଣରେ ଭିଟାମିନ ରହିଛି ମାନସିକ ବିକାଶ ପାଇଁ ଏହି ଭିଟାମିନ ଅତ୍ୟନ୍ତ ଜରୁରୀ । ପିଲାଙ୍କୁ ସବୁଜ ପନିପରିବା ଆଦି ଖାଇବାକୁ ପ୍ରୋତ୍ସାହିତ କରନ୍ତୁ। ଏହା ଦ୍ୱାରା ସେମାନଙ୍କରା ମାନସିକ ବିକାଶ ଠିକ୍ ଭାବରେ ହୋଇପାରିବ ।





ଅଣ୍ଡା:- ପ୍ରୋଟିନରେ ଭରପୂର ଅଣ୍ଡା କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ସ୍ମରଣଶକ୍ତି ମଧ୍ୟ ବୃଦ୍ଧି କରିବାର ଏକ ପ୍ରମୁଖ ସ୍ରୋତ । ଅଣ୍ଡାରେ କୋ କୋଲିନ ନାମକ ପୋଷକ ତତ୍ତ୍ୱ ପ୍ରଚୁର ପରିମାଣରେ ରହିଛି । ଏହି ପୋଷକ ତତ୍ତ୍ୱ ପିଲାଙ୍କ ମସ୍ତିତଷ୍କକୁ ଅଧିକ ସକ୍ରିୟ ରଖିଥାଏ ଓ ସ୍ମରଣ ଶକ୍ତି ବଢ଼ାଇବାରେ ସହାୟତା କରିଥାଏ । ଅଣ୍ଡାର ବିଶେଷତ୍ୱ ହେଉଛି, ଏହାକୁଚ ତରକାରୀ, ପୁଚ, ଭୁଜିଆ, ସିଝା, ଆମଲେଟ୍ ଆଦି ବିଭିନ୍ନ ପ୍ରକାରରେ ଖାଇବା ସମ୍ଭବ ହୋଇଥାଏ । ପିଲାଏ ଅଣ୍ଡାକୁ ସ୍ୟାଣ୍ଡୱିଚ ସହିତ ଖାଇବାକୁ ପସନ୍ଦ କରିଥାନ୍ତି ।








କ୍ଷୀର :- କ୍ଷୀର ପିଲାମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଆହାର ବୋଲି କୁହାଯାଇଆସୁଛି । କ୍ଷୀରରେ ପ୍ରଚୁର ପରିମାଣରେ ରହିଛି କ୍ୟାସିଞ୍ଜମ । ଏହା ପିଲାଙ୍କ ଶରୀରିକ ଓ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ । କ୍ଷୀର ପିଇବା ଦ୍ୱାରା ପିଲାଙ୍କ ହାଡ଼ ମଜଭୁତ ହୋଇଥାଏ । ଏହା ସହିତ ମସ୍ତିଷ୍କର ଉପଯୁକ୍ତ ବିକାଶ ମଧ୍ୟ ଘଟିଥାଏ । ପିଲାଙ୍କୁ ପ୍ରତିଦିନ ସକାଳେ ଗିଲାସେ କ୍ଷୀର ପିଇବାକୁ ଦିଅନ୍ତୁ । ଏହି ଅଭ୍ୟାସ ସେମାନଙ୍କୁ ଶାରୀରିକ ଓ ମାନିସକ ଭାବରେ ସୁସ୍ଥ ରଖିବ ।

ଦହି:- ଯଦି ଆପଣଙ୍କ ପିଲାଏ କ୍ଷୀର ପିଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି, ଦହି ସେମାନଙ୍କ ପାଇଁ ଏକ ଭଲ ବିକଳ୍ପ । ଦହିରେ କ୍ଷୀର ଅପେକ୍ଷା ଅଧିକ ପରିମାଣର କ୍ୟାଲସିୟମ ରହିଛି ଏବଂ ଏହାକୁ ହଜମ କରିବା ମଧ୍ୟ ସହଜ । ଦହି ଭିଟାମିନ ବି ଓ ପ୍ରୋଟିନର ଏକ ଉତ୍ତମ ସ୍ରୋତ, ଯାହା ମସ୍ତିଷ୍କର ସଠିକ୍ ବିକାଶ କରିବାରେ ସହାୟକ ହୋଇଥାଏ । ଦହିରେ ଥିବା ପ୍ରୋବାୟୋଟିକ୍ ବ୍ୟାକ୍ଟେରିଆ ପାଚନଦ ତନ୍ତ୍ରକୁ ସୁସ୍ଥ ରଖିଥାଏ ।

# ଆଜିକାଲି ଅବସାଦ ଏକ କଠିନ ସମସ୍ୟା

ଆଜିର ଦୁନିଆରେ ପ୍ରତ୍ୟେକ ଲୋକ କାମ, ସଫଳତା, ପଦ ଓ ଅର୍ଥ ପଛରେ ଦୌଡୁଛନ୍ତି । ସମ୍ପର୍କରେ ମଧ ଆଗପରି ମୁରତା ନାହିଁ । ଲୋକମାନେ ଆତ୍ମକୈନ୍ଦ୍ରିକ ହୋଇଗଲେଣି । ଯାହା ଦ୍ୱାରା ଏକୁଟିଆ ଅନୁଭବ କରୁଛନ୍ତି । ଖାଇବା ପିଇବାର ଅଭ୍ୟାସ ମଧ ବଦଳି ଗଲାଣି । ଶୋଇବାର ସମୟ ମଧ ପରିବର୍ତ୍ତନ ହୋଇଛି । ଏହି ସବୁ କାରଣ ପାଇଁ ମସ୍ତିଷ୍କରେ ଚାପ ରହୁଛି । ଏହା ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି । ପୂରା ବିଶ୍ୱରେ ଅବସାଦ ଓ ମାନସିକ ରୋଗ ଲଗାତର ବଢ଼ିବାରେ ଲାଗୁଛି । ଅନ୍ୱେଷଣରୁ ଜଣାପଡ଼ିଛି ଆମ ଦେଶରେ ୨୦-୨୫ ପ୍ରତିଶତ ଯୁବକ/ଯୁବତୀ ଡିପ୍ରେସନର ଶୀକାର ହେଉଛନ୍ତି ।



ଲକ୍ଷଣ:-ଲୋକମାନଙ୍କ ଠାରୁ ଦୂରେଇ ରହିବା

- ନିଦ ନ ଆସିବା
- ଚିଡ଼ିଚିଡ଼ା ଓ ଆକ୍ରମକ ବ୍ୟବହାର
- ଆତ୍ମବିଶ୍ୱାସ ହରାଇବା
- କୌଣସି କାମରେ ମନ ନ ଲାଗିବା
- ଏହିସବୁ ଲକ୍ଷଣ ଗୁଡ଼ିକୁ ନଜର ଅନ୍ଦଜ କରିବା ଦ୍ୱାରା ଅବସାଦର ସମସ୍ୟା ବଢ଼ିବାକୁ ଲାଗିବ, ଯାହା ଦ୍ୱାରା ଜୀବନଶୈଳୀ ପ୍ରଭାବିତ ହେବ ।
- ହିଂସାତ୍ମକ ପ୍ରବୃତ୍ତି ଓ ଆତ୍ମହତ୍ୟାର ପ୍ରବୃତ୍ତି ବଢ଼ିଯାଇପାରେ । ଏକ ଅନ୍ୱେଷଣରୁ ଜଣାପଡ଼ିଛି ଯୁବାବସ୍ଥାରେ ହେଉଥିବା ମୃତ୍ୟୁର ସବୁଠାରୁ ବଡ଼ କାରଣ ଆତ୍ମହତ୍ୟା ।

**ସେଥିପାଇଁ କିଛି ଦିଗ ପ୍ରତିଧ୍ୟାନ ଦେବା ଉଚିତ୍:**

ସୁସ୍ଥ ଜୀବନଶୈଳୀକୁ ଅନୁସରଣ କରନ୍ତୁ ଯଥା ବ୍ୟାୟାମ, ପୋଷାକ, ଭୋଜନ, ପର୍ଯ୍ୟାପ୍ତ ପରିମାଣରେ ନିଦ ଇତ୍ୟାଦି ସାମିଲ ରହିଛି ।

ନିଜର କ୍ଷମତାଠାରୁ ଅଧିକ କାର୍ଯ୍ୟ କରନ୍ତୁ ନାହିଁ ଓ ନିୟମିତ ଭାବରେ ଅବସର ସମୟକୁ ନିର୍ଣ୍ଣୟ କରନ୍ତୁ ।

ଗେଜେଟସ ସହିତ କମ ସମୟ କଟାନ୍ତୁ ।

ସାମାଜିକସ୍ତରରେ ସକ୍ରିୟ ରୁହନ୍ତୁ । ମାନସିକ ଶାନ୍ତି ପାଇଁ ଧାନ କରନ୍ତୁ । ନିଶା ଦ୍ରବ୍ୟ ସେବନ ଠାରୁ ଯଥା ସମ୍ଭବ ଦୂରରେ ରୁହନ୍ତୁ ।

# ମନ୍ତ୍ରଜପର ମାହାତ୍ମ୍ୟ

ପୂଜା-ଆରାଧନା ସମୟରେ ମନ୍ତ୍ର ଜପିବା ଏକ ପାରମ୍ପରିକ ତଥା ଆଧ୍ୟାତ୍ମିକ ହିନ୍ଦୁ ବିଧି । ମନ୍ତ୍ରଗୁଡ଼ିକରେ ଭଗବାନଙ୍କର ବିଭିନ୍ନ ଅବତାର, ଲୀଳା ଓ ଗୁଣକୀର୍ତ୍ତନ ବର୍ଣ୍ଣିତ । ମନ୍ତ୍ରଗୁଡ଼ିକ କେତେଗୁଡ଼ିଏ ଅକ୍ଷର ସଂଯୋଗରେ ସୃଟ୍ଟି ହୋଇଥିଲେ ହେଁ, ଜପ ଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନି- ତରଙ୍ଗ ଭକ୍ତ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରାଉଥିବା ବିଶ୍ୱାସ ଶୁଦ୍ଧ-ପୂତ ଶରୀର ଓ ଏକାଗ୍ର ଚିତ୍ତରେ ମନ୍ତ୍ର ଜପ ବା ଗାନ ଦ୍ୱାରା ମନରେ ଭକ୍ତିଭାବ ଆସେ । ଏହା ଅନ୍ତର ମଧ୍ୟରେ ସୁପ୍ତ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଏ । ଭଗବାନଙ୍କର ଆରାଧନା ସମୟରେ ବ୍ୟକ୍ତିଙ୍କୁ ପ୍ରଭୁଙ୍କ ଲୀଳା ଚିନ୍ତନରେ ବୁଡ଼ି ରହିବାକୁ ପ୍ରେରଣା ଦିଏ । ନିୟମିତ ମନ୍ତ୍ର ଜପ ଦ୍ୱାରା ସଂସାରର ସମସ୍ତ ମାୟା, ମୋହ ସାଂସାରିକ ମଣିଷ ଠାରୁ ଦୂରେଇ ରଖିବାରେ ସହାୟକ ହେଉଥିବା କୁହାଯାଏ । ମନ୍ତ୍ରପାଠ ହେଉଥିବାବେଳେ ଆଖପାଖର ବାତାବରଣ ଆଧ୍ୟାତ୍ମିକତାରେ ପୂରି ଉଠେ । ଏହାଦ୍ୱାରା କେବଳ ମନ୍ତ୍ର ଗାନ କରୁଥିବା ବ୍ୟକ୍ତି ନୁହନ୍ତି, ମନ୍ତ୍ର ଶ୍ରବଣ କରୁଥିବା ଲୋକେ ମଧ୍ୟ ଆଧ୍ୟାତ୍ମିକତାର ସନ୍ଦେଶ ପାଆନ୍ତି । ଗଭୀର ନିଷ୍ଠା ଓ ଆସ୍ଥାର ସହ ମନ୍ତ୍ର ଜପ କଲେ ଭଗବତ୍ ପ୍ରାପ୍ତି ହେଉଥିବା ବିଶ୍ୱାସ ।

# ଟ୍ରାଇବାଲ୍ ଡିଜାଇନ୍

**ସମୟ ସହିତ ଫ୍ୟାସନ ବଦଳିବାରେ ଲାଗିଛି । ଆଜିକାଲି ଟ୍ରାଇବାଲ୍ ଫ୍ୟାସନକୁ ଯୁବତୀମାନେ ବେଶୀ ପସନ୍ଦ କରୁଛନ୍ତି । ଟ୍ରାଇବାଲ ଡିଜାଇନର କାନଫୁଲଠାରୁ ଆରମ୍ଭ କରି ଶାଢ଼ି ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସୁଛି । କଲେଜରେ ପଢୁଥିବା ଝିଅମାନଙ୍କୁ ମଧ ଟ୍ରାଇବାଲ ଶୈଳୀର ପ୍ରିଣ୍ଟ ଅଧିକ ପସନ୍ଦ ଆସୁଛି ।**

ସ୍କାର୍ଫ:- ଟ୍ରାଇବାଲ ପ୍ରିଣ୍ଟର ସ୍କାର୍ଫ ସ୍ମାର୍ଟ ଲୁକ୍ ଦେଉଛି । ଏହାକୁ ଜିନ୍ସ, ଡ୍ରେସ କିମ୍ବା କୁର୍ତ୍ତୀ ସହିତ ବ୍ୟବହାର କଲେ ବହୁତ ସୁନ୍ଦର ଲାଗିବ । ଅନଲାଇନ ଓ ସ୍ଥାନୀୟ ବଜାରରେ ଏହା ସହଜରେ ଉପଲବ୍ଧ ।

କୁଶନ:- କେବଳ କପଡ଼ା ନୁହେଁ ଘରେ ମଧ ଟ୍ରାଇବାଲ ଲୁକର ପ୍ରଚଳନ ରହିଛି । ଆପଣ ଆପଣଙ୍କ ଘରର ଡ୍ରଇଂ ହଲରେ କିଛି ଏପରି କୁସନ ରଖନ୍ତୁ ଯାହା କିଛି ଅଲଗା ଲୁକ୍ ଦେବ । ଏହା ଦ୍ୱାରା ଅଲଗା ପ୍ରକାରର କ୍ଲାସି ସୁନ୍ଦର ଲୁକ୍ ଦିଶିବ ।



କାନଫୁଲ:- ଟ୍ରାଇବାଲ ଡିଜାଇନର କାନଫୁଲ ଲୋକମାନଙ୍କୁ ବହୁତ ପସନ୍ଦ ଆସୁଛି । ଏହା ସହିତ ଏହି ଡିଜାଇନ ଟ୍ରାଡ଼ିସନାଲ ଓ ଟ୍ରେଣ୍ଡି ସବୁ ଦଷ୍ଟିରୁ ସୁନ୍ଦର ଲାଗେ ।



ଟ୍ରାଇବାଲ ପ୍ରିଣ୍ଟ ଡ୍ରେସ୍:- ଏହି ପ୍ରିଣ୍ଟର ଓ୍ୱେଷ୍ଟର୍ଣ୍ଣ ଡ୍ରେସ ବହୁତ ପସନ୍ଦ କରାଯାଉଛି । ଏହା ଫ୍ୟୁଜନ ଲୁକ୍ ସହିତ ଟ୍ରେଣ୍ଡି ମଧ । ଏହାକୁ ସେଲିବ୍ରିଟିମାନେ ମଧ ପନସନ୍ଦ କରୁଛନ୍ତି ।

ଆଫ୍ରିକାନ ପ୍ରିଣ୍ଟ:- ଏହି ପ୍ରିଣ୍ଟକୁ ମଧ ଅନେକ ପସନ୍ଦ କରୁଛନ୍ତି । ଆଫ୍ରିକାନ ପ୍ରିଣ୍ଟର ସ୍କାର୍ଫରୁ ଆରମ୍ଭ କରି ବେଡସିଟ କିମ୍ବା କୁସନ ବହୁତ ଲୋକ ପସନ୍ଦ କରୁଛନ୍ତି । ଏହି ପ୍ରିଣ୍ଟର ସାଲୱାର ସୁଟ୍ ମଧ ସୁନ୍ଦର ଲାଗୁଛି ।

# ସର୍ବାଧିକ ବେତନ ମିଳୁଥିବା ଦେଶ

**ବର୍ତ୍ତମାନର ପ୍ରତିଯୋଗିତା ବହୁ, ସମାଜରେ ଗୋଟିଏ ଭଲ ଚାକିରିଟିଏ ପାଇବା ବହୁତ କଷ୍ଟକର ବ୍ୟାପାର ହୋଇଗଲାଣି । ଭଲ ଚାକିରିରେ ଭଲ ଦରମା ମିଳିବା ପାଇଁ ଅନେକ ଚେଷ୍ଟା କରୁଛନ୍ତି । କେହି କେହି ସଫଳ ମଧ ହେଉଛନ୍ତି । ଏସବୁ କହିବାର କାରଣ ହେଲା ଆମେ ଏପରି କଇଛି ଦେଶ ବିଷୟରେ ଜଣାଇବୁ ଯେଉଁଠି ସାର୍ବଧିକ ବେତନ ମିଳେ । ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ଡେଭଲପମେଣ୍ଟ ଏହା ଉପରେ ଏକ ତାଲିକା ପ୍ରସ୍ତୁତ କରିଛି ।**

ସୁଇଜରଲ୍ୟାଣ୍ଡ:- ଏକ ବିକଶିତ ଦେଶ ଭାବରେ ପରିଚିତ ଏହି ଦେଶରେ ଚାକିରି ଓ ବେତନ ମାମଲାରେ ଆଗୁଆ ରହିଛି । ଏହି ରିପୋର୍ଟ ଅନୁସାରେ ଦୁନିଆରେ ସବୁଠାରୁ ଅଧିକା ବେତନ ସୁଇଜରଲ୍ୟାଣ୍ଡ କାମ କରୁଥିବା ଲୋକ ମାନଙ୍କୁ ମିଳିଥାଏ । ଏଠାରେ କାମ କରୁଥିବା ଲୋକ ବର୍ଷକୁ ପାଖାପାଖି ୯୨,୬୨୫ ଡଲାର ଯାହାର ଭାରତୀୟ ମୂଲ୍ୟ ୬୩.୬୦ ଲକ୍ଷଯଙ୍କା । ସେହି ଅନୁଯାୟୀ ମାସିକ ୫.୩୦ ଲକ୍ଷ ରୋଜଗାର ହୋଇଥାଏ ।

ଆମେରିକା- ଭାରତୀୟ ମାନେ ଆମେରିକାରେ ଚାକିରି କରିବା ଏକ ସ୍ୱପ୍ନ ସଦୃଶ ହୋଇଥାଏ । କାରଣ ଏଠାରେ ଚାକିରି ଓ ବେତନର ପରିମାଣ ବହୁତ ଅଧିକ । ଏଠାରେ କାମ କରୁଥିବା ଲୋକ ବାର୍ଷିକ ଆୟ ୪୦ ଲକ୍ଷ୍ୟରୁ ଉର୍ଦ୍ଧ୍ୱ । ଏହାର ଅର୍ଥ ୩.୪୭ ଲକ୍ଷ ଟଙ୍କା ପ୍ରତି ମାସରେ ରୋଜଗାର କରିଥାନ୍ତି ।

ଲଗକମବଗ- ୟୁରୋପରେ ଅବସ୍ଥିତ ଏହି ଦେଶରେ ଚାକିରି ଓ ବେତନର ଅଧିକ ହୋଇଥାଏ । ଏଠାରେ କାମ କରୁଥିବା ବ୍ୟକ୍ତିର ବାର୍ଷିକ ଆୟ ପାଖାପାଖି ୪୦.୧୧ ଲକ୍ଷ ଟଙ୍କା । ଏଠାରେ ଆନୁମାନିକ ମାସରେ ୩.୩୪ ଲକ୍ଷ ଟଙ୍କାରୁ ମଧ ଅଧିକ ଦରମା ମିଳେ ।

ହଙ୍ଗକଙ୍ଗ:- ଏହି ଦେଶ ଉପରେ ଚୀନରା କବଜା ଥିଲେ ମଧ ଏଠାରେ କାମ କରୁଥିବା ଲୋକ ଚୀନର



ଲୋକମାନଙ୍କ ଠାରୁ ଅଧିକ ଟଙ୍କା ରୋଜଗାର କରିଥାନ୍ତି । ଏହି ଦେଶରେ କାମ କରୁଥିବା ବ୍ୟକ୍ତିର ବାର୍ଷିକ ଆୟ ୩୦.୧୧ ଲକ୍ଷ୍ୟଯଙ୍କା ରୋଜଗାର କରିଥାନ୍ତି ।

ଜାପାନ ଓ ଜର୍ମାନ:- ଏଠାକାର ଲୋକେ ବହୁତ ପରିଶ୍ରମୀ ହୋଇଥାନ୍ତି । ଏଠଶରେ କାମ କରୁଥିବା ପରିବାର ବାର୍ଷିକ ଆୟ ୩୩.୦୮ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରିଥାନ୍ତି ।

# ବୟସ ଅନୁଯାୟୀ ସ୍ୱାସ୍ଥ୍ୟ ପରୀକ୍ଷା

ନିକଟରେ ସର୍ବଭାରତୀୟସ୍ତରର ବିଶେଷଜ୍ଞ ଦଳ ପ୍ରତ୍ୟେକ ବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ଉପଦେଶ ଦେଇଛନ୍ତି । କେଉଁ ବୟସରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ, ଏନେଇ ସେମାନେ ବିଭିନ୍ନ ତଥ୍ୟ ଦେଇଛନ୍ତି । ନବଜାତ ସନ୍ତାନର ମାନସିକ ସ୍ଥିତି ନେଇ ପିତାମାତାଙ୍କ ମନରେ କୌଣସି ପ୍ରକାର ସନ୍ଦେହ ହେଲେ, ସେମାନଙ୍କର ଥାଇରଏଡ୍ ଟେଷ୍ଟ କରାଯିବା ଆପଶ୍ୟକ । ଜନ୍ମିତ ସନ୍ତାନଙ୍କ ଠାରୁ ବ ବର୍ଷର ବୟସର ଶିଶୁଙ୍କର ଏହି ପରୀକ୍ଷା କରାଯାଇପାରିବ । ତେବେ ଶିଶୁ ସୁସ୍ଥ ଥିଲେ, ଏସବୁର ଆବଶ୍ୟକତା ନାହିଁ । ୨୦-୨୫ ବର୍ଷରେ ପ୍ରତ୍ୟେକ ଦିଗ ପ୍ରତି ସଚେତନ ରହିବା ଜରୁରୀ । ପୁରୁଷମାନେ ନିୟମିତ ଚେକଅପ କରାଇବା ସହ ମହିଳାମାନେ ମାଗେଗ୍ରାଫି ଓ ସୋନୋଗାଫି ନିୟମିତ ବ୍ୟବଧାନରେ କରାଇବା ବିଶେଷଜ୍ଞ ମତ ।

# ଇମ୍ଫାଲର 'ମଦର୍ସ ମାର୍କେଟ୍'



ଅନେକଙ୍କୁ ହୁଏତ ଜଣା ନ ଥାଇପାରେ ଯେ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଥିବା ମାର୍କେଟ୍ ବା ବଜାର ମଣିପୁର ରାଜଧାନୀ ଇମ୍ଫାଲରେ ରହିଛି । ଏହା ମଦର୍ସ ମାର୍କେଟ୍' ଭାବେ ପରିଚିତ ଏବଂ ଏସିଆର ସବୁଠାରୁ ବଡ଼ ମହିଳା ମାର୍କେଟ୍ । ମୋଟ ଦୋକାନ ସଂଖ୍ୟା ଚାରି ହଜାରରୁ ଅଧିକ । ମାର୍କେଟରେ ଜଣେ ବି ପୁରୁଷ ଦୋକାନୀ ନାହାନ୍ତି । ବିଶ୍ୱାସ କରାଯାଏ, ଏହି ମାର୍କେଟ୍ ପ୍ରାୟ ପାଞ୍ଚ ଶହ ବର୍ଷର ପୁରୁଣା । ମାର୍କେଟ ଆରମ୍ଭର କାରଣ ମଣିପୁର ଇତିହାସ ସହିତ ଜଡ଼ିତ । ରାଜାରାଜୁଡ଼ା ଶାସନ ଅମଳରେ ମଣିପୁରରେ 'ଲାଇପ୍' ନାମକ ଏକ ପାରମ୍ପାରିକ ପ୍ରଥାର ପ୍ରଚଳନ ଥିଲା । ପ୍ରଥା ଅନୁସାରେ, ମୈତି ସପ୍ରଦାୟର ପୁରୁଷମାନଙ୍କୁ ରାଜାଙ୍କ ଦରବାରରେ କାମ କରିବାକୁ ପଡୁଥିଲା । ଏଥିପାଇଁ ସେମାନେ ଦିନରାତି ରାଜା ଉଆସରେ ରହୁଥିଲେ । ଏହା ଦ୍ୱାରା ପୁରୁଷମାନେ ଘର କାମ ବୁଝିବାକୁ ସମୟ ପାଇଲେ ନାହିଁ ଏବଂ ପୁରୁଷଙ୍କ ଅନୁପସ୍ଥିତିରେ ମହିଳାମାନେ ବାହାରକୁ ବାହାରିଲେ । ମହିଳାମାନେ ଘର କାମ ସହିତ ଚାଷ କଲେ, ରୋଜଗାର ପାଇଁ ଦୋକାଳ କରି ବ୍ୟବସାୟ ଆରମ୍ଭ କଲେ । ସେହି ଧାରା କ୍ରମେ ଗଡ଼ିଆସିଛି ଏବଂ ତାହା ପିଢ଼ି ପରେ ପିଢ଼ି ଏକ ପରଂପରାରେ ପରିଣତ ହୋଇଛି । ନିୟମ ଅନୁସାରେ, ଏହି ମାର୍କେଟରେ କେବଳ ବିବାହିତ ମହିଳାମାନେ ହିଁ ବ୍ୟବସାୟ କରନ୍ତି ।

# ନୂଆ ଧରଣର ବ୍ୟବସାୟିକ ଆଲୋଚନା

ପ୍ରତ୍ୟେକ କାର୍ଯ୍ୟାଳୟରେ ମୁଖ୍ୟ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିୟମିତ ଭାବେ ମିଟିଂ ହେବା ଏକ ସାଧାରଣ ପ୍ରସଙ୍ଗ । ବଡ଼ ବଡ଼ ହଲ ଏଥିନିମନ୍ତେ ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ । ତେବେ ଏକବିଂଶ ଶତାବ୍ଦୀରେ ଏଇ ମିଟିଂ ହେବାର ଢ଼ାଞ୍ଚା ବଦଳିଛି । ବିଶ୍ୱସ୍ତରରେ ପରିଚିତ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ ଗେଟସ, ଫେସବୁକର ସହ-ପ୍ରତଷ୍ଠାତା ମାର୍କ ଜୁକରବର୍ଗ ନିଜ ସାଥି କର୍ମଚାରୀଙ୍କ ସହ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଲିବୁଲି ମିଟିଂ କରିଥାନ୍ତି । ନିଜେ ମାର୍କ ଏଇ ତଥ୍ୟ ଫେସବୁକରେ ଉଲ୍ଲେଖ କରିଥିବାବେଳେ ବିଲ ଗେଯସ ମଧ୍ୟ ଏହା କହିଛନ୍ତି । ବିଲଙ୍କ ମତରେ ସେ କାର୍ଯ୍ୟାଳୟ ସମ୍ମୁଖ ବଗିଚରେ ବୁଲିବୁଲି ସାଥିମାନଙ୍କ ସହ ଆଲୋଚନା କରନ୍ତି । ଏଇ ପ୍ରକ୍ରିୟା ତାଙ୍କୁ ଖୁବ୍ ମଜାଦାର ଲାଗେ । ଏହା ସହ ଚାଲିବା ସମରେ ସେ ବିଭିନ୍ନ ନୂତନ ତଥ୍ୟର ଶୁଭାରମ୍ଭ କରିପାରିଛନ୍ତି । ମାର୍କଙ୍କ ମତରେ କୌଣସି ଏକ ସ୍ଥାନରେ ବସି ମିଟିଂ କରିବାର ଅର୍ଥ ସାଥି କମଚାରୀଙ୍କୁ ବାଧ କରିବା ଯେ ଯାହା ସେ କହୁଛନ୍ତି, ସେମାନେ ଶୁଣିବାକୁ ବାଧ । ଏହା ସହ ସେ ବିଲ ଗେଟସଙ୍କ



ସଂସ୍ପର୍ଶରେ ଆସିବା ପରେ ଏଇ ଚଲାବୁଲା ମିଟିଂ ବିଷୟରେ ସେ ଅବଗତ ହୋଇ ତୁରନ୍ତ କାର୍ଯ୍ୟକାରୀ କରିଥିଲେ । ଗବେଷକଙ୍କ ମତରେ ଚାଲିବା ସମୟରେ ଆମ ଶରୀରରୁ ଶକ୍ତି ଉତ୍ପନ୍ନ ହେବା ସହ ମସ୍ତିଷ୍କକୁ ମଧ ଶକ୍ତି ମିଳେ, ଯାହା ଦ୍ୱାରା ମନରେ ନୂତନ ଚିନ୍ତାଧାରା ସଷ୍ଟି ହୋଇଥାଏ ଏହା ସହ ଚଲାବୁଲା ମିଟିଂରେ ଅତିବେଶୀରେ ୪-୪ ଜଣ ଏକତ୍ର ହୋଇ କଥାବାର୍ତ୍ତା କରିପାରନ୍ତି । ଏଇ ପ୍ରକ୍ରିୟାଟି ଖୁବ୍ ମଜାଦାର ଲାଗୁଥିବାରୁ ସମସ୍ତେ ଏଇ ନୂତନ ପ୍ରକ୍ରିୟାକୁ ଆପଣାଉଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଟାଟାର ନୂଆ ଦାୟିତ୍ୱ...

ବିଧିବଦ୍ଧ ଭାବେ ଟାଟା ଗ୍ରୁପ୍ ହାତକୁ ସରକାର ଏୟାର ଇଣ୍ଡିଆକୁ ହସ୍ତାନ୍ତର କରିଛନ୍ତି । ଫଳରେ ଦୀର୍ଘ ସାତ ଦଶନ୍ଧି ପରେ ଟାଟା ମାଲିକାନାକୁ ପୁଣି ଥରେ ଏହି ରାଷ୍ଟ୍ରୀୟ ବିମାନ ସେବା ଫେରିଛି । ବିପୁଳ ଋଣରେ ବୁଡି ରହିଥିବା ଏୟାର ଇଣ୍ଡିଆକୁ ବିକ୍ରି କରିବା ସକାଶେ ବିଗତ କିଛି ବର୍ଷ ଧରି ସରକାର ଯେଉଁଭଳି ଭାବେ ଗଳଦ୍‌ଘର୍ମ ହୋଇପଡ଼ିଥିଲେ ପରିଶେଷରେ ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ସଂସ୍ଥାମାନଙ୍କୁ ବିକ୍ରି କରିବା ସକାଶେ ହେଉଥିବା ପ୍ରୟାସର ଏହା ଏକ ସଫଳ ଉଦାହରଣ ଏବଂ ଏଥିପାଇଁ ମୋଦି ସରକାର ସବୁ ଶ୍ରେୟର ହକ୍‌ଦାର । ସୂଚନାଯୋଗ୍ୟ ଯେ, ଗତବର୍ଷ ଅକ୍ଟୋବର ୮ ତାରିଖ ଦିନ ଟାଟା ଗ୍ରୁପ୍ ଦ୍ୱାରା ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ କମ୍ପାନୀ ଟାଲାସ୍ ପ୍ରାଇଭେଟ୍ ଲିମିଟେଡ ୧୮,୦୦୦ ହଜାର କୋଟି ଟଙ୍କା (୨.୪ ବିଲିଅନ ଡଲାର) ମୂଲ୍ୟରେ ଏୟାର ଇଣ୍ଡିଆ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଏଆଇଏସଏଟିଏସର ୫୦% ଅଂଶ, ଇକୁଇଟି ତଥା ଋଣକୁ ଆହରଣ କରିଥିଲେ । ଏଥିସହ ଟାଟା ସନ୍ସଙ୍କୁ ୧୪୧ଟି ବିମାନ ସହିତ ଦେଶ ବିଦେଶରେ ୯୦୦ଟି ପ୍ରାଇମ୍ ସ୍ଲଟ୍ ମିଳିଛି, ଯାହାକି ଅତି ଗୁରୁତ୍ୱପୂର୍ଣ୍ଣ । ନିଲାମୀ ପ୍ରକ୍ରିୟା ଶେଷ ହେବାର ଆଠ ସପ୍ତାହ ମଧ୍ୟରେ ଏହାର ହସ୍ତାନ୍ତର ପ୍ରକ୍ରିୟା ଚୂଡ଼ାନ୍ତ ହେବାର ସମୟସୀମା ଧାର୍ଯ୍ୟ ହୋଇଥିଲେ ସୁଦ୍ଧା ଉଭୟ ପକ୍ଷଙ୍କ ସହମତିରେ ଏହାକୁ ଆଉ ଗୋଟିଏ ମାସ ଘୁଞ୍ଚାଇ ଦିଆଯାଇଥିଲା ଏବଂ ସେହି ସମୟ ମଧ୍ୟରେ ଆହରଣକାରୀ ସଂସ୍ଥାର ପଦାଧିକାରୀମାନେ ଏୟାର ଇଣ୍ଡିଆର ପରିଚାଳନା ଠାରୁ ନେଇ ଅନାନ୍ୟ ବ୍ୟବସ୍ଥା ସହିତ ପରିଚିତ ହୋଇଥିଲେ । ଚୂଡ଼ାନ୍ତ ହସ୍ତାନ୍ତରଣ ସହ ଏୟାର ଇଣ୍ଡିଆର ପରିଚାଳନା ଠାରୁ ନେଇ ଅନ୍ୟାନ୍ୟ ବ୍ୟବସ୍ଥା ସହିତ ପରିଚିତ ହୋଇଥିଲେ । ଚୂଡ଼ାନ୍ତ ହସ୍ତାନ୍ତରଣ ସହ ଏୟାର ଇଣ୍ଡିଆ ବୋର୍ଡ ସ୍ଥାନରେ ଟାଟା ସନ୍ସ ତାଙ୍କର ନୂତନ ବୋର୍ଡ ଗଠନ କରିଛନ୍ତି । କେବଳ ସେତିକି ନୁହେଁ, ଆହରଣର ପ୍ରଥମ ଦିନରୁ ହିଁ ବ୍ୟବସ୍ଥାରେ ପରିବର୍ତ୍ତନ ଘଟିବା ଆରମ୍ଭ ହୋଇଛି ଏବଂ ଏୟାର ଇଣ୍ଡିଆର କେତେକ ଘରୋଇ ଓ ବିଦେଶୀ ବିମାନରେ ଉନ୍ନତ ଓ ପରିବର୍ତ୍ତିତ ଖାଦ୍ୟ ପରିବେଷଣ କରାଯାଇଛି । ଏୟାର ଇଣ୍ଡିଆ ସ୍ୱର୍ଗୀୟ ଜେ.ଆର.ଡି. ଟାଟାଙ୍କର ମାନସ ସନ୍ତାନ ଭାବେ ୧୯୩୨ ମସିହାରେ ଜନ୍ମଲାଭ କରିଥିଲା । ଜେଆରଡି ନିଜସ୍ୱ ପ୍ରଚେଷ୍ଟା ବଳରେ ଏହାକୁ ବିଶ୍ୱର ଏକ ନାମୀଦାମୀ ବିମାନସେବାରେ ପରିଣତ କରିଥିଲେ ଏବଂ ଦେଶ ସ୍ୱାଧୀନ ହେବାପରେ ୧୯୫୩ ମସିହାରେ ସରକାର ଏହାକୁ ଜାତୀୟକରଣ କରି ନିଜସ୍ୱ ମାଲିକାନାକୁ ନେଇଥିଲେ । କିନ୍ତୁ ଇଣ୍ଡିଆନ ଏଆରଲାଇନ୍ସ ସହିତ ଏହାର ମିଶ୍ରଣ ପରଠାରୁ, ଅର୍ଥାତ୍ ୨୦୦୭-୦୮ ମସିହାଠାରୁ ଏହା ଆଉ ଲାଭ ଉପାର୍ଜନ କରିପାରିନଥିଲା । ବରଂ ଦିନକୁ ଦିନ ଅଧିକରୁ ଅଧିକ ଋଣଗ୍ରସ୍ତ ହୋଇ ସରକାରଙ୍କ ଉପରେ ବୋଝ ହୋଇପଡ଼ିଥିଲା । ୨୦୨୧ ମସିହା ଅଗଷ୍ଟ ମାସ ସୁଦ୍ଧା ସସରକାର ଯେଉଁ ହିସାବ କରିଥିଲେ ତଦନୁସାରେ ଏହାର ମୋଟ ଋଣ ପରିମାଣ ୬୧ ହଜାର ୫୬୨ କୋଟି ଛୁଇଁଥିଲା । ଏହାକୁ କାର୍ଯ୍ୟକ୍ଷମ କରିରଖିବା ସକାଶେ ସରକାର ଏଥିରେ ଯେତେ ଅର୍ଥ ନିବେଶ କଲେ ସୁଦ୍ଧା ତାହା ଉଦ୍ଦିଷ୍ଟ ସୁଫଳ ଦେଇପାରିନଥିଲା । କିନ୍ତୁ ଏଭଳି ଋଣଗ୍ରସ୍ତ ସଂସ୍ଥାକୁ କିଣିବାକୁ କେହି ରାଜି ହୋଇନଥିଲେ । ଟାଟା ଗ୍ରୁପ୍ ଏହାକୁ ୧୮ ହଜାର କୋଟି ଟଙ୍କାରେ ଆହରଣ କରିବା ପଛରେ ଥିବା ଉଦ୍ଦେଶ୍ୟଟି ହେଲା ପୁଣି ଥରେ ମହାରାଜାଙ୍କୁ ଘର ବାହୁଡ଼ାଇ ଆଣିବା । ଏହାକୁ ଚଳାଇବା ନିମନ୍ତେ ଏବେ ଷ୍ଟେଟ୍ ବ୍ୟାଙ୍କ ନେତୃତ୍ୱରେ ଏକ କନ୍‌ସୋର୍ଟିୟମ୍ ଗଠନ କରାଯାଇଛି । ସେହିଭଳି ଏୟାର ଏସିଆ ଇଣ୍ଡିଆ ଏବଂ ବିସ୍ତାରା ବିମାନସେବାରେ ସହଭାଗୀ ଥିବା ଟାଟା ଗ୍ରୁପ୍ ଏବେ ତିନୋଟି ବିମାନ ସରବରାହ ସେବାର ମାଲିକ ହୋଇପାରିଛି । ବିମାନ ସେବା ଦେଶର ଏକ ପ୍ରମୁଖ ପରିବହନ ବ୍ୟବସ୍ଥା ଭାବେ ମୁଣ୍ଡ ଟେକୁଥିବାବେଳେ ଟାଟା କମ୍ପାନୀ ହାତରେ ଏହା ପୁଣିଥରେ ତା'ର ହୃତ୍‌ଗୌରବକୁ ଫେରିପାଇବ ବୋଲି ଆଶା କରିବା ଅଯଥାର୍ଥ ହେବନାହିଁ । ସେହିଭଳି ଏୟାର ଇଣ୍ଡିଆ ହସ୍ତାନ୍ତର ସହିତ ମୋଦି ସରକାର ଦେଶରେ ବିନିବେଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇପାରିବ । କ୍ଷତିରେ ଚାଲୁଥିବା ରଗ୍ଣ ରାଷ୍ଟ୍ରାୟତ୍ତ ସଂସ୍ଥା ସରକାରଭ୍‌କ ଉପରେ ଦିନକୁ ଦିନ ବୋଝ ହୋଇଚାଲିଛି, ଯାହାକି ପରୋକ୍ଷରେ ଦେଶବାସୀଙ୍କ ଉପରେ ବୋଝ ବୋଲି କୁହାଯାଇପାରେ । ତେଣୁ ସେହିଭଳି ସଂସ୍ଥାଗୁଡ଼ିକର ମାଲିକାନା ହସ୍ତାନ୍ତର ସମୟର ଆହ୍ୱାନ । ଏହା ଦେଶ ପାଇଁ ହିତକର ।



ଶରତ କୁମାର ଦାସ

# ଭାରତୀୟ ଗଣତନ୍ତ୍ରର ଏନ୍ତୁଡିଶାଳ ପଂଚାୟତିରାଜ ବ୍ୟବସ୍ଥା

'ଗଣତନ୍ତ୍ର' ଶବ୍ଦଟିକୁ ଅତି ସାଧାରଣ ଭାବେ ବାଖ୍ୟାକଲେ ଏହା ଦୁଇଟି ଶବ୍ଦର ସମାହାରରେ ସୃଷ୍ଟି ଯଥା-ଗଣ ଓ ତନ୍ତ୍ର । 'ଗଣ' କହିଲେ ଲୋକ ବା ଜନତା ଓ 'ତନ୍ତ୍ର' କହିଲେ ଶାସନ ପ୍ରକ୍ରିୟାକୁ ବୁଝାଇଥାଏ। ସୁତରାଂ ଗଣତନ୍ତ୍ରର ଅନ୍ତଃସ୍ୱର ଲୋକମାନଙ୍କର ବା ଲୋକମାନଙ୍କ ଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥାକୁ ବୁଝାଏ । ଲୋକମାନଙ୍କର ସଂପୃକ୍ତି ତଥା ଅଂଶଗ୍ରହଣରେ ଗଣତନ୍ତ ହୁଏ ପରିପୁଷ୍ଟ । ଏହା ଜନସାଧାରଣଙ୍କ କେବଳ ସଂପୃକ୍ତି ବା ଅଂଶଗ୍ରହଣକୁ ବୁଝାଏ ନାହିଁ ବରଂ ଦାୟିତ୍ୱ ତଥା ମୂଲ୍ୟବୋଧଭିତ୍ତିକ ସଂପୃକ୍ତିକୁ ବୁଝାଏ । ତେଣୁ ଗଣତନ୍ତ୍ରକୁ 'ଅଂଶଗ୍ରହଣକାରୀ ଗଣତନ୍ତ୍ର' ବା 'Participatory Democracy' କୁହାଯାଏ ।

ଅର୍ଥାତ ଗଣତନ୍ତ୍ରରେ ଲୋକମାନଙ୍କର ଅଂଶଗ୍ରହଣର ଦିଗ ଯେତେ ଅଧିକ ସମୃଦ୍ଧ ତଥା ବ୍ୟାପକ ହୋଇପାରିବ ଗଣତନ୍ତ୍ରର ସ୍ଥିତି ସତେ ସୁଦୃଢ଼ ହେବ। ଏଥିପାଇଁ ରାଜନୈତିକ ସଚେତନତାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଜନୈତିକ ସଚେତନତା ହିଁ ଗଣତନ୍ତ୍ରକୁ 'ଜନାଭିମୁଖୀ ବା ଗଣାଭିମୁଖୀ ଗଣତନ୍ତ୍ର' People-oriented Democracy ରେ ପରିଣତ କରିବାରେ ସହାୟକ ହୋଇପାରିବ। ଏହା ଏକ ପରିକଳ୍ପନା ନୁହେଁ ବରଂ ନିଛକ ବାସ୍ତବତା ମଧ୍ୟ ।

ଭାରତ ଭଳି ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣତନ୍ତ୍ର ଶାସନ ସରକାରଙ୍କ ଏକ ରୂପରେ ସୀମିତ ନରହି ବରଂ ଆମ ଜୀବନର ଏକ ମାର୍ଗ ରୂପେ ବିବେଚିତ ହୋଇଛି। ଗଣତାନ୍ତ୍ରିକ ସରକାରକୁ ଏକ ଉତ୍ତରଦାୟୀ ସରକାରରେ ପରିଣତ କରିବାପାଇଁ ଆମ ସମ୍ବିଧାନରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ଅଧିକ ଶକ୍ତିଶାଳୀ ଓ ଦକ୍ଷ କରିବାପାଇଁ ଦେଶର ସ୍ୱାଧୀନତା ପରେ ଗଣତାନ୍ତ୍ରିକ କ୍ଷମତାର ବିକେନ୍ଦ୍ରୀକରଣ ବା Democratic Decentralisation of Power ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ସହିତ ଏହାର ବାସ୍ତବ କାର୍ଯ୍ୟକାରୀତା କ୍ଷେତ୍ରରେ ବିହିତ ପଦକ୍ଷେପ ବି ଗ୍ରହଣ କରାଯାଇଛି । ଗଣତାନ୍ତ୍ରିକ କ୍ଷମତା ବିକେନ୍ଦ୍ରୀକରଣର ଆଧାର ସ୍ୱରୂପ କେନ୍ଦ୍ର ଓ ରାଜ୍ୟ ବା ପ୍ରାଦେଶିକ ସରକାର ବ୍ୟତୀତ ସ୍ଥାନୀୟ ସରକାର ବା ଶାସନ ଉପରେ ଗୁରୁତ୍ୱ ଦିଆଯାଇଛି । କେନ୍ଦ୍ର ସ୍ତରରେ କେନ୍ଦ୍ର ସରକାର ଓ ରାଜ୍ୟ ସ୍ତରରେ ରାଜ୍ୟ ସରକାରଙ୍କ ବ୍ୟତୀତ ସ୍ଥାନୀୟ ସମସ୍ୟାର ସମାଧାନ ନିମନ୍ତେ ସ୍ଥାନୀୟ ସରକାର କେବଳ ସୃଷ୍ଟି କରାଯାଇନାହିଁ ବରଂ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଠାରେ ସମସ୍ତ କ୍ଷମତା ଠୁଳ ନ ହୋଇ କିଛି କ୍ଷମତା ସ୍ଥାନୀୟ ସରକାର ହାତରେ ଅର୍ପଣ କରାଯାଇଛି ।

ଗଣତାନ୍ତ୍ରିକ କ୍ଷମତାର ବିକେନ୍ଦ୍ରୀକରଣ ମାଧ୍ୟମରେ ଦେଶର ଦୁଇ ପ୍ରକାର ସ୍ଥାନୀୟ ଶାସନ ପ୍ରତିଷ୍ଠା କରାଯାଇଛି, ଯଥା-ଗ୍ରାମାଞ୍ଚଳ ସ୍ଥାନୀୟ ଶାସନ ଓ ସହରାଞ୍ଚଳ ସ୍ଥାନୀୟ ଶାସନ । ଭାରତରେ ପ୍ରଥମେ ବ୍ରିଟିଶ ଶାସନ ସମୟରେ ପଂଚାୟତିରାଜ ବ୍ୟବସ୍ଥା ଭାଇସରାୟ ଲର୍ଡ ରିପନଙ୍କ ସମୟରେ ୧୮୮୨ ମସିହାରେ ପ୍ରଚଳନ ହୋଇଥିଲା। ମାତ୍ର ଏହା ସଫଳ ହୋଇପାରି ନଥିଲା । ସ୍ୱାଧୀନ ଭାରତରେ ଏଦିଗରେ ଅନେକ ପରୀକ୍ଷା ନିରୀକ୍ଷା କରାଗଲା ପରେ ଶେଷରେ ୧୯୫୬ ମସିହାରେ ଭାରତ ସରକାର ଶ୍ରୀ ବଳବନ୍ତ ରାୟ ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ ।

ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବଳବନ୍ତ ରାୟ ମେହେଟ୍ଟା କମିଟିର ସୁପାରିଶ କ୍ରମେ 'ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା' ବା Three tire Panchayat Raj System ପ୍ରଚଳନ କରିବା ପାଇଁ ସୁପାରିଶ ପ୍ରଦାନ କଲେ । ଗ୍ରାମସ୍ତରରେ ଗ୍ରାମପଞ୍ଚାୟତ, ବ୍ଲକ ସ୍ତରରେ ପଂଚାୟତ ସମିତି ଓ ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ ଗଠନ କରାଗଲା । ବଳବନ୍ତ ରାୟ ମେହେଟ୍ଟା କମିଟିର ସୁପାରିଶ କ୍ରମେ ଦେଶରେ ସର୍ବପ୍ରଥମେ ୧୯୫୯ ମସିହା ଅକ୍ଟୋବର ୨ ତାରିଖରେ ରାଜସ୍ଥାନରେ ପଂଚାୟତିରାଜ ବ୍ୟବସ୍ଥା ପ୍ରଚଳନ କରାଗଲା । ୧୯୬୧ ମସିହା ଜାନୁଆରୀ ୨୬ ତାରିଖରେ ଓଡିଶାରେ ପଂଚାୟତିରାଜ ବ୍ୟବସ୍ଥା ପ୍ରଚଳନ କରାଗଲା । ଆମ ସମ୍ବିଧାନର ୪୦ ଧାରାରେ (ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି ସମୂହ) ଗ୍ରାମପଞ୍ଚାୟତ ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଗ୍ରାମାଞ୍ଚଳ ସ୍ଥାନୀୟ ଶାସନ ବ୍ୟବସ୍ଥାକୁ ପଂଚାୟତିରାଜ ବ୍ୟବସ୍ଥା କୁହାଯାଏ ଯାହାକି ଗଣତନ୍ତ୍ରର ବାସ୍ତବ ସ୍ୱରୂପ ପ୍ରକାଶ କରେ। ପଂଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବା Democratic Decentralization ସମ୍ଭବ ହୋଇଥାଏ । ଗଣତନ୍ତ୍ରକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବା ଲକ୍ଷ୍ୟ ନେଇ ପଂଚାୟତିରାଜ ବ୍ୟବସ୍ଥାର ପରିକଳ୍ପନା କରାଯାଇଛି । ସ୍ଥାନୀୟ ସମସ୍ୟାକୁ ସ୍ଥାନୀୟ ସ୍ତରରେ ସମାଧାନ କରିବା ସହିତ ଲୋକମାନଙ୍କୁ ରାଜନୈତିକ ଶିକ୍ଷା ପ୍ରଦାନ କରିବା ପଂଚାୟତିରାଜ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ। ଏହାଦ୍ୱାରା ରାଜନୈତିକ ସଚେତନତା ସୃଷ୍ଟି ହୋଇପାରିବ। ତୃଣମୂଳ ସ୍ତରରେ ଅଂଶଗ୍ରହଣ ଫଳରେ ଲୋକମାନଙ୍କ ମଧ୍ୟରେ ରାଜନୈତିକ ଉତ୍ସାହ ବୃଦ୍ଧି ପାଇବ। ଲୋକମାନେ ଦାୟିତ୍ୱଶୀଳ ଓ ଆଗ୍ରହୀ ହେବା ସହ 'ନିଷ୍ପତ୍ତି ନିର୍ଣ୍ଣୟ ପ୍ରକ୍ରିୟା' ବା 'Decision making process'ରେ ଭାଗ ନେଇପାରିବେ । ତୃଣମୂଳ ସ୍ତରରେ ନିଷ୍ପତ୍ତି ନିର୍ଣ୍ଣୟ ପ୍ରକ୍ରିୟାରେ ସ୍ଥାନୀୟ ଲୋକମାନଙ୍କର ଅଂଶଗ୍ରହଣ ବୃଦ୍ଧି ପାଇବା ଫଳରେ ଗଣତନ୍ତ୍ରର ଭିତ୍ତିଭୂମି ସୁଦୃଢ଼ ହୋଇପାରିବ। ଏତଦ୍ ବ୍ୟତୀତ ଗ୍ରାମାଞ୍ଚଳରେ ନେତୃତ୍ୱ ସୃଷ୍ଟିରେ ପଂଚାୟତିରାଜ ସଂସ୍ଥା ସାହାଯ୍ୟ କରିପାରିବ ।

ପଂଚାୟତିରାଜ ବ୍ୟବସ୍ଥା ଗ୍ରାମୀଣ ଭାରତରେ ସାମାଜିକ ଓ ଅର୍ଥନୈତିକ ବିକାଶରେ ସାହାଯ୍ୟ କରିଥାଏ ।ଏହା ଗ୍ରମ୍ୟସ୍ତରରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାଗୁଡିକ କାର୍ଯ୍ୟକାରୀ କରାଇ ସ୍ଥାନୀୟ ଲୋକଙ୍କୁ ଶାସନକାର୍ଯ୍ୟରେ ସାମିଲ କରିଥାଏ । ଫଳରେ ଗ୍ରାମର ବିକାଶ ସମ୍ଭବ ହୋଇଥାଏ । ଗ୍ରାମାଞ୍ଚଳର ବିକାଶ ବିନା ଭାରତର ବିକାଶ ସମ୍ଭବ ନୁହେଁ । କାରଣ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅନୁଯାୟୀ ଭାରତର ଆତ୍ମା ଗ୍ରାମରେ ହିଁ ରହିଛି । ସୁଦୃଢ଼ ପଂଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଗ୍ରାମର ବିକାଶ ହେବା ସହ ଗଣତନ୍ତ୍ରର ମୂଳଦୁଆ ସୁଦୃଢ଼ ହୋଇପାରିବ।

ପଂଚାୟତିରାଜ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ, ଶକ୍ତ ଓ ଏକରୂପତା ଦେବା ଉଦ୍ଦେଶ୍ୟରେ ୧୯୯୨ ମସିହାରେ ସମ୍ବିଧାନର ୭୩ ତମ ସଂଶୋଧନ କରାଯାଇଥିଲା ଯାହାକି ୧୯୯୩ ମସିହା ଜୁନ୍ ୧ ତାରିଖରୁ କାର୍ଯ୍ୟକାରୀ ହେଲା ।ଏହି ଆଇନ୍ ଫଳରେ ସମ୍ବିଧାନର ଏକାଦଶ ସୂଚୀ ନାମରେ ଏକ ନୂତନ ସୂଚୀ ଯୋଗ କରାଗଲା ଯେଉଁଥିରେ କି ୨୯ ଟି ବିଷୟରେ ପଂଚାୟତିରାଜ ସଂସ୍ଥାମାନଙ୍କୁ କ୍ଷମତା ଓ ଦାୟିତ୍ୱ ଦେବାପାଇଁ ରାଜ୍ୟ ବିଧାନମଣ୍ଡଳକୁ ଆଇନ୍ ପ୍ରଣୟନ ପାଇଁ ନିର୍ଦ୍ଦେଶ ଦିଆଗଲା । ଯାହା ଫଳରେ ବର୍ତ୍ତମାନ ପଂଚାୟତିରାଜ ସଂସ୍ଥାର ସର୍ବନିମ୍ନ ସ୍ତର ଗ୍ରମପଂଚାୟତ ଦେଶର ଗଣତାନ୍ତ୍ରିକ ବିକାଶର ସାରଥି ରୂପେ କାର୍ଯ୍ୟ କରିବା ନିଶ୍ଚିତ ଭାବରେ ଏକ ଗୌରବର ବିଷୟ ।

ପଂଚାୟତିରାଜ ବ୍ୟବସ୍ଥା ଭାରତୀୟ ଗଣତନ୍ତ୍ରର ଏନ୍ତୁଡିଶାଳ କହିଲେ ଅତ୍ୟୁକ୍ତି ହେବନାହିଁ । ତୃଣମୂଳ ସ୍ତରରେ ଗଣତନ୍ତ୍ରର ମେରୁଦଣ୍ଡକୁ ଶକ୍ତ କରି ମୂଲ୍ୟବୋଧ ଭିତ୍ତିକ ବିକାଶରେ ଏହା ସାହାଯ୍ୟ କରେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ଲୋକମାନଙ୍କର ସକାରାତ୍ମକ ଦୃଷ୍ଟିଭଙ୍ଗୀ ବୃଦ୍ଧିପାଏ । ଲୋକମାନଙ୍କ ମଧ୍ୟରେ ରାଜନୈତିକ ସଚେତନତା ବୃଦ୍ଧି ପାଇବା ସହିତ ଦାୟିତ୍ୱବୋଧ ମଧ୍ୟ ବୃଦ୍ଧି ପାଇଥାଏ । ତେଣୁ ପଂଚାୟତିରାଜ ସଂସ୍ଥାଗୁଡିକୁ ଦୁର୍ନୀତି ମୁକ୍ତ କରିବା ସହିତ ଉତ୍ତରଦାୟୀ କରାଯିବା ଉଚିତ । ସ୍ୱଚ୍ଛ, ନିରପେକ୍ଷ ଓ ମୁକ୍ତ ତଥା ଅବାଧ ନିର୍ବାଚନ ମାଧ୍ୟମରେ ପଂଚାୟତ ପ୍ରତିନିଧିମାନଙ୍କୁ ନିର୍ବାଚିତ କରାଯିବା ଉଚିତ୍ । ବାହୁବଳ ବା ଅର୍ଥବଳକୁ କୌଣସି ପ୍ରକାର ପ୍ରଶୟ ଦିଆନଯାଇ ପ୍ରାର୍ଥୀମାନଙ୍କର ଦକ୍ଷତାକୁ ବିଚାରକୁ ନିଆଯିବା ଉଚିତ୍ । କୌଣସି ଦଳମତର ଚାପରେ ବଶବର୍ତ୍ତୀ ନହୋଇ ବିକାଶକୁ ପ୍ରସଙ୍ଗକରି ଉପଯୁକ୍ତ ପ୍ରତିନିଧି ନିର୍ବାଚିତ କରିପାରିଲେ ଭାରତୀୟ ଗଣତନ୍ତ୍ରର ଭିତ୍ତିଭୂମି ନିଶ୍ଚୟ ସୁଦୃଢ଼ ହୋଇପାରିବା ସହିତ ଗ୍ରାମୀଣ ବିକାଶ ସମ୍ଭବ ହୋଇପାରିବ । ତେବେ ଆସନ୍ତୁ ଆମେ ସମସ୍ତେ ଶପଥ ନେବା ଗଣତନ୍ତ୍ରର ନିର୍ଭରଯୋଗ୍ୟ ପରୀକ୍ଷାଗାର ପଂଚାୟତିରାଜ ସଂସ୍ଥା ଗୁଡ଼ିକୁ ସଶକ୍ତ କରିବା ସହିତ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରଗତିରେ ନିଜକୁ ସାମିଲ କରିବା ।

ଅଧ୍ୟାପକ
ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ,
ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧



ଅମୂଲ୍ୟ କୁମାର ପଣ୍ଡା

# ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ପୁରୋଧା ମଧୁସୂଦନ ରାଓ

ଓଡ଼ିଆ ସାହିତ୍ୟ ଜଗତରେ ଭକ୍ତକବି ଭାବେ ସୁପରିଚିତ ମଧୁସୂଦନ ରାଓ ତାଙ୍କ ରଚିତ 'ମଧୁ ବର୍ଣ୍ଣବୋଧ' ପାଇଁ ରହିବେ ଚିର ଅମର । ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ ଅନୁଭବ କରି ସେ ଅନେକ ପାଠ୍ୟପୁସ୍ତକ ରଚନା କରିଥିଲେ । କଟକସ୍ଥ ଭିକ୍ଟୋରିଆ ହାଇସ୍କୁଲ୍ ?ର ସେ ଥିଲେ ପ୍ରତିଷ୍ଠାତା, ଯାହା ପରବର୍ତ୍ତୀ କାଳରେ ଭକ୍ତମଧୁ ବିଦ୍ୟାପୀଠ ଭାବେ ପରିଚିତ ହୋଇଥିଲା। ପ୍ରବନ୍ଧରୁ ଲେଖକ ଜୀବନ ଆରମ୍ଭ କରିଥିଲେ ମଧୁସୂଦନ ରାଓ । ତାଙ୍କର ପ୍ରଥମ ପ୍ରବନ୍ଧ ପୁସ୍ତକ 'ପ୍ରବନ୍ଧମାଳା' ପ୍ରକାଶିତ ହୋଇଥିଲା । ରାଧାନାଥ ରାୟଙ୍କ ସହ ମିଶି 'କବିତାବଳୀ' ଶୀର୍ଷକରେ ସେ ଏକ ଗୀତିକବିତା ପୁସ୍ତକ ପ୍ରକାଶ କରିଥିଲେ, ଯାହା ଚଉତିଶା, କୋଇଲି, ବୋଲି ଆଦି ପାରଂପରିକ ଗୀତିରଚନା ଧାରାଠାରୁ ପୃଥକ୍? ଥିଲା । ଛାନ୍ଦମାଳା, ସଙ୍ଗୀତମାଳା, କୁସୁମାଂଜଳି, ବସନ୍ତଗାଥା, ଉତ୍କଳଗାଥା, ଉତ୍ତର ରାମଚରିତ, ବାଳ ରାମାୟଣ, କବିତାବଳି, ସାହିତ୍ୟ କୁସୁମ, ବାଳବୋଧ, ଶିଶୁବୋଧ ଆଦି ଅନେକ କବିତା ପୁସ୍ତକ ରଚନା କରିଥିବା ମଧୁସୂଦନ ରାଓ ଥିଲେ ବାସ୍ତବରେ ଓଡ଼ିଆ ଆଧୁନିକ ଗୀତିକବିତାର ଜନକ । ତାଙ୍କର ପ୍ରତ୍ୟେକଟି ରଚନାରେ ପ୍ରଭୁପ୍ରେମ ଓ ଭକ୍ତିରସ ପ୍ରାଞ୍ଜଳ ଭାବେ ପ୍ରସ୍ଫୁଟିତ ହୁଏ ଓ ବିଦ୍ୟାଳୟ ମାନଙ୍କରେ ଉଚ୍ଚାରିତ ହେଉଥିବା ବହୁ ଲୋକପ୍ରିୟ ପ୍ରାର୍ଥନା ସଂଗୀତ 'ଅଖିଳ ବ୍ରହ୍ମାଣ୍ଡ ପତି ହେ ଜୀବନ ସ୍ୱାମୀ', 'ହେ ପରମ ପିତାମାତା ପ୍ରଭୁ ଅନ୍ତର୍ଯ୍ୟାମୀ'ର ସେ ହେଉଛନ୍ତି ପ୍ରାଣଦାତା ଓ ନିଜର ସୁନ୍ଦର ଚରିତ୍ର, କାର୍ଯ୍ୟ ଦକ୍ଷତା ଓ କର୍ମନିଷ୍ଠାରେ ସନ୍ତୁଷ୍ଟ ହୋଇ ତତ୍କାଳୀନ ସରକାର ତାଙ୍କୁ 'ରାୟବାହାଦୁର' ଉପାଧିରେ ସମ୍ମାନିତ କରିଥିଲେ, ଏଥିସହିତ ଓଡ଼ିଶାର ଶିକ୍ଷିତସମାଜ ତାଙ୍କୁ "ଭକ୍ତକବି"ର ଉପାଧି ଦେଇଥିଲେ ଓ



ମଧୁସୂଦନ ୧୮୫୩ ମସିହା ଜାନୁଆରୀ ୨୯ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ସେ ଭକ୍ତକବି ଭାବେ ଲୋକଙ୍କ ନିକଟରେ ପରିଚିତ । ମଧୁସୂଦନ ରାଓ ଜଣେ ଆଦର୍ଶ ଶିକ୍ଷକ, କବି, ସାହିତ୍ୟିକ, ପଣ୍ଡିତ, ସୁସଂଗଠକ ଓ ସମାଜ ସଂସ୍କାରକ ଥିଲେ। ସେ ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଓ ଓଡ଼ିଆ ଭାଷାର ପ୍ରଥମ ବର୍ଣ୍ଣବୋଧ, ମଧୁ ବର୍ଣ୍ଣବୋଧର ପ୍ରଣେତା । ବାଲେଶ୍ୱର ଜିଲ୍ଲାସ୍କୁଲରେ ଦ୍ୱିତୀୟ ଶିକ୍ଷକ ପଦବୀରେ ଯୋଗଦେବା ପରେ ଫକୀର ମୋହନ ସେନାପତି ଓ ରାଧାନାଥ ରାୟଙ୍କ ସାନ୍ନିଧ୍ୟ ଲାଭ କରିଥିଲେ । ଏହି ସମୟରେ ସେ ସୁଲେଖକ ଭାବେ ପ୍ରସିଦ୍ଧି ଲାଭ କରିଥିଲେ । ମଧୁସୂଦନ ଶିକ୍ଷାବିଭାଗର ବିଭିନ୍ନ ପଦବୀରେ କାର୍ଯ୍ୟ କରି ଶେଷରେ ମାସିକ ପାଞ୍ଚଶହ ବେତନରେ ଇନ୍ସପେକ୍ଟର ପଦବୀରୁ ଅବସର ଗ୍ରହଣ କରିଥିଲେ । ମଧୁସୂଦନ, ଉତ୍କଳ ସାହିତ୍ୟ ସମାଜ ଓ ଭିକ୍ଟୋରିଆ ସ୍କୁଲ ବା ଭକ୍ତ ମଧୁ ବିଦ୍ୟାପୀଠ ଅନୁଷ୍ଠାନ ଦ୍ୱୟର ପ୍ରାଣପ୍ରତିଷ୍ଠାତା ଥିଲେ।

ମଧୁସୂଦନ ରାଓଙ୍କ ରଚନା ଖୁବ ସରଳ ଓ ସୁବୋଧ ଓଡ଼ିଆରେ ଲେଖା । ସେ ଓଡ଼ିଆ ଭାଷାରେ ବର୍ଣ୍ଣବୋଧ ରଚନା କରିଥିଲେ ଯାହା ମଧୁ ବର୍ଣ୍ଣବୋଧ ନାମରେ ଜଣା । ତାଙ୍କ ରଚିତ ମଧୁ ବର୍ଣ୍ଣବୋଧ ଏକ ଉପାଦେୟ ବହି ଯାହା କାଳ କାଳ ଧରି ଶିଶୁମାନଙ୍କର ପଠନଯୋଗ୍ୟ ହୋଇ ରହିଅଛି । ତାଙ୍କର ମଧୁର ରଚନା ଲାଗି ତାଙ୍କୁ ଭକ୍ତକବି ବୋଲି ଡକାଯାଇଥାଏ। ମଧୁସୂଦନ ଓ ଫକୀର ମୋହନ ସେନାପତିଙ୍କ ଠାରୁ ଓଡ଼ିଆ ଭାଷାର ଆଧୁନିକ ଯୁଗର ଆରମ୍ଭ ହୋଇଛି ବୋଲି କୁହାଯାଏ। ମଧୁସୂଦନ ରାଓ ବାଲେଶ୍ୱରରେ ଶିକ୍ଷକତା କରୁଥିଲା ବେଳେ ଫକୀର ମୋହନ ଓ ରାଧାନାଥଙ୍କ ସାନ୍ନିଧ ଲାଭ କରିଥିଲେ। ସାହିତ୍ୟ ଚର୍ଚ୍ଚା ଆରମ୍ଭ ହେଲା । ଏମାନେ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ରଚନା କରିଥିଲେ । ବାଲେଶ୍ୱର ରାଜକୁମାର ବୈକୁଣ୍ଠ ନାଥ ଦେ ଏମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଜଣେ ସୁଲେଖକ ଭାବେ ମଧୁସୂଦନ ଏଠାରେ ପ୍ରସିଦ୍ଧି ଲାଭ କରିଥିଲେ । ଓଡ଼ିଆ ବର୍ଣ୍ଣମାଳା ପାଇଁ ଉଦ୍ଦିଷ୍ଟ ପ୍ରାଥମିକ ପୁସ୍ତକ ବର୍ଣ୍ଣବୋଧ ପ୍ରତ୍ୟେକ ଓଡ଼ିଆର ଚିର ପରିଚିତ । ସେ ସାକ୍ଷର ହେଉ କି ନିରକ୍ଷର ହେଉ, ସେ ଓଡ଼ିଶାର ବାସିନ୍ଦା ହେଉ କି ଉପାନ୍ତ ଅଞ୍ଚଳର ବାସିନ୍ଦାହେଉ, ସଂସ୍କୃତି ପୀଠ କଟକ ମହାନଗରୀର ମଧ୍ୟ ଭାଗରେ ଅବସ୍ଥିତ ଉତ୍କଳ ସାହିତ୍ୟ ସମାଜ ଓଡ଼ିଶାର ସାରସ୍ୱତ ସାଧକମାନଙ୍କର ଏକ ତୀର୍ଥକ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । କଟକ ମହାନଗରୀରେ ଅବସ୍ଥିତ ଭିକ୍ଟୋରିଆ ସ୍କୁଲ ତଥା ଭକ୍ତ ମଧୁ ବିଦ୍ୟାପୀଠ ମଧ୍ୟ ଓଡ଼ିଶାର ଅନ୍ୟତମ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବରେ ପରିଚିତ । ବସନ୍ତ ଗାଥା, ଉତ୍କଳ ଗାଥା, ଛାନ୍ଦମାଳା କୁସୁମାଞ୍ଜଳୀ, ପ୍ରବନ୍ଧମାଳା, କବିତାବଳୀ ଓ ସୁଖବୋଧ ଅଭିଧାନ ପ୍ରଭୃତିର ସେ ହେଉଛନ୍ତି ରଚୟିତା। ୧୯୧୨ ମସିହା ଡିସେମ୍ବର ୨୮ରେ ଏହି ମହାନ ଆତ୍ମାଙ୍କର ବିୟୋଗ ଘଟିଥିଲା।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦






## ରାଜବାଟି

### ପୁଷ୍ପାଞ୍ଜଳି ପଣ୍ଡା

ରାଜାନାହାନ୍ତି କି ରାଜପାଟ ନାହିଁ
ନାହାନ୍ତି ବି ପାଟରାଣୀ
ତଥାପି କନିକା ରାଇଜଝୁରୁଛି
ରାଜ ଙ୍କ ର ଗୁଣ ଗୁଣି ॥

ରାଜନଅରର ରାଜକୀୟ ବେଶ
ସୁନ୍ଦର ରାଜବାଟି
ହଜିଯାଇଛି ସେ ପୁରୁଣା ଦିନ ତ
ସ୍ମୃତି କବରର ମାଟି ॥

ଧୋବଫରଫର ନଅର ପାଖରେ
ରାଣୀ ପୋଖରୀ ରେ ମୀନ
ଖେଳନ୍ତିବୁଲନ୍ତି ଶୋଭା ବଢାଅନ୍ତି
ଧରି କେତେ ପଦଚିହ୍ନ ॥

ସବୁଜିମାଘେରି ରହିଛି ପାଚେରୀ
ପାଖେ ପର୍ଯ୍ୟଟନ ସ୍ଥଳୀ
ଜାତୀୟଉଦ୍ୟାନ କୁମ୍ଭୀର ପାଇଁ କି
ଆନକେହି ନାହିଁ ସରି...!!

ରାଜବାଟି ମଧ୍ୟେ କୁମ୍ଭୀର କଙ୍କାଳ
ରାଜାଙ୍କ ଶାସନ ସ୍ଥଳ
ବିସୁ ବାସୁନୀଙ୍କ କଥା ମନେପଡେ
ଆଖିରୁ ନିଗିଡେ ଜଳ ॥

କେତେ ରାଜା ରାଣୀ ଶାସନ କାହାଣୀ
ରାଜବାଟି ଦେଖିଅଛି
ନାହାନ୍ତି ସେମାନେ ଶଶରୀରେ ସତ
ସ୍ମୃତି ରେ ସାଇତା ଅଛି ॥

ରାଜକନିକା ର ରାଜବାଟି କଥା
ଇଂରେଜ ଶାସନ ବେଳ
ଜନମାନସରେ ସ୍ମୃତି ଫରୁଆରେ
ଦିଶିଯାଏ ଜଳଜଳ ॥

♥ ଯୋଜନା ସଂଯୋଜନା ବିଭାଗ
ଓଡ଼ିଶା ସରକାର



## ପ୍ରିୟା

### ପ୍ରଶାନ୍ତ କୁମାର ନାଥ

ଜହ୍ନକୁ କାହିଁକି ଚାହିଁବି ପ୍ରିୟା ଗୋ
ତୁମେତ ଜହ୍ନଠୁଁ ସୁନ୍ଦର
ଫୁଲକୁ କାହିଁକି ଛୁଇଁବି ପ୍ରିୟା ଗୋ
ତୁମେତ ଫୁଲଠୁଁ କୋମଳ ।

ତୁମ ମଥାର ଟିକିଲି ଲାଗେମୋତେ
ଆକାଶର ଜହ୍ନ ପରି
ଖିଲି ଖିଲି ତୁମ ହସରୁ ଲାଗଇ
ମୁକ୍ତା ପଡିଅଛି ଝରି ।

ତୁମେ ଥିଲେ ପାଖେ ମୋର ପ୍ରିୟା
କିଛି ଲୋଡାନାହିଁ ମୋର
ତୁମେ ପରା ଅଟ ମୋ ପାଇଁ ସାଥୀ
ଦୁନିଆଁର ସବୁଠୁଁ ସୁନ୍ଦର ।

♥ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର

## ନୀଳ କୁମୁଦର ପ୍ରୀତି

### ବେଣୁଧର ସୂତାର



ମାଧୁର୍ଯ୍ୟ ମଧୁରେ ଭରା
ଏ ସୃଷ୍ଟିର ଚାରୁଧାରା
ଗାଉଅଛି ମଙ୍ଗଳର
ମୁଗ୍ଧ ସୂକ୍ତିନାମା
ଦିବ୍ୟ ଶାନ୍ତି ମଧୁମୟ
ସୃଜନୀ ମଙ୍ଗଳମୟ
ରମଣୀୟ ନୈସର୍ଗିକ
ବିରଳ ଉପମା ।।

ସବୁଜ ଧରଣୀ ହସ
ସପନ ଫୁଲର ବାସ
ରୂପସୀ ପ୍ରକୃତି କଳ-
କଲ୍ଲୋଲିତ ଧାରା
ବ୍ୟଷ୍ଟି ସମାହାର ସୁର
ପୁଲକିତ ମଞ୍ଜୁ ପୁର
ସୁନାଝରା ପ୍ରଭାତର
ଆଶିଷ ପସରା ।।

ତନ୍ମୟ ତଟିନୀ ଧାର
ମନୋହର ମୂର୍ଚ୍ଛନାର
ଗାଇଯାଏ ଏସୃଷ୍ଟିର
ଆଦିମ ସଙ୍ଗୀତ
ରଙ୍ଗ ରସ ସମାହାର
ମହକ ମଧୁରତାର
ଚିନ୍ମୟ ଝଙ୍କାର ତୋଳେ
ପ୍ରକୃତି ପଣତ ।।

ଲଳିତ ଲାବଣ୍ୟ ମାଳା
ପ୍ରକୃତିର ଚାରୁକଳା
ତୃପ୍ତମୟ ରଙ୍ଗୋଲିର
ବିଭୋର ମହ୍ଲାର
ଅଭିନବ ରୂପ କାୟା
ନୀଳ ଜୀମୁତର ମାୟା
ଅନୁପମ ଅନୁରାଗ
ଭୂମି ଓ ଭୂମାର ।।

ଗୋଧୂଳି ସୁଷମା ନେଇ
ଚାରୁମୟ ଦିଶେମହୀ
ଅସ୍ତରାଗ ଲାଲିମାର
କାଉଁରୀ ପରଶ
ପ୍ରକୃତିର ନିକେତନ
ଆହାକେଡେ ଶୋଭାବନ
ରୂପମୟୀ ଧରାବେଶ
ଲଳିତ ବିନ୍ୟାସ ।।

ଭାନୁ ଅସ୍ତାଚଳ ଦେଖି
ଜୋଛନା ପୀୟୂଷ ମାଖି
ଉଇଁଲେଣି ପ୍ରାଚୀ ଭାଲେ
ସୌମ୍ୟ ସୁଧାକର
ନିଶି ଆଉ ନିଶାକର
ଜୋଛନାର ଅଭିସାର
ପ୍ରକୃତି ପଣତୁ ଝରେ
ପ୍ରଣୟ ଝଙ୍କାର ।।

ଗଗନ ବିତାନ ତଳେ
ଶୀତଳ ସରସୀ ଜଳେ
ପ୍ରଣୟର ମଧୁଶାଳା
ରମ୍ୟରାସ ପୁରେ
ପ୍ରେମରେ ମଗନ ରାତି
ନୀଳ କୁମୁଦର ପ୍ରୀତି
ପରବାସୀ ପ୍ରିୟ ରାସ
ଲଳିତ ଶୃଙ୍ଗାରେ ।।

ମଧୁର ଏ ବିଭାବରୀ
ପ୍ରୀତିର ସପନ ପୁରୀ
ମାଧୁର୍ଯ୍ୟର ମଧୁଶାଳେ
ଅନୁଢା ରୂପସୀ
ପ୍ରଣୟ ର ଫୁଲବନେ
ପ୍ରୀତି ସୁଧାମଧୁ ପାନେ
ସମର୍ପିଛି ତନୁମନ
ସେ, ତନ୍ଦ୍ରା ତାମସୀ ।।

♥ କେଶଦୁରାପାଳ
କେନ୍ଦୁଝର
(ମୋ)୯୧୭୮୫୬୮୨୪୬

## ପ୍ରେମ ଲଗ୍ନ

### ସିଦ୍ଧେଶ୍ୱର ତ୍ରିପାଠୀ



ଆଜି କାହିଁ କାନ୍ଦିବାକୁ
ଇଚ୍ଛା ହୁଏ ଭାରି
ଜାଣିନି ମୁଁ ଦିନେ ଥିଲି
ନିଜର କାହାରି

ମୋତେ କାହିଁ ଜାଳେ ଅବଶୋଷ
ସରିଗଲା ପରେ ମୋର ପ୍ରେମର ଆୟୁଷ

ଜାଣିନି କୋଉଠି ଛନ୍ତି ଚନ୍ଦ୍ର କି ମଙ୍ଗଳ
ରାଶି ଲଗ୍ନ ନକ୍ଷତ୍ର ର କିବା ଅନୁକୂଳ
ଶୁକ୍ର ପ୍ରଭାବ ନଦେଖି ହେଲି ପ୍ରଭାବିତ
ଗାଇବା ଆଗରୁ ସରି ଗଲା ପ୍ରେମ ଗୀତ

ପାରେନା ମୁଁ କହି
ଛାତି ଭିତରେ ରଖିଲେ
ପାରେନା ମୁଁ ସହି ।

ପୂଜି ପାରିନାହିଁ କେବେ ଶଙ୍କର ଗଉରୀ
ଜ୍ୟୋତିଷ କୁ ଦେଖାଇନି ହାତ
ତୁମେ ଗଲା ପରେ ପରେ
ସବୁ ଫିକା ଫିକା
ମନ ଭୟଭିତ ।

କହିଥିଲ ପାଖେଥିବ ଶହେ ଜନମରେ
ଶହେ ଦିନ ପାରିଲନି ରହି
ତୁମ ହାତ ପାରିଲିନି ଧରି
ସାଥୀ ଖାଲି ତୁମ ସ୍ମୃତି ଛାଇ ।

♥ ଖୋର୍ଦ୍ଧା







କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୨୭)

# ରାମ ସୀତାଙ୍କ ବିବାହ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜନକ ରାଜାଙ୍କ ଦୂତ ମହାରାଜା ଦଶରଥଙ୍କୁ ଯେଉଁ ଖବର ଦେଲେ ସେଥିରେ କେବଳ ଦଶରଥ ଖୁସି ହେଲେନି, ସଭାରେ ଥିବା ସମସ୍ତ ସଭାସଦ ଖୁସିରେ ଉଛୁଳି ପଡ଼ିଲେ। ଦଶରଥ ଚାହିଁଲେ ତାଙ୍କ କୂଳଗୁରୁ ବଶିଷ୍ଠ ଓ ମନ୍ତ୍ରୀଗଣଙ୍କ ଆଡ଼େ। ସେମାନଙ୍କ ସମ୍ମତି ସଙ୍ଗେ ସଙ୍ଗେ ମିଳିଗଲା।

ଦଶରଥ ତାଙ୍କ ମନ୍ତ୍ରୀଙ୍କ ଆଡ଼େ ଚାହିଁଲେ ଓ ସଂଗେ ସଂଗେ ଆଦେଶ ଦେଲେ-ଆମର ମିଥିଳା ଯିବାର ଆୟୋଜନ ତୁରନ୍ତ କର। ଆମେ ଆସନ୍ତା



କାଲି ସକାଳେ ମିଥିଳାକୁ ଯାତ୍ରା ଆରମ୍ଭ କରିବା।

ଦଶରଥଙ୍କ ଆଦେଶ ପାଇ ମନ୍ତ୍ରୀମାନେ ତୁରନ୍ତ କାମରେ ଲାଗିପଡ଼ିଲେ। ଶ୍ରୀରାମ ବିଶ୍ୱାମିତ୍ରଙ୍କ ସହିତ ଯାଇ ତାଡ଼କା ଓ ସୁବାହୁ ଅସୁରୀ ଓ ଅସୁରକୁ ମାରିଛନ୍ତି। ମିଥିଳାର ଶିବଧନୁ ଭାଙ୍ଗିଛନ୍ତି। ତାଙ୍କର ବିବାହ ସୀତାଙ୍କ ସହିତ ହେଉଛି- ଏ ଖବର ରାଜ ନବରରେ ପହଂଚି ଯାଇଥିଲା। କେବଳ ରାଜନବରର ଲୋକମାନେ ନୁହନ୍ତି, ସାରା ଅଯୋଧ୍ୟାରେ ଲୋକ ଉତ୍ସବ ପାଳିବା ଆରମ୍ଭ କଲେ।

ମହାରାଜା ଦଶରଥ, ତାଙ୍କ ପତ୍ନୀ କୌଶଲ୍ୟା, କୈକେୟୀ, ସୁମିତ୍ରା, ତାଙ୍କ ପୁତ୍ର ଭରତ, ଶତ୍ରୁଘ୍ନ, ମନ୍ତ୍ରୀ, କୁଳଗୁରୁ ବଶିଷ୍ଠ ଓ ସୈନ୍ୟସାମନ୍ତ ମିଥିଳା ଲାଗି ଯାତ୍ରା ଆରମ୍ଭ କରିଦେଲେ। ଚାରିଦିନ ଯାତ୍ରାପରେ ସେମାନେ ମିଥିଳାରେ ପହଂଚିଲେ।

ମିଥିଳାର ରାଜା ଜନକ ରାଜା ଦଶରଥ ଓ ତାଙ୍କ ସଂଗରେ ଆସିଥିବା ସମସ୍ତଙ୍କୁ ସୁସ୍ୱାଗତ ଜଣାଇଲେ। ରାଜା ଜନକଙ୍କ ଆତିଥ୍ୟରେ ଅତ୍ୟନ୍ତ ପ୍ରୀତ ହେଲେ ଦଶରଥ।

ରାଜା ଜନକଙ୍କ ଭାଇ କୁଶଧ୍ୱଜ ଇନ୍ଦୁମତୀ ନଦୀକୂଳରେ ଥିବା ସଙ୍କାଶ୍ୟ ନଗରୀର ରାଜା ଥିଲେ। ଜନକ ଋଷି ସାନଭାଇ କୁଶଧ୍ୱଜଙ୍କୁ ଡକାଇ ପଠାଇଲେ। କୁଶଧ୍ୱଜ ତାଙ୍କ ପତ୍ନୀ, କନ୍ୟା ଓ ଅନ୍ୟ ବିଶିଷ୍ଠ ବ୍ୟକ୍ତିଙ୍କ ସହିତ ମିଥିଳାର ପହଂଚିଲେ।

ଦଶରଥ ମିଥିଳାରେ ପହଂଚିବାର ପରଦିନ ରାଜା ଜନକ ଦଶରଥ, କୁଳଗୁରୁ ବଶିଷ୍ଠ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ତାଙ୍କ ସଭାକୁ ଡକାଇଲେ। ପିଲାମାନଙ୍କ ବିବାହ ପୂର୍ବରୁ ଦୁଇ ରାଜବଂଶ ପରସ୍ପର ବିଷୟରେ ସବୁ କଥା ଜାଣିବା ଦରକାର। ସେ କଥା ରାମାୟଣ ଯୁଗରେ ଥିଲା ଏ ଯୁଗରେ ମଧ୍ୟ ଅଛି।

ରାଜା ଦଶରଥ କୁଳଗୁରୁ ବଶିଷ୍ଠଙ୍କୁ ଅନୁରୋଧ କଲେ ତାଙ୍କ ବଂଶ ବୃତ୍ତାନ୍ତ ରାଜା ଜନକ ଓ ତାଙ୍କ ସଭାସଦଙ୍କୁ କହିଗଲେ। କୁଳଗୁରୁ ବଶିଷ୍ଠ ସୂର୍ଯ୍ୟବଂଶର ସବୁ ରାଜାମାନଙ୍କ କଥା କହିଲେ। ସେଥିମଧ୍ୟରେ ଦଣ୍ଡ ରାଜା, ରାଜା ହରିଶ୍ଚନ୍ଦ୍ର, ସଗର ରାଜା ମଧ୍ୟ ଥିଲେ। ପ୍ରବଳ ପ୍ରତାପୀ ରଘୁଙ୍କ କଥା ମଧ୍ୟ ବଶିଷ୍ଠଙ୍କ କଥାରେ ଥିଲା। ଅଜ ରାଜାଙ୍କ ସୁପୁତ୍ର ଦଶରଥଙ୍କ ବିବରଣୀ କହି ବଶିଷ୍ଠ ଋଷି ସୂର୍ଯ୍ୟବଂଶର ବିବରଣୀ ସାରିଲେ। ବଶିଷ୍ଠଙ୍କଠାରୁ ସୂର୍ଯ୍ୟବଂଶ ବିବରଣୀ ଶୁଣିଲା ପରେ ରାଜା ଜନକ ନିଜେ ତାଙ୍କ ବଂଶାବଳୀର ବର୍ଣ୍ଣନା କଲେ। ସେ କିପରି ସୀତାଙ୍କୁ କନ୍ୟା ରୂପରେ ପାଇଲେ ସେ କଥା ମଧ୍ୟ କହିଲେ।

ରାଜା ଜନକଙ୍କର ଆଉ ଗୋଟେ କଥା ଥିଲେ। ତାଙ୍କ ନାମ ଥିଲା ଉର୍ମିଳା। ଦଶରଥ ଓ ବଶିଷ୍ଠଙ୍କୁ ଜନକ ଏ କଥା ମଧ୍ୟ କହିଲେ ଯେ ସ ତାଙ୍କ କନିଷ୍ଠା କନ୍ୟା ଉର୍ମିଳାଙ୍କୁ ରାମଙ୍କ ଅନୁଜ ଲକ୍ଷ୍ମଣଙ୍କ ସହିତ ବିବାହ କରିବାକୁ ଚାହାନ୍ତି। ଏ କଥା ଶୁଣି ଦଶରଥ ଓ ଅନ୍ୟମାନେ ଖୁସି ହେଲେ।

ଜନକଙ୍କ କନିଷ୍ଠ ରାଜା କୁଶଧ୍ୱଜଙ୍କର ଦୁଇଟି କନ୍ୟା ଥିଲେ- ମାଣ୍ଡବୀ ଓ ଶ୍ରୁତକୀର୍ତ୍ତି। ରାଜଜନକ ଓ ଦଶରଥ ମାଣ୍ଡବୀଙ୍କ ସହିତ ଭରତ ଓ ଶ୍ରୁତକୀର୍ତ୍ତିଙ୍କ ସହ ଶତ୍ରୁଘ୍ନଙ୍କ ବିଭାଘର ସ୍ଥିର କଲେ।

ଶୁଭ ଦିନ ଓ ଲଗ୍ନରେ ଦଶରଥଙ୍କ ଚାରିପୁତ୍ର ଓ ଜନକ ଓ କୁଶଧ୍ୱଜଙ୍କ ଚାରି କନ୍ୟାଙ୍କ ବିବାଘର ଉତ୍ସବ ଆରମ୍ଭ ହୋଇଗଲା। ରାମ-ସୀତା, ଭରତ-ମାଣ୍ଡବୀ, ଲକ୍ଷ୍ମଣ-ଉର୍ମିଳା, ଶତ୍ରୁଘ୍ନ-ଶ୍ରୁତକୀର୍ତ୍ତି ବିବାହ ବନ୍ଧନରେ ବାନ୍ଧି ହୋଇଗଲେ। ସେମାନେ ବଡ଼ମାନଙ୍କ ଆଶୀର୍ବାଦ ନେଇ ନିଜ ବୈବାହିକ ଜୀବନ ଆରମ୍ଭ କଲେ।

ଅଯୋଧ୍ୟା ଫେରିବା ବାଟରେ ଶ୍ରୀରାମଙ୍କର ପର୍ଶୁରାମଙ୍କ ସହିତ ଦେଖା ହୋଇଥିଲା। ଦଶ ଅବତାରଙ୍କ ମଧ୍ୟରେ ପର୍ଶୁରାମଙ୍କ ଏକ ଅବତାରର ମାନ୍ୟତା ଦିଆଯାଏ।

ପିଲାମାନେ- ଏଇଠି ରାମାୟଣର ଆଦ୍ୟକାଣ୍ଡ ସରିଲା। ଆଶା କରୁଛି, ତୁମ ମାନଙ୍କ ଶ୍ରୀରାମଙ୍କ ପିଲାଦିନ କଥା ବହୁତ ଭଲ ଲାଗିଥିବ। ପ୍ରଭୁ ଶ୍ରୀରାମ ସମସ୍ତଙ୍କର ମଙ୍ଗଳ କରନ୍ତୁ। ଏତିକି କହି ମିନା ଅପା ରାମାୟଣ କଥା ସାରିଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## ପିଙ୍କିପାଇଁ ନାନାବାୟା ଗୀତ

### ନୀଳମଣି ଚାନ୍ଦ

ଡବାରେ ଥିଲା ଚେରି
ଦେଖିଲେ ପିଲେ ଘେରି
ରଙ୍ଗଟି ତା'ର ଲାଲ୍
ଖାଇଲା ପିଙ୍କି ପାଲ୍
କହିଲା ମିଠା ଭାରି
ଆଈ କହିଲେ ହେବରେ ଖ୍ୱରି
ଦେଏନା ସବୁ ସାରି।

ଡବାରେ ଥିଲା କାଜୁ
ଦେଖିଲା ତା'କୁ ରାଜୁ
ହାତରେ ଦେଲା ଧରି
ତା ରଙ୍ଗ ଘିଅ ପରି
ସୁଆଦିଆ ତ ଲାଗେ
କାଜୁଟା ଭଲ ଦେହ ପାଇଁରେ
ପିଙ୍କିଟା ଆସି ମାଗେ।

ଆଉ କରନା ଡେରି
ପିମ୍ପୁଡ଼ି ଯିବେ ଘେରି
ଦି ଦିଇଟା ଖାଅ
ଗୀତ ତିନିଟା ଗାଅ
ବାଜିଲାଣି ତ ଛଅ
ବହିଟି ଧରି ପଢ଼ରେ ପାଠ
ଉଠିବ ହେଲେ ନଅ।

♥ ୨୭, ମନ୍ତ୍ର ମାନୋର, ଗୋପାଟଣା
ଭୁବନେଶ୍ୱର-୨୯,
ମୋ: ୯୫୮୩୨୦୨୩୫୭



## କବିତା

ତୁମ ପାଇଁ

## ଜୟ ଜବାନ୍ ଜୟ କିଷାନ୍

### ନିରାକାର ଚଇନି

ଗାଆଁ ଗଣ୍ଡା ଘର ପରିବାର ଠାରୁ
ରହିଥାଇ ସଦା ଦୂରେ
ଜୀବନ ମରଣ ଏକାକାର କରି
ଦେଶର ସୀମାନ୍ତେ ଘୁରେ,
ସିଏ ବୀର ସଇନିକ
ମାଟି ମାଆ ପାଇଁ ଅରି ସାଥେ ଯିଏ
ଯୁଝିଥାଏ ଦଇନିକ।

ମାଟି କାଦୁଅରେ ଘାଣ୍ଟି ହୋଇ ନିତି
କରିଥାଏ କ୍ଷେତେ କାମ
ଲହୁ ଲୁହ ଢାଳି ଫସଲ ଫଳେଇ
ପେଟ କଥା ବୁଝେ ଆମ,
ସିଏତ କୃଷକ ଭାଇ
ତାଙ୍କ ପରି ଅତି ଆପଣା ମଣିଷ
କୁହ କିଏ ଅଛି କାହିଁ!

ଲାଲ୍ ବାହାଦୁର ଶାସ୍ତ୍ରୀ ଥିଲେ ଆମ
ଦେଶର ପ୍ରଧାନମନ୍ତ୍ରୀ
ଜନହିତ ଲାଗି ଅହରହ ବାଜେ
ତାଙ୍କରି ହୃଦୟ ତନ୍ତ୍ରୀ,
ନଥିଲା ମନରେ ଭୀତି
ଜବାନ୍ କିଷାନ୍ ଦୁଇଭାଇଙ୍କର
ଗାଉଥିଲେ ଜୟଗୀତି।

♥ କଳିଗାଁ, ହାଟଡିହୀ,
କେନ୍ଦୁଝର-୮୩
ମୋ-୮୨୪୯୩୮୭୯୭୩

## ପାଠ ପଢ଼

### ରାମଚନ୍ଦ୍ର ସେଠୀ

ଭାଇରେ ଭାଇ,
କି ଲାଭ ମୋ ଦୁଃଖ କାହାକୁ କହି
ବାପା କହୁଥିଲେ ଯା ପାଠ ପଢ଼
ହେଲେ, ମୁଁହି ପାଠ ପଢ଼ିଲି ନାହିଁ ।

ଏବେ ମୁଁ ମୂରୁଖ ବାହୁଚି ହଳ
କି ଖରା ବରଷା କି ଶୀତ କାଳ
ପାଣି କାଦୁଅରେ ଲଟର ପଟର
ହେଇ, ମୁଁ ଫେରୁଚି ବୁଡ଼ିଲେ ବେଳ ।

ବାପା କହୁଥିଲେ ପଢ଼ିଲେ ପାଠ
ବହି କିଣିଦେବେ ଥାକକୁ ଥାକ
ବାବୁ ହେଇ ଧନ ମାନ କମେଇବୁ
ସାଲାମ୍ ମାରିବେ ଦୁନିଆଁ ଲୋକ ।

ପାଇବୁ ସବୁଠୁ ଦରମା ମୋଟା
ଚାଳଘର ଆମ କରିବୁ କୋଠା
ଆମେ ବୁଢ଼ାବୁଢ଼ୀ ସୁଖରେ ରହିବୁ
ହେଲେ, ଭାଇ ମୋର କପାଳ ଫଟା ।

ବାପାଙ୍କ କଥାକୁ ଶୁଣିଲି ନାହିଁ
ବଡ଼ ଭୁଲ୍ କଲି ମୂରୁଖ ହେଇ
ଏବେ କାନ୍ଦି କାନ୍ଦି ମୋ ଦିନ ସରୁନି
କି ଲାଭ ମିଳିବ ସେ କଥା କହି ।

♥ ହାତୀମୁଣ୍ଡା, ବାଣପୁର, ଖୋର୍ଦ୍ଧା



## ଆସିଲା ଧରାକୁ ମକର

### ମହେନ୍ଦ୍ର କୁମାର ଘଡ଼େଇ

ଫେରିଗଲା ଏବେ କାଲୁଆ ଶୀତ
ଆସିଲା ଧରାକୁ ମକର ମିତ
ସୂରୁଜ ଉତ୍ତର ଗତି
ତାଜା ଫୁଲ ଫଳ ଭେଟିଦେବା ପାଇଁ
ଧରା ଯାଏ କାମେ ମାତି ।

ବହଳ କାକର କୁହୁଡ଼ି ନେଇ
ବରଷ ଗୋଟିଏ ଯିବରେ କାହିଁ
ପେଡ଼ିରେ ପଶିବ ଶୀତ
ଭାଇଚାରା ନେଇ ଆଗକୁ ବଢ଼ିବା
ଗାଇ ହସଖୁସି ଗୀତ ।

ପିତାମାତା ଗୁରୁ ପୂଜିବା ଆମେ
ତାଙ୍କ ଆଶିଷରେ ଲାଗିବା କାମେ
ଭେଦାଭେଦ ଭୁଲି ଯାଇ
ଦେଖିବା ସପନ ପୂରା କରିବାକୁ
ପଛକୁ ହଟିବା ନାହିଁ ।

ରହିଥାଉ ପଛେ ଯେଉଁଠି ଯିଏ
ଛାଡ଼ିଯିବାନି ତା' ପାଖରୁ କିଏ
ଫୁଟାଇ ତା' ମୁଖେ ହସ
ଦୀନ ଦୁଃଖିଆର ଥାଳ ଭରିଦେବା
ପାଇଁ ପଣକରି ଆସ ।

ରଙ୍ଗ ବେରଙ୍ଗର ଲଟେଇ ଗୁଡ଼ି
ଖୋଲା ଅକାଶକୁ ଦେବାରେ ଛାଡ଼ି
ଉପରକୁ ଥିବା ଚାହିଁ
ତା' ପରି ଉପର ଉଠିବା ପାଇଁକି
ଏ ମକର କହେ ଭାଇ ।

♥ କ୍ଷେତ୍ରମୋହନ ବିଦ୍ୟାପୀଠ,
କଟରପଡ଼ା
ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୫୬୬



ଅମରନାଥ ବାରିକ୍

# ବିଶ୍ୱାସ ଘାତକ ମାଙ୍କଡ



ନିରୋଳା ଘଞ୍ଚ ଜଙ୍ଗଲ, ଝରଣାର କୁଳୁକୁଳୁ ଶବ୍ଦ ଏବଂ ପକ୍ଷୀ ମାନଙ୍କର କିଚିରି ମିଚିରି ସ୍ୱରରେ ଗୁଞ୍ଜରୀତ ହୋଇ ଉଠେ ଏହି ଅରଣ୍ୟ। ନାନା ପ୍ରକାର ରଙ୍ଗୀନ ଫୁଲରେ ଶୋଭିତ ସୁମଧୁର ଫଳରେ ମଣ୍ଡିତ ହୋଇଥାଏ ଏହି ସବୁଜିମା ଭରା ବନ । କେଉଁଠି କେଉଁଠି ରହିଛି ପାହାଡ଼ ପର୍ବତ ତ କେଉଁଠି ରହିଛି ଛୋଟବଡ଼ ଗୁମ୍ଫା । ତା' ମଧରେ ବାସ କରନ୍ତି ଅନେକ ଜାତି ପ୍ରଜାତିର ଜୀବଜନ୍ତୁ । ଠିକ୍ ଏହି ଜଙ୍ଗଲ ତା'ର ମଝିରେ ଅଙ୍କାବଙ୍କା ହୋଇ ଏକ ରାସ୍ତା ଲମ୍ବି ଯାଇଛି ଅନେକ ଦୂରକୁ ।

ଏକ ଗଛ ଡାଳରେ ବସି ମାଙ୍କଡ଼ଟିଏ ଚିନ୍ତାମଗ୍ନ ହୋଇ ଚାହିଁ ରହିଥାଏ ସେହି ରାସ୍ତା ଆଡ଼କୁ । ଠିକ୍ ସେହି ସମୟରେ ସେଇ ବାଟ ଦେଇ ତା'ର ପରିଚିତ ଗଧଟି ଆସିଲା ଯାହା ଉପରେ ନଜର ଥିଲା ଏହି ମାଙ୍କଡ଼ର ! ମାଙ୍କଡ଼ ଖୁବ ଉଚ୍ଚ ସ୍ୱରରେ ଡାକିଲା ସେହି ହୃଷ୍ଟପୁଷ୍ଟ ବଳିଷ୍ଠ ଚେହେରା ଥିବା ଗଧକୁ ।

ହୋ... ଗଧ ଭାଇନା !! ଏତେ ସକାଳୁ ସକାଳୁ ଉଠି କୁଆଡ଼େ ଯାଉଛ ? କ'ଣ କେଉଁଠି ନିମନ୍ତ୍ରଣ ଅଛି ନା କ'ଣ ? ମୁଁ ତ ସମସ୍ତଙ୍କ ମୁହଁରୁ ତୁମର ପ୍ରଶଂସା ଶୁଣୁଛି ! ସତରେ ତୁମେ ଜଣେ ନିରୀହ ଏବଂ ପରିଶ୍ରମୀ ପଶୁ । କାହିଁକି ନା ମଣିଷ ତୁମ ପିଠିରେ ଯେତେ ବି ଭାରି ଜିନିଷ ରଖିଦିଏ ତୁମେ ତାହା ପ୍ରାଣପଣେ ବୋହି ନେଇଯାଅ। କାହାରିକୁ କିଛି କୁହ ନାହିଁ । ବିନା ପ୍ରତିବାଦରେ ସବୁ କାମ କରିଥାଅ। ହେଲେ ମୁଁ ଆଜି ଗୋଟେ କାମ କହିବି ଦୟାକରି ମୋ କାମଟି କରିଦେବ ତ ?

ଏଥର ଗଧ ଭାଇନା ହସି ହସି କହିଲା । ହଁ ଭାଇ ମୁଁ ନିଶ୍ଚୟ କରିବି ହେଲେ କାମଟି କ'ଣ କୁହ ତ ? ମାଙ୍କଡ କହିଲା 'ମୁଁ ଅନେକ ଦିନ ହେଲାଣି ମୋ ମାମୁଁ ଘରକୁ ଯାଇନାହିଁ । ମୋ ବାଘ ମାମୁଁ ଆଉ ବାଘୁଣୀ ମାଇଁ ଖବର ଦେଇଛନ୍ତି ମୁଁ ଯିବି । ତୁମେ ଟିକେ ତୁମ ପିଠିରେ ମୋତେ ବସେଇ ନେଇ ସେଠାରେ ଛାଡ଼ି ଦିଅ।'

ହେଲେ ମାଙ୍କଡ଼ର ଚତୁରତାକୁ ଗଧ ଆଗରୁ ଜାଣିଥିଲା ବୋଲି ମାଙ୍କଡ଼କୁ ଜଣା ନଥାଏ । ପୂର୍ବ ଦିନ ମାଙ୍କଡ଼ ସେହି ଜଙ୍ଗଲରେ ଥିବା ଗୁମ୍ଫା ଆଡ଼କୁ ବୁଲିବାକୁ ଯାଇଥିଲା । ବୁଲୁ ବୁଲୁ ସେଠାରେ ବାଘ ଓ ବାଘୁଣୀଙ୍କ ହାବୁଡରେ ପଡିଥିଲା। ମାଙ୍କଡ଼ର ନରମ ଶରୀରକୁ ଦେଖି ବାଘୁଣୀ ଖାଇବ ବୋଲି କହିବାରୁ ବାଘ ମାଙ୍କଡ଼କୁ ଅଟକାଇଥିଲା। କିନ୍ତୁ ମାଙ୍କଡ଼ ତ ଅତି ଚତୁର ! ସେ ବାଘକୁ କହିଲା 'ବାଘ ମାମୁଁ, ମୋତେ ଖାଇଲେ କିଛି ଲାଭ ହେବ ନାହିଁ । କାହିଁକି ନା ମୋ ଶରୀର ଏତେ ଛୋଟ ତୁମ ପେଟ ଭରିବ ନାହିଁ । ମୋତେ ଗୋଟେ ସୁଯୋଗ ଦିଅ, ମୁଁ ଯାଉଛି ମୋର ଜଣେ ଚିହ୍ନା ଗଧ ଅଛି ତା'ର ବିଶାଳ ଆକାର ଶରୀର। ତାକୁ ଖାଇଲେ ତୁମ ଦୁହିଁଙ୍କର ପେଟ ଭରିଯିବ ଏବଂ ସ୍ୱାଦିଷ୍ଟ ଲାଗିବ ।

ଏହି କଥାଟିକୁ ଦୂରରୁ ଛକି ବସି ଶୁଣୁଥିଲା ବିଲୁଆ। ସେ ଯାଇ ତା'ର ମଇତ୍ର ଗଧକୁ କହିଥିଲା। ଏବେ ଗଧ ମାଙ୍କଡ଼କୁ କହିଲା, 'ହୋ.. ମାଙ୍କଡ଼ ନନା ମୁଁ ତ ଦେଖୁଛି ତୁମେ ବଡ଼ ବିଶ୍ୱାସ ଘାତକ! ମୁଁ ଜଣେ ଗଧ ହୋଇଥାଇପାରେ, ହେଲେ ମୋରବି ତ ଅଳ୍ପ ବହୁତ ଜ୍ଞାନ ଅଛି। ବାଘମାମୁଁ ଗୁମ୍ଫାକୁ ଯାଇ କେହି ଫେରିଲାଣି? ତୁମେ ଚତୁର କୁମ୍ଭୀରକୁ ସିନା ଠକିଦେଇ ମଝି ନଈରୁ ପଳେଇ ଆସିଥିଲ । ଗଛ କୋରଡରେ କଳିଜା ରଖିଛ ବୋଲି କହି । ସେମିତି ମୋତେ ଠକିଦେଇ ବାଘ ଓ ବାଘୁଣୀ ମୁହଁରେ ଦେବାକୁ ବସିଛ । ତୁମେ ବିଶ୍ୱାସ ଘାତକ କାହାଣୀ ମୋର ବିଲୁଆ ମଇତ୍ର ଠାରୁ ମୁଁ ଶୁଣି ସାରିଛି।' ଏଥର ମାଙ୍କଡ଼ ନିରୁପାୟ । ବାଘ ବାଘୁଣୀଙ୍କୁ ଯେତେ ବାଟ ଭାଙ୍ଗି ଯିବାକୁ ଚେଷ୍ଟା କଲା ଦିନେ ଧରା ପଡିଗଲା। ଉଚିତ ଶିକ୍ଷା ପାଇଲା, ବାଘୁଣୀ ତାକୁ ଖାଇଲା ।

♥ କୟାଁ, ମଙ୍ଗଳପୁର,
ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ମୋ: ୯୫୪୦୩୦୮୦୯୫



ସୁଧାକର ନନ୍ଦ

# ବିଚାର



ଜଣେ ରାଜା ଥିଲେ । ବିଭିନ୍ନ ପଶୁପକ୍ଷୀମାନଙ୍କୁ ଆଦର ଯତ୍ନରେ ପାଳିବାରେ ସେ ଖୁବ୍ ଆନନ୍ଦ ପାଉଥିଲେ । ସେମାନଙ୍କ ମଧ୍ୟରେ ଷଣ୍ଢଟିଏ ଗୋଖାଦ୍ୟ, ଘାସ ଓ ନିର୍ଭୟରେ ରାଜ୍ୟର ପ୍ରଜାମାନଙ୍କ ଫସଲ ଖାଇ ଖୁବ୍ ହୃଷ୍ଟପୁଷ୍ଟ ଓ ବଳବାନ ହୋଇଥିଲା । ଷଣ୍ଢଟିର ଗୋଟିଏ ନାମକୁ ମାତ୍ର ଜଗୁଆଳ ଥାଏ । ସେ ଯୁଆଡ଼େ ଯାଏ ଜଗୁଆଳ ତା' ସାଙ୍ଗରେ ଯାଉଥିଲେ ବି ରାଜାଙ୍କ ଆଦେଶ ହେତୁ ସେ ତାକୁ କେତେବେଳେ ବି ଆକଟ କରେନାହିଁ ।

ସେହି ରାଜ୍ୟର ଗୋଟିଏ ଗରିବ ପ୍ରଜା ବି ଷଣ୍ଢଟିଏ ପାଳିଥାଏ । କୁଣ୍ଡା, ପେଜ-ତୋରାଣି ଓ ବିଲ ଘାସ ଖାଇ ସେ ଖୁବ୍ ହୃଷ୍ଟପୁଷ୍ଟ ଓ ବଳବାନ ହୋଇଥାଏ ।

ଦିନେ ରାଜାଙ୍କ ଷଣ୍ଢ ରାଜ ଦାଣ୍ଡରେ ଯାଉଥିବା ବେଳେ ଗରିବ ପ୍ରଜାର ଷଣ୍ଢଟି ସେଇ ରାସ୍ତାରେ ଫେରୁଥିଲା । ଦୁହେଁ ଦୁହିଁଙ୍କର ସାମ୍ନା ସାମ୍ନି ହେବାକୁ ପରସ୍ପର ଭିତରେ ଲଢ଼ିବାକୁ ଆରମ୍ଭ କରିଦେଲେ । ଦୁଇଟି ଯାକ ସମାନ ବଳୁଆ ଷଣ୍ଢ ଲଢୁଥିବାରୁ ଲୋକମାନେ ଷଣ୍ଢ ଲଢ଼େଇ ଦେଖିବାକୁ ଜମା ହୋଇଗଲେ । ବହୁ ସମୟ ଲଢ଼େଇ ଚାଲିଲା ପରେ ଗୋଟିଏ ପରାସ୍ତ ହୋଇ ତଳେ ପଡ଼ିଗଲା । ଆରଟି ତା'ର ବେକ ଓ ପେଟକୁ ଶିଙ୍ଗରେ ବାରମ୍ବାର ଭୁସିଲାରୁ ଷଣ୍ଢଟି ମରିଗଲା ।

ରାଜାଙ୍କ ଷଣ୍ଢ ଜଗୁଆଳ ଓ ଅନ୍ୟ ଷଣ୍ଢଟିର ମାଲିକ ପ୍ରଜାଟି ରଜାଙ୍କ ଦରବାରରେ ପହଞ୍ଚିଲେ । ରାଜା ପଚାରିବାରୁ ଷଣ୍ଢ ଜଗୁଆଳ ହାତଯୋଡ଼ି କହିଲା- ମଣିମା! ଛାମୁଙ୍କ ଷଣ୍ଢ ସହିତ ଏହି ପ୍ରଜାଟିର ଷଣ୍ଢ ଲଢ଼ୁ ଲଢ଼ୁ ଷଣ୍ଢଟି ମରିଗଲା । ରାଜା ରାଗରେ ହତଜ୍ଞାନ ହୋଇ କହିଲେ- କେତେ ଯତ୍ନରେ ତାକୁ ମୁଁ ପାଳିଥିଲି । ସାମାନ୍ୟ ଗୋଟିଏ ପ୍ରଜାର ଷଣ୍ଢ ତାକୁ ମାରିଦେଲା ?

ତା'ର ଆଉ ରକ୍ଷା ନାହିଁ । ତାକୁ ନିଶ୍ଚିତ ଭାବେ କଠୋର ଦଣ୍ଡ ଦିଆଯିବ । ତା'ର ଷଣ୍ଢକୁ ସେ ଆମକୁ ଦେବା ସହିତ ଏକହଜାର ଟଙ୍କା ତୁଣ୍ଡ (ଜୋରିମାନା) ବି ଦେବ ।

ପ୍ରଜାଟି କାକୁସ୍ଥ ହୋଇ କହିଲା: ଛାମୁ! ମୁଣ୍ଡ ରଖିଲେ ତୁଣ୍ଡ ଖୋଲିବି । ଧର୍ମାବତାରଙ୍କ ବିଚାର ପାଇଁ ଏତେ ଦୁଃଖରେ ବି ମୁଁ ଖୁସି ହୋଇଛି ।

ରାଜା ପଚାରିଲେ- ଖୁସି ହେବାର କାରଣ ?

ପ୍ରଜା କହିଲା- ମୋ ଷଣ୍ଢ ଆପଣଙ୍କ ଷଣ୍ଢକୁ ମାରିନାହିଁ ଛାମୁଁ । ଆପଣଙ୍କ ଷଣ୍ଢ ମୋ ଷଣ୍ଢକୁ ମାରିଦେଇଛି । ତେଣୁ ଛାମୁ ବିଚାର କରନ୍ତୁ ।

ରାଜା କହିଲେ- ମୁଁ ଆଉ ଅଧିକ କଣ ବିଚାର କରିବି? ତୁ ତ ବିଚାର କରି ସାରିଛୁ । କୌଣସି ରାଜକର୍ମଚାରୀ ବା ମୋ ଷଣ୍ଢ ଜଗୁଆଳ ତୋ ଷଣ୍ଢକୁ ମାରିଛି କି ?

ପ୍ରଜା କହିଲା: ନା ଛାମୁ । ଆପଣଙ୍କ ଷଣ୍ଢଟି ହିଁ ମୋ ଷଣ୍ଢକୁ ମାରିଦେଇଛି ।

ରାଜା କହିଲେ- ବାସ୍ ବିଚାର ତ ଶେଷ ହୋଇଗଲା । ଦୁଇଟି ଯାକ ଷଣ୍ଢ ପଶୁ । ଷଣ୍ଢ ମାରିଲା ଷଣ୍ଢକୁ । ଏଥିରେ ଆଉ ତୁଣ୍ଡ କଣ? ଯା ଘରକୁ ଫେରି ଯା' ।

ରାଜ ସଭାରେ ଥିବା ପାରିଷଦ ମାନେ ରାଜାଙ୍କ ବିଚାର ଶୁଣି ତାଙ୍କୁ ଧନ୍ୟ ଧନ୍ୟ କଲେ । ପ୍ରଜାଟି ବିଚରା ମୁଣ୍ଡ କାନ ଆଉଁସି ଘରକୁ ଫେରିଗଲା ।

♥ ସାଇ ସରସ୍ୱତୀ ନିବାସ, ଭଦ୍ରକ

# ପ୍ରତିଶ୍ରୁତି ଦେଇ ପୂରଣ ନକରିବା ବିଜେପିର ଅଭ୍ୟାସ : ବିଜେଡି

ଭୁବନେଶ୍ୱର,୨୮/୧ (ନି.ପ୍ର): ବଡ ବଡ ପ୍ରତିଶ୍ରୁତି ଦେବା ଏବଂ ପରବର୍ତ୍ତୀ ସମୟରେ ଏହାକୁ ପୂରଣ ନକରିବା ବିଜେପିର ପୁରୁଣା ଅଭ୍ୟାସ ଏବଂ ଆଜିର ଇସ୍ତାହାର ଏହାର ବ୍ୟତିକ୍ରମ ନୁହେଁ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ସୁଲତା ଦେଓ ।

ସାମ୍ବାଦିକ ସମ୍ମିଳନୀରେ ବିଜେପିର ନିର୍ବାଚନ ଇସ୍ତାହାର ଓ ଅଭିଯୋଗ ପତ୍ର ଜାରି କରିବା ଉପରେ ପ୍ରତିକ୍ରିୟା ବ ଦେଇ ବିଜେଡି ମୁଖପାତ୍ର ଶ୍ରୀମତୀ ଦେଓ କହିଛନ୍ତି ଯେ ୨୦୧୭ ରେ ବିଜେପିର କିଛି ଜିଲ୍ଲା ପରିଷଦ ସଭାପତି ରହିଥିଲେ । ସେମାନେ ଏଭଳି ଦୁର୍ଭାଗ୍ୟଜନକ ଭାବରେ ବିଫଳ ହୋଇଥିଲେ ଯେ ୨୦୧୯ ନିର୍ବାଚନରେ ଲୋକମାନେ ବିଜେପିକୁ ପ୍ରତ୍ୟାଖ୍ୟାନ କରିଦେଲେ । ଚଳିତ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେପି ବହୁତ ଖରାପ ପ୍ରଦର୍ଶନ କରିବ ଏବଂ ଏହି ଇସ୍ତାହାର ହେଉଛି ଓଡିଶାର ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଶେଷ ପ୍ରୟାସ । ରାଜ୍ୟର ୪.୫ କୋଟି ଓଡିଆ ଜାଣନ୍ତି ଯେ କେବଳ ବିଜୁ ଜନତା ଦଳ ହିଁ ସେମାନଙ୍କ କଲ୍ୟାଣ ତଥା ବିକାଶ ପାଇଁ ଯତ୍ନବାନ ହୋଇ କାର୍ଯ୍ୟ କରେ ଏବଂ ଏହି ପଂଚାୟତ ନିର୍ବାଚନରେ ସେମାନେ ବିଜେଡିକୁ ବିଜୟ ପ୍ରଦାନ କରିବେ ବୋଲି ବିଜେଡି ମୁଖପାତ୍ର ଶ୍ରୀମତୀ ଦେଓ କହିଛନ୍ତି ।

# ଜଳସେଚନ ପ୍ରକଳ୍ପ ନିମିତ ଜମି ଅଧିଗ୍ରହଣ ସମୀକ୍ଷା ବୈଠକ

## ପରିବେଶ ପ୍ରଭାବ ଆକଳନ ଅଧ୍ୟୟନ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୨୮/୧ (ନି.ପ୍ର): ଆଜି ରାଜ୍ୟର ପ୍ରାୟ ୧୨ଟି ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ସମସ୍ତ ରାଜସ୍ୱ ଡିଭିଜନର କମିଶନର, ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟ ରିହାବିଲିଟେସନ ଓ ରିସେଟଲମେଂଟ ନିର୍ଦ୍ଦେଶକ, ବିଭିନ୍ନ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ ଓ ଜଳସେଚନ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗଦାନ କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜମି ଅଧିଗ୍ରହଣ ପ୍ରକଳ୍ପ ପାଇଁ ଜମି ତ୍ୱରିତ ଜମି ଅଧିଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଜମି ଅଧିଗ୍ରହଣ ବିଳମ୍ବିତ ହେବାରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାପାଇଁ ରାଜ୍ୟ ସରକାରଙ୍କର ତହବିଲ୍ ରୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ । ଏହି ବୈଠକରେ ସୁବର୍ଣ୍ଣରେଖା, ଆନନ୍ଦପୁର ବ୍ୟାରେଜ, କାନପୁର, ଦେଓ, ରେଙ୍ଗାଲୀ ବାମ ଓ ଦକ୍ଷିଣ, ଲୋୟର ସୁକତେଲ, ଛେଲିଗ, ତେଲେଙ୍ଗିରି, ରେତ୍ ଓ ଅନ୍ୟାନ୍ୟ ପ୍ରକଳ୍ପର ସମୀକ୍ଷା ହୋଇଥିଲା । ବିଭିନ୍ନ ଜମି ଅଧିଗ୍ରହଣ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପର ବିଭିନ୍ନ ମାଇଲଖୁଂଟ ସମ୍ପୂର୍ଣ୍ଣ କରିବାକୁ ତାଗିଦ କରାଯାଇଥିଲା ।

ବିଭିନ୍ନ ପ୍ରକଳ୍ପର ସମୟସୀମା ମଧ୍ୟରେ ସାମାଜିକ ପ୍ରଭାବ ଅଧ୍ୟୟନ ଓ ପରିବେଶ ପ୍ରଭାବ ଆକଳନ ଅଧ୍ୟୟନ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜମି ଅଧିଗ୍ରହଣର କୌଣସି ପ୍ରକାର ବିଳମ୍ବକୁ ବରଦାସ୍ତ ନକରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଆବଶ୍ୟକୀୟ ଦସ୍ତାବିଜ୍ କୁ ଭୂମି ଅଧିଗ୍ରହଣ ପୋର୍ଟାଲ୍ ମାଧ୍ୟମରେ ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସମସ୍ତ ଜମି ଅଧିଗ୍ରହଣ ଅଧିକାରୀ, ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଓ ଜୋନ୍ ଅଧିକାରୀମାନଙ୍କୁ ନିୟମିତ ତାଲିମ ପ୍ରଦାନ କରିବା ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।

ସମସ୍ତ ରାଜସ୍ୱ ଡିଭିଜନର ଆୟୁକ୍ତମାନଙ୍କୁ ଏହିପରି ସମୀକ୍ଷା ବୈଠକ ଆୟୋଜନ କରି ଜଳସେଚନ ଅଧିକାରୀ ଓ ଜମି ଅଧିଗ୍ରହଣ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସବୁ ପ୍ରକାର ସମସ୍ୟାର ତ୍ୱରିତ ଓ ଆଶୁ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ବରଗଡରେ ବିଜେପି ଆଚରଣ ବିଧି ଉଲ୍ଲଂଘନ କରୁଛି : ବିଜେଡି

ଭୁବନେଶ୍ୱର,୨୮/୧ (ନି.ପ୍ର): ବରଗଡ଼ ଜିଲ୍ଲାରେ ପଂଚାୟତ ନିର୍ବାଚନ କାର୍ଯ୍ୟକ୍ରମରେ ବିଜେପି ଆଦର୍ଶ ଆଚରଣ ବିଧି ଉଲ୍ଲଘଂନ କରୁଥିବା ଅଭିଯୋଗ କରିଛି ବିଜେଡି । ସ୍ଥାନୀୟ ସାଂସଦ ତଥା ବରିଷ୍ଠ ବିଜେପି ନେତା ସୁରେଶ ପୂଜାରୀ ଏବଂ ଜିଲ୍ଲା ପରିଷଦ ପ୍ରାଥୀମାନେ କୋଭିଡ ନିର୍ଦ୍ଦେଶନାମାକୁ ଅବମାନନା କରୁଥିବା ଅଭିଯୋଗ କରି ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି । ଭେଡେନ ଓ ଅତାବିରାର ୬ ଟି ଜୋନରେ ନିର୍ବାଚନ ଆଚରଣ ବିଧିକୁ ଅବମାମନା କରାଯାଇଛି । ଅତାବିରାର ୧, ୨,୩ ନମ୍ବର ଜିଲ୍ଲା ପରିଷଦ ଜୋନ ଓ ଭିଡେନର ୧,୩,୪ ନମ୍ବର ଜିଲ୍ଲା ପରିଷଦ ଜୋନରେ ନିୟମ କାନୁନ ଭଙ୍ଗ କରାଯାଉଛି । ଭାରତୀୟ ଜନତା ପାର୍ଟିର ନେତାଙ୍କ ନେତୃତ୍ୱରେ ନିର୍ବାଚନ ବେଳେ ଏଭଳି ବ୍ୟତିକ୍ରମ ବାରମ୍ବାର ଦେଖାଯାଉଥିବାରୁ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜେଡ଼ି ।

ବିଜେଡି ପ୍ରତିନିଧି ଦଳରେ ମୁଖପାତ୍ର ଲେଲିନ୍ ମହାନ୍ତି , ସୁଲତା ଦେଓ , ଏଲିନା ଦାସ , ଇପସିତା ସାହୁ ପ୍ରମୁଖ ସାମିଲ ଥିଲେ ।

# ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଦ୍ୱାଦଶ ପରୀକ୍ଷା କରନ୍ତୁ ରାଜ୍ୟ ସରକାର : ଏବିଭିପି

ଭୁବନେଶ୍ୱର,୨୮/୧ (ନି.ପ୍ର): ରାଜ୍ୟରେ କରୋନା ମହାମାରୀ ପରିସ୍ଥିତିରେ ଦ୍ୱାଦଶ ପରୀକ୍ଷା ନେଇ ରାଜ୍ୟ ସରକାର ତରତରିଆ ଭାବେ କୌଣସି ନିଷ୍ପତି ନନେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରାଥମିକତା ଦେଇ ନିର୍ଣ୍ଣୟ ନିଅନ୍ତୁ ବୋଲି ଏବିଭିପି କହିଛି ।

ସରକାର ନୂତନ ପ୍ରଣାଳୀରେ ପରୀକ୍ଷା କରନ୍ତୁ । ପରୀକ୍ଷା କେନ୍ଦ୍ର ବଢ଼ାଇବା ସହ ସଠିକ ଭାବେ ପରୀକ୍ଷା କେନ୍ଦ୍ରକୁ ସାନିଟାଇଜ କରି, ଶାରୀରିକ ଦୂରତା ପାଳନ କରି, ମାସ୍କ ବ୍ୟବହାର କରି ପରୀକ୍ଷା କରନ୍ତୁ । ଯେଉଁଭଳି ଭାବେ କରୋନାରର ପ୍ରଭାବ ଶୀର୍ଷାକୁ ଗଲାପରେ ଧୀରେ ଧୀରେ ଖସିବା ଆରମ୍ଭ ହେଉଛି । ଏହିଭଳି ସ୍ଥିତିରେ ଆଗାମୀ ଫେବୃଆରୀ/ମାର୍ଚ୍ଚ ମାସରେ ଶାରୀରିକ ଦୂରତା ପାଳନ କରି ପରୀକ୍ଷା ର ଆୟୋଜନ ହୋଇପାରିବ । ସରକାର ଏବେ ଠାରୁ ନିଷ୍ପତି ନିଅନ୍ତୁ ଓ ପରୀକ୍ଷାର ତାରିଖ ମଧ୍ୟ ସ୍ପଷ୍ଟ କରନ୍ତୁ ବୋଲି ଏବିଭିପି ଦାବି କରିଛି ।

ଏବିଭିପି ଓଡ଼ିଶାର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି ଯେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଦ୍ୱାଦଶ ପରୀକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା । ଛାତ୍ରଛାତ୍ରୀ କେଉଁଭଳି ସୁରକ୍ଷିତ ଭାବେ ପରୀକ୍ଷା ଦେଇ ଫେରିପାରିବେ ସରକାର ସେଥି ପ୍ରତି ଧ୍ୟାନଦେବା ନିତ୍ୟାନ୍ତ ଆବଶ୍ୟକତା ରହିଛି ।

# ୮୫୨ ଟି ଜିଲ୍ଲା ପରିଷଦ ଆସନରେ ବିଜେଡିର ସର୍ବାଧିକ ପ୍ରାର୍ଥୀ

ଭୁବନେଶ୍ୱର,୨୮/୧ (ନି.ପ୍ର): ରାଜ୍ୟରେ ମୋଟ ୮୫୨ ଟି ଜିଲ୍ଲା ପରିଷଦ ଆସନରେ ନିର୍ବାଚନ ଅନୁଷ୍ଠିତ ହେବ । ଏହି ଆସନ ପାଇଁ ମୋଟ ୩୪୦୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବେ । ସେଥିରୁ ବିଜେଡି ସର୍ବାଧିକ ୮୫୧ଟି ଆସରେ ପ୍ରାର୍ଥୀ ଦେଇଛି । ସେହିଭଳି ବିଜେପି ୮୪୮ପ୍ରାର୍ଥୀ ଦେଇଥିବା ବେଳେ କଂଗ୍ରେସ ୮୩୬ ଜିଲ୍ଲା ପରିଷଦ ଆସନରେ ପ୍ରାର୍ଥୀ ଦେଇଛି । ଅନ୍ୟପଟେ ବିଏସପି ୧୫୯, ସିପିଆଇ ୩୮, ସିପିଆଇଏମ୍ ୭୨, ଆପ୍ ୩୨ରେ ପ୍ରାର୍ଥୀ ଦେଇଛି । ଏଜେଏସୟୁ ୧୨ ଓ ଜେଏମ୍ଏମ୍ ୪୭ ପ୍ରାର୍ଥୀ ଦେଇଛି । ୮୫୨ ଜିଲ୍ଲା ପରିଷଦ ଆସନରେ ୨୯୮ ସ୍ୱାଧୀନ ପ୍ରାର୍ଥୀ ବି ଲଢୁଛନ୍ତି ।

ତେବେ ରାଜ୍ୟରେ ଏଥର ନିର୍ବାଚନ ପୂର୍ବରୁ ୩୬ ହଜାର ୯୭୬ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଗୋଟିଏ ଜିଲ୍ଲା ପରିଷଦ ଆସନରେ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ ଭରିଥିବାରୁ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ । ସେହିଭଳି ୧୨୬ ସରପଂଚ ବି ନିର୍ଦ୍ୱନ୍ଦ୍ୱର ନିର୍ବାଚିତ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି । ୩୨୬ ସମିତି ସଭ୍ୟ ଓ ୩୬୫୨୩ ୱାର୍ଡ ମେମ୍ବର ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ସୂତ୍ରରୁ ସୂଚନା ମିଳିଛି ।

# କଂଗ୍ରେସର ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରିଛି ହାଇ ପାଓ୍ୱାର କମିଟି : ସୁର ରାଉତରାୟ



ଭୁବନେଶ୍ୱର,୨୮/୧ (ନି.ପ୍ର): ଆଉ ଦୁଇ ଚାରି ଦିନ ମଧ୍ୟରେ କଂଗ୍ରେସର ନିର୍ବାଚନ ଇସ୍ତାହାର ପ୍ରକାଶ ପାଇବ । ହାଇ ପାଓ୍ୱାର କମିଟି ବସି ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ସୁରେଶ ରାଉତରାୟ । ସେ କହିଛନ୍ତି ଆମ ଇସ୍ତାହାରରେ ପ୍ରଥମେ ରାଜ୍ୟ ଓ ଦେଶରେ ଅପାରଗ ସରକାରକୁ ସଜାଡ଼ିବା । ଲୋକ ମାନେ ଆମକୁ ନିର୍ବାଚିତ କଲେ ଦରଦାମ ବୃଦ୍ଧି ରୋକିବୁ, ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାରିବୁ, ଶାସନରେ ବିଫଳତାକୁ ସଜାଡ଼ିବୁ, ବେକାର ସମସ୍ୟା ଦୂର କରିବୁ, ଧାନ ମଣ୍ଡି ସଜାଡ଼ିବୁ, ଚାଷୀ ମାନଙ୍କ ପାଇଁ କୋଲଡ ଷ୍ଟୋର, ଗୋଦାମ ଘର କରିବୁ ।

# ଅବସରପ୍ରାପ୍ତ ଅଧ୍ୟାପକଙ୍କ ପିଏଚ୍‌ଡି ପ୍ରାପ୍ତି

ଭୁବନେଶ୍ୱର,୨୮/୧ (ନି.ପ୍ର): ଏକାମ୍ର ମହାବିଦ୍ୟାଳୟ, ଭୁବନେଶ୍ୱରରୁ ଗତ ୨୦୧୯ ମେ ମାସରେ ଅବସର ଗ୍ରହଣ କରିଥିବା ସଂସ୍କୃତ ବିଭାଗର ଅଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀଙ୍କ ଦ୍ୱାରା ପି.ଏଚ୍.ଡି ଉପାଧି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଶ୍ରୀ ମହାପାତ୍ର ଡ.ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ, ସମସ୍ତିପୁର, ବିହାରର କୁଳାଧିପତି ତଥା ଉତର ଓଡଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.ପ୍ରଫୁଲ କୁମାର ମିଶ୍ରଙ୍କର ତତ୍ୱାବଧାନରେ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀର ପ୍ରାଧ୍ୟାପକ ଡ.ରମାକାନ୍ତ ମିଶ୍ରଙ୍କର ସହ ତତ୍ୱାବଧାନରେ 'ଶ୍ରୀଜୟଦେବକୃତ ଗୀତଗୋବିନ୍ଦର ସଂଗୀତ ଶାସ୍ତ୍ରୀୟ ଅଧ୍ୟୟନ' ବିଷୟ ଉପରେ ଶୋଧ ପ୍ରବନ୍ଧଟି ପ୍ରସ୍ତୁତ କରିଛନ୍ତି । ଉକ୍ତ ଶୋଧ ପ୍ରବନ୍ଧଟି ଜାମିଆ ମିଲିଆ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରାଧ୍ୟାପକ ଡ. ଗିରୀଶ ଚନ୍ଦ୍ର ପନ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ଶ୍ରୀ ମହାପାତ୍ରଙ୍କର ଜେଜେବାପା ୰ ପଣ୍ଡିତ ଅନନ୍ତ ମହାପାତ୍ର ହେଉଛନ୍ତି ତାଙ୍କର ପ୍ରେରଣା ପୁରୁଷ । ତାଙ୍କର ବାପା ରାମକୃଷ୍ଣ ମହାପାତ୍ର ଏକାଧାରରେ ଜଣେ ଶିକ୍ଷକ, ଚିକିତ୍ସକ, ମଂଚ ନିର୍ଦ୍ଦେଶକ, କବି, ଲେଖକ ଓ ପ୍ରବଚକ ମଧ୍ୟ । ଉଭୟଙ୍କର ପ୍ରେରଣା ଓ ପାରିବାରିକ ସଂସ୍କାର ହିଁ ତାଙ୍କୁ ଏହି ସଫଳତା ପ୍ରଦାନ କରିଛି ବୋଲି ଗୋପାଳ ପ୍ରସାଦ ମହାପାତ୍ର ମତବ୍ୟକ୍ତ କରିଛନ୍ତି ।

# ରାଜ୍ୟରେ ପୁଣି ୧୦ ଜଣ ସଂକ୍ରମିତଙ୍କ ପ୍ରାଣହାନି: କରୋନାଜନିତ ମୃତ୍ୟୁ ସଂଖ୍ୟା ୮୫୬୦କୁ ବୃଦ୍ଧି



ଭୁବନେଶ୍ୱର,୨୮/୧ (ନି.ପ୍ର): ଆଜି ପୁଣି ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ଦୁଇ ଅଙ୍କ ଛୁଇଁଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୦ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮୫୬୦କୁ ବୃଦ୍ଧି ପାଇଛି ।

ପ୍ରାପ୍ତ ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଅପରପକ୍ଷରେ ଭଦ୍ରକ, କଟକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, ମୟୂରଭଞ୍ଜ, ପୁରୀ ଓ ରାୟଗଡ଼ା ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଅଛନ୍ତି ।

ଏଣେ ରାଜ୍ୟରେ ଆଜି କମିଛି କରୋନା ସଂକ୍ରମିତଙ୍କ ସଂଖ୍ୟା । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୫,୦୫୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୯୩୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୧୨୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୬୬୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୧୧ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୩୬, ୨୬୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୧,୬୩, ୩୯୬ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୬୪, ୨୧୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ପୁଣି କମିଲା କରୋନା ସଂକ୍ରମିତଙ୍କ ସଂଖ୍ୟା: ରାଜ୍ୟରେ ୫,୦୫୭ ଜଣ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୮/୧ (ନି.ପ୍ର): ରାଜ୍ୟରେ ଆଜି କମିଛି କରୋନା ସଂକ୍ରମିତଙ୍କ ସଂଖ୍ୟା । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୫,୦୫୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୯୩୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୧୨୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୬୬୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୧୧ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୧୦ ଜଣ, ବାଲେଶ୍ୱରରୁ ୨୦୨ ଜଣ, ବରଗଡ଼ରୁ ୮୫ ଜଣ, ଭଦ୍ରକରୁ ୯୧ ଜଣ, ବଲାଙ୍ଗୀରରୁ ୧୩୩ ଜଣ, ବୌଦ୍ଧ ଜିଲ୍ଲାରୁ ୪୪, କଟକରୁ ୪୯୫ ଜଣ, ଦେବଗଡ଼ରୁ ୫୧ ଜଣ, ଢେଙ୍କାନାଳରୁ ୬୯ ଜଣ, ଗଜପତିରୁ ୬୮, ଗଞ୍ଜାମରୁ ୬୦ ଜଣ, ଜଗତସିଂହପୁରରୁ ୧୨୫ ଜଣ, ଯାଜପୁରରୁ ୧୨୮ ଜଣ, ଝାରସୁଗୁଡ଼ାରୁ ୬୩ ଜଣ, କଳାହାଣ୍ଡିରୁ ୧୬୮ ଜଣ, କନ୍ଧମାଳରୁ ୮୬ ଜଣ, କେନ୍ଦ୍ରାପଡ଼ାରୁ ୧୪୪ ଜଣ, କେଉଁଝରରୁ ୧୨୮ ଜଣ, ଖୋର୍ଦ୍ଧାରୁ ୧୧୧୧ ଜଣ, କୋରାପୁଟରୁ ୭୬ ଜଣ, ମାଲକାନଗିରିରୁ ୫୮ ଜଣ, ମୟୁରଭଞ୍ଜରୁ ୧୩୫ ଜଣ, ନବରଙ୍ଗପୁରରୁ ୧୩୬, ନୟାଗଡ଼ରୁ ୨୧୭ ଜଣ, ନୂଆପଡ଼ାରୁ ୧୯୦ ଜଣ, ପୁରୀରୁ ୯୪ ଜଣ, ରାୟଗଡ଼ାରୁ ୮୫ ଜଣ, ସମ୍ବଲପୁରରୁ ୧୭୯ ଜଣ, ସୋନପୁରରୁ ୧୦୪, ସୁନ୍ଦରଗଡ଼ରୁ ୪୨୯ ଜଣ ଓ ଷ୍ଟେଟ ପୁଲରୁ ୨୨୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୩୬, ୨୬୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୧,୬୩, ୩୯୬ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୬୪, ୨୧୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି । ସୂଚନାଯୋଗ୍ୟ, ଗତକାଲି ୫୯୦୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଜାନୁଆରି ୨୬ରେ ୭୪୨୬ ଜଣ, ୨୫ରେ ୫,୮୯୧ ଜାନୁଆରି ୨୪ରେ ୭୯୨୧, ଜାନୁଆରି ୨୩ ତାରିଖରେ ୮,୫୨୦ ଜାନୁଆରି ୨୨ରେ ୮,୮୪୫ ଜାନୁଆରି ୨୧ ତାରିଖରେ ୯,୮୩୩, ଜାନୁଆରି ୨୦ ତାରିଖରେ ୧୦,୩୬୮ଜଣ, ଜାନୁଆରି ୧୯ ତାରିଖରେ ୧୧,୬୦୭ ଜଣ, ଜାନୁଆରି ୧୮ରେ ୧୧,୦୮୬, ଜାନୁଆରି ୧୭ରେ ୧୦,୪୮୯, ୧୬ ତାରିଖରେ ୧୧,୧୭୭, ୧୫ ତାରିଖରେ ୧୦,୮୫୬, ଜାନୁଆରି ୧୪ରେ ୧୦,୨୭୩ , ଜାନୁଆରି ୧୩ରେ ୧୦,୦୫୯ ଜଣ, ଜାନୁଆରି ୧୨ରେ ୮୭୭୮, ୧୧ରେ ୭୦୭୧, ୧୦ରେ ୪୮୨୯, ଜାନୁଆରି ୯ ତାରିଖରେ ୪୭୧୪ ଜଣ , ଜାନୁଆରି ୮ ତାରିଖରେ ୩୬୭୯ ଜଣ , ଜାନୁଆରି ୭ ତାରିଖରେ ୨୭୦୩ ଜଣ, ଜାନୁଆରି ୬ ତାରିଖରେ ୧୮୯୭ ଜଣ, ଜାନୁଆରି ୫ ରେ ୧୨୧୬, ଜାନୁଆରି ୪ ରେ ୬୮୦, ଜାନୁଆରି ୩ ରେ ୪୨୪, ଜାନୁଆରି ୨ରେ ୪୨୪, ଜାନୁଆରି ୧ରେ ୨୯୮, ଡିସେମ୍ବର ୩୧ରେ ୨୨୮, ଡିସେମ୍ବର ୩୦ରେ ୨୨୫, ଡିସେମ୍ବର ୨୯ରେ ୨୨୧ ଓ ଡିସେମ୍ବର ୨୮ରେ ୧୫୬ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ ।

# ନବୀନ - ମୋଦୀ, ଛାତ୍ର ବିରୋଧି : ୟାସିର ନୱାଜ

ଭୁବନେଶ୍ୱର,୨୮/୧ (ନି.ପ୍ର): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ଛାତ୍ରମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ମାଷ୍ଟରକ୍ୟାଂଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ଘଂଟା ଧରି ରାଜରାସ୍ତା ଅବରୋଧ କରାଯାଇଥିଲା । ଛାତ୍ର ବିରୋଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଅନ୍ୟାନ୍ୟ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖା ଜାଲିଆତି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭିନ୍ନକ୍ଷମ ଓ ସ୍ପୋଟସ୍ ସାର୍ଟିଫିକେଟକୁ ଜାଲିଆତି କରି ନାମଲେଖା କରାଯାଇଛି । ଯେଉଁ ଛାତ୍ର ଛାତ୍ରୀଙ୍କ ନମ୍ବର କଟଅଫ ମାର୍କ ତଳେ ରହିଛି ସେମାନଙ୍କ ଠାରୁ ଅର୍ଥ ଆଦାୟ କରି ଏହି ଜାଲିଆତି ସାର୍ଟିଫିକେଟ ଜରିଆରେ ଆଡମିଶନ କରାଯାଇଛି । ବିଶେଷକରି ଏହି ର୍‍ୟାକେଟରେ ବିଜେଡ଼ି ନେତା, କଲେଜର ପ୍ରିନ୍ସିପାଲ ଏବଂ ଅଧ୍ୟାପକ ଏବଂ ଆଡମିଶନ ଦାୟିତ୍ୱରେ ଥିବା ଷ୍ଟାଫମାନେ ରହିଛନ୍ତି । ଉଚ୍ଚଶିକ୍ଷା ବିଭାଗ ଏହି ତଦନ୍ତର ଦାୟୀତ୍ୱ ପ୍ରିନ୍ସିପାଲଙ୍କୁ ଦେବା ଦୁର୍ଭାଗ୍ୟଜନକ କାରଣ ପ୍ରିନ୍ସିପାଲ ଏହି ର୍‍ୟାକେଟକୁ ପରିଚାଳନ କରିବା ଅଭିଯୋଗ ହେଉଛି । ବିଶେଷ କରି ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଏବଂ ଉଚ୍ଚଶିକ୍ଷା ବିଭାଗର ସଚିବ ଏହି ମହାଦୁର୍ନୀତିକୁ ଚପାଇ ଦେବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ଶ୍ରୀ ନୱାଜ ଅଭିଯୋଗ କରୁଛନ୍ତି । ଅନ୍ୟପକ୍ଷରେ ସାରା ଓଡ଼ିଶାର ବିଶ୍ୱବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟ ମାନଙ୍କରେ ଏହି ଆଡମିଶନ ଦୁର୍ନୀତି ଚାଲିଥିବା ବେଳେ ଶିକ୍ଷାମନ୍ତ୍ରୀଙ୍କ ଏବଂ ଏହି ର୍‍ୟାକେଟର ପରିଚାଳନା କରି ପ୍ରିନ୍ସିପାଲଙ୍କୁ ତଦନ୍ତ ଦାୟୀତ୍ୱ ଦେବା ଦୁର୍ଭାଗ୍ୟଜନକ । ଏହି ମହାଦୁର୍ନୀତିର ବିଚାରବିଭାଗୀୟ ତଦନ୍ତ ପାଇଁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରୁଛି ।

# ରାଜ୍ୟ ସରକାର ବିତରଣ କରିବେ ମିଲେଟ୍‌ର ପାରମ୍ପରିକ ବିହନ !

ଭୁବନେଶ୍ୱର ,୨୮/୧ (ନି.ପ୍ର): ସରକାରୀ ବିହନ ବିତରଣ ପ୍ରକ୍ରିୟାରେ ସାମିଲ ହେବ ମିଲେଟ୍ ?ର ପାରମ୍ପରିକ ଦେଶୀ ବିହନ । ମିଲେଟ୍ ମିସନ ଯୋଜନାରେ ଏହା କାର୍ଯ୍ୟକାରୀ ହେବ । ଏସଂକ୍ରାନ୍ତରେ ବିହନ ପ୍ରକ୍ରିୟା ଗାଇଡ୍‌ଲାଇନ ପ୍ରସ୍ତୁତ ହେବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି । ପଞ୍ଚାୟତ ନିର୍ବାଚନ ଆଚରଣ ବିଧି ହଟିବା ପରେ ଏସଂକ୍ରାନ୍ତରେ ପାଇଲଟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ । ରାଜ୍ୟରେ ୧.୪ ଲକ୍ଷ ହେକ୍ଟର ଜମିରେ ମିଲେଟ୍ ? ଚାଷ ହେଉଛି । ୧୫ଟି ଜିଲ୍ଲାର ୮୫ଟି ବ୍ଲକରେ ମିଲେଟ୍ ମିସନ କାର୍ଯ୍ୟ କରାଯାଏ । କିନ୍ତୁ ଅଧିକାଂଶ ଚାଷ କେବିକେ ତଥା ମୁଖ୍ୟତଃ କୋରାପୁଟରେ ହୁଏ । ଅନ୍ୟ ଚାଷ ଭଳି ମିଲେଟ୍ କୃଷିରେ ହାଇଏଲ୍ଡ କିମ୍ବା ହାଇବ୍ରିଡ ବଦଳରେ ପାରମ୍ପରିକ ଦେଶୀ ବିହନକୁ ଚାଷୀ ଗୁରୁତ୍ୱ ଦେଇ ଆସିଛି । କିନ୍ତୁ ସରକାରୀସ୍ତରରେ ଦେଶୀ ବିହନ ବିତରଣ ପ୍ରକ୍ରିୟାରେ ସାମିଲ କରାଯାଇ ନାହିଁ । ଅର୍ଥାତ ସରକାର ବିହନକୁ ସାର୍ଟିଫାଏଡ କରି ସମବାୟ ସମିତି ଜରିଆରେ ରିହାତି ଦରରେ ଯେଉଁ ବିହନ ଦିଅନ୍ତି ସେଥିରେ ପାରମ୍ପରିକ ଦେଶୀ ବିହନ ନାହିଁ । ଏହି ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ବିଭିନ୍ନ ସଙ୍ଗଠନର ସହଯୋଗରେ ମିଲେଟ୍ ମିସନ ଅଣ୍ଟା ଭିଡ଼ିଛି । ଏଥିପାଇଁ ରାଜ୍ୟରେ ୧୬୩ କିସମର ସଂରକ୍ଷିତ ଦେଶୀ ବିହନ ଚିହ୍ନଟ କରାଯାଇଛି । ଏଥିରୁ କୋରାପୁଟ, ରାୟଗଡ଼ା, ମାଲକାନଗିରିରୁ ରାଗି, ଗଜପତିରୁ କାଙ୍ଗୁ, ସୁନ୍ଦରଗଡ଼, ଗଜପତିରୁ ଜଓ୍ୱାର ତଥା କୋରାପୁଟର ମାଣ୍ଡିଆର ପାରମ୍ପରିକ ଦେଶୀ ବିହନ ଚିହ୍ନଟ କରାଯାଇଛି । ସରକାରୀ ପ୍ରକ୍ରିୟାରେ ସାମିଲ ହେବା ପାଇଁ ବିହନକୁ ଷ୍ଟାଣ୍ଡାର୍ଡ ତିଆରି କରିବାକୁ ହେବ । କେଉଁ ବିହନ କେଉଁ କାର୍ଯ୍ୟ ପାଇଁ ଉପଯୋଗୀ ତାହା ଜଣାଇବାକୁ ପଡ଼ିବ । ଏଥିପାଇଁ ବିହନ ଷ୍ଟାଣ୍ଡାର୍ଡ କମିଟି ଗଠନ ହୋଇଛି । ଏଥିରେ ସରକାରୀ ପ୍ରତିନିଧି, ବିହନ ସଂରକ୍ଷକ, ବୈଜ୍ଞାନିକ ଏବଂ ବିଶେଷଜ୍ଞମାନେ ରହିବେ । ସବୁଜ ବିପ୍ଳବ ପରେ ଉତ୍ପାଦନ ବୃଦ୍ଧି ପାଇଁ ହାଇଏଲ୍ଡ ଏବଂ ହାଇବ୍ରିଡ ବିହନକୁ ଗୁରୁତ୍ୱ ଦିଆଯାଉଥିଲା । ମାତ୍ର ଏଥିଯୋଗୁଁ ପାଣି, ସାର ଅଧିକ ଖର୍ଚ୍ଚ ହେବା ସହିତ ରୋଗପୋକର ଆଶଙ୍କା ରହିଥାଏ । ଚାଷୀ କ୍ଷତିଗ୍ରସ୍ତ ହୁଏ । ଦେଶୀ ବିହନ ପାଣି ସଙ୍କଟ ଅଞ୍ଚଳରେ କମ ପାଣି ପାଇ ଭଲ ଉତ୍ପାଦନ ଦେଇଥାଏ । ଏପରିକି ମରୁଡ଼ି ହେଲେ ମଧ୍ୟ ଉତ୍ପାଦନ ବିଶେଷ ପ୍ରଭାବିତ ହୁଏ ନାହିଁ । ଏଥିସହିତ ଅନେକ ସ୍ଥାନୀୟ ବିହନ ସ୍ୱାଦଯୁକ୍ତ, ରାନ୍ଧିବା ପାଇଁ ସହଜ ଏବଂ ମରୁଡ଼ି ସହଣି ଅଟେ । ଏହା ଚାଷୀମାନଙ୍କ ପାଇଁ ବେଶି ଉପଯୋଗୀ ହେବା ନେଇ ସଂରକ୍ଷକ ଚାଷୀମାନେ କହୁଛନ୍ତି । ଅନେକ ଚାଷୀ ବିନା ସରକାରୀ ଅନୁମୋଦନରେ ନିଜେ ସିଧାସଳଖ ଚାଷ ମଧ୍ୟ କରନ୍ତି । ସରକାରୀ ସ୍ତରରେ ବିହନ ଚେନ୍‌ରେ ସାମିଲ ପାଇଁ ଅନେକ ପ୍ରକ୍ରିୟା ଦେଇ ଯିବାକୁ ପଡ଼ିବ । ମିଲେଟ୍‌ର ଦେଶୀ ବିହନ ସରକାରୀ ବିହନ ଚେନ୍‌ରେ ସାମିଲ ହୋଇଗଲେ ଧାନ ସମେତ ଅନ୍ୟ ଚାଷୀର ଦେଶୀ ବିହନ ମଧ୍ୟ ସରକାରୀସ୍ତରରେ ବିକ୍ରୟ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇ ପାରିବ ବୋଲି ଆଶା ରହିଛି । ଯାହା ସ୍ୱାସ୍ଥ୍ୟକର ମଧ୍ୟ ହେବ ।

# ପଦ୍ମବିଭୂଷଣ ରାଣୀ ଗାଇଡିନ ଲ୍ୟୁଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୮/୧ (ନି.ପ୍ର): ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ୧୯୩୨ ମସିହାରେ ମାତ୍ର ୧୬ ବର୍ଷ ବୟସରୁ କାରାବରଣ କରି ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବାପରେ କାରାମୁକ୍ତ ହୋଇଥିବା ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀ ରାଣୀ ଗାଇଡିନ ଲ୍ୟୁଙ୍କ ଜୟନ୍ତୀକୁ ସାରା ଦେଶରେ ନାରୀଶକ୍ତି ଦିବସ ଭାବେ ପାଳନ କରାଯାଉଛି । ଭୁବନେଶ୍ୱର ମହାନଗର ଅନ୍ତର୍ଗତ ପଥରବନ୍ଧ, ତାରିଣୀ ବସ୍ତି, ଶ୍ରୀରାମ ନଗର, ଚକେଇସିଆଣୀ ଠାରେ ପଦ୍ମବିଭୂଷଣ ରାଣୀ ଗାଇଡିନ ଲ୍ୟୁଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇ ଯାଇଛି । ବନବାସୀ କଲ୍ୟାଣ ଆଶ୍ରମର ବୀଣାପାଣି ସ୍ୱାଇଁ, ସବିତା ମାଝୀ, ପଦ୍ମବତୀ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନବାସୀ କଲ୍ୟାଣ ଆଶ୍ରମର ବରିଷ୍ଠ କାର୍ଯ୍ୟକର୍ତ୍ତା ଡ. ଲକ୍ଷ୍ମୀକାନ୍ତ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଣୀ ଗାଇଡିନ ଲ୍ୟୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ, ରାଣୀ ଗାଇଡିନ ଲ୍ୟୁ ଉତର ପୂର୍ବାଂଚଳର ଜଣେ ପ୍ରସିଦ୍ଧ ଆଧ୍ୟାତ୍ମିକ ଓ ସାମାଜିକ ଜନଜାତି ନେତ୍ରୀ । ଭାରତ ସରକାର ତାଙ୍କୁ ୧୯୮୨ ମସିହାରେ ପଦ୍ମବିଭୂଷଣ ପୁରସ୍କାର ପ୍ରଦାନ କରିଛନ୍ତି । ୧୯୯୩ ମସିହାରେ ତାଙ୍କର ପରଲୋକ ହୋଇଥିଲା ।

# ପଶ୍ଚିମବଂଗର ଉଚ୍ଚ ଶିକ୍ଷିତା ଉପାନ୍ତ ଜଳେଶ୍ୱରର ସରପଂଚ ପ୍ରାର୍ଥୀ

ଜଳେଶ୍ୱର, ୨୮/୧(ନିପ୍ର): ପଶ୍ଚିମବଂଗ ଓ ଓଡିଶା ସୀମାରେ ଥିବା ଗାଁ ଗୁଡିକ ମଧ୍ୟରେ କେବଳ ବଂଧୁତା ନୁହେଁ ବରଂ ଉଚ୍ଚ ଶିକ୍ଷାତା ଝିଅମାନେ ଓଡିଶାର ନେତୃତ୍ୱ ନେଉଛନ୍ତି । ଏପରି ଜଣେ ଉଚ୍ଚ ଶିକ୍ଷିତା ବୋହୂ ଦୀପାଳୀ ଜେନା ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଉପାନ୍ତ ନଛିମପୁର ପଂଚାୟତର ସରପଂଚ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଛନ୍ତି । ସେ ଚଳିତ ତ୍ରିସ୍ତରୀୟ ନିର୍ବାଚନରେ କଂଗ୍ରେସ ସମର୍ଥନରେ ସରପଂଚ ପ୍ରାର୍ଥୀଭାବେ ୨ୟ ଥର ଲଢୁଥିବା ବେଳେ ଗତ ୨୦୧୭-୨୨ ମସିହା ଯାଏ ସେ ସରପଂଚ ଭାବେ ନିର୍ବାଚିତ ହୋଇ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି । ସେ ପଶ୍ଚିମବଂଗର ଝିଅ ହୋଇଥିଲେ ମଧ୍ୟ ଓଡିଆ, ଇଂରାଜୀ ଓ ହିନ୍ଦିରେ ପ୍ରବିଣ ରହିଥିବାରୁ ପଂଚାୟତବାସୀଙ୍କ ସମସ୍ୟା ରାଜ୍ୟପ୍ରଶାସନ ନିକଟରେ ପହଞ୍ଚାଇବାରେ ସହାୟକ ହୋଇଛନ୍ତି । ପଂଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ଉପାନ୍ତ ଅଂଚଳର ବିଭିନ୍ନ ସମସ୍ୟାକୁ ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମୀକା ଗ୍ରହଣ କରିଛନ୍ତି । ଚଳିତ ନିର୍ବାଚନରେ ସମସ୍ତେ ଶାନ୍ତିଶୃଙ୍ଖଳା ବଜାଇ ରଖିବାକୁ ନିବେଦନ କରିଥିବା ବେଳେ ଭୋଟରଙ୍କ ଆର୍ଶୀବାଦ ରହିଲେ ତାଙ୍କର ଅଧୁରା ସ୍ୱପ୍ନ ପୂରଣ କରିବେ ବୋଲି ଆଶା ବାନ୍ଧିଛନ୍ତି । ତାଙ୍କର ମିଷ୍ଟଭାଷୀ, ବ୍ୟକ୍ତିତ୍ୱ ଓ କାର୍ଯ୍ୟକରିବାର ଶୈଳୀ ସମସ୍ତଙ୍କ ଆପଣାର କରିଥିବାରୁ ଚଳିତ ନିର୍ବାଚରେ ପୁଣି ବିଜୟୀ ହେବେ ବୋଲି ଆଶା ରଖିଛନ୍ତି ।

# ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମ ବେହେରାଙ୍କୁ ନିର୍ବାଚନ ଦାୟିତ୍ୱ



ବସ୍ତା/ବାଲେଶ୍ୱର, ୨୮/୦୧ (ନି.ପ୍ର):ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରେ ବିଜେଡି ରାଜ୍ୟ ସଂଗଠନ ତରଫରୁ ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମା ପ୍ରସାଦ ବେହେରା ଙ୍କୁ ପର୍ଯ୍ୟବେକ୍ଷକ ଭାବେ ବାଲେଶ୍ୱର ଜିଲ୍ଲାର ରେମୁଣା, ବାଲେଶ୍ୱର ସଦର, ସୋରୋ ଓ ସିମୁଳିଆ ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ଠାରେ ରାଜ୍ୟ ସଂଗଠନ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଆହ୍ୱାନ ରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ପ୍ରଭାରୀ ବିଧାୟକ ପ୍ରତାପ କେଶରୀ,ଜିଲ୍ଲା ସଭାପତି ଇଂ ରବିନ୍ଦ୍ର କୁମାର ଜେନା ଓ ଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ମୋଦୀ ଦେଶର ରାଜନୀତିକ ସଂସ୍କୃତି ବଦଳାଇଲେ : ନଡ୍ଡା

ଲକ୍ଷ୍ନୌ, ୨୮/୦୧ (ନି.ପ୍ର): ଭାଜପାର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା ଶୁକ୍ରବାର ଦିନ ଶାହଜହାଁପୁରରେ ପ୍ରବୁଦ୍ଧ ମତଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି ଯେ ଯେଉଁ ମାନେ ଜେଲରେ ଅଛନ୍ତି ଓ ବେଲ୍‌ରେ ଅଛନ୍ତି , ତାଙ୍କୁ ଆରାମ ଦିଅନ୍ତୁ । ଯେଉଁ ଲୋକ(ଭାଜପା) ଆପଣଙ୍କ ମଧରେ ଅଛନ୍ତି, ତାଙ୍କୁ କାମ ଦିଅନ୍ତୁ। ନଡ୍ଡା କହିଛନ୍ତି ଯେ ଏହି ସମୟ ଆମେ ସରକାର ବାଛିବାକୁ ଯାଉଛି। ବାଛିବା ପୂର୍ବରୁ ନୂଆ କରିବା ହେବ। ସମସ୍ତ ପାର୍ଟିମାନେ ମୈଦାନରେ ଅଛନ୍ତି। ମତଦାତାଙ୍କ ପାଇଁ ଅସୁବିଧାର କଥା ହୋଇପାରେ ଯେ କାହାର କଥା ମାନିବେ, କାହାର ନମାନିବେ। କିଏ ଠିକ୍ କିଏ ଭୁଲ୍। ଠିକ୍ ଏବଂ ଭୁଲ୍‌ର ଆଧାର କ'ଣ। ମୁଁ ସବୁବେଳେ ଲୋକମାନଙ୍କୁ କହେ ଯେ ଆମ ପାଖରେ ଗୋଟିଏ ଅଧିକାର। ଆମ ପାଖରେ ଗୋଟିଏ ଆଧାର। ଯାହା ମୁଁ କହୁଛି ତାହା କ'ଣ ମହତ୍ୱପୂର୍ଣ୍ଣ ନୁହେଁ, ଏହା ଉପରେ ମତେ ହିସାବ କରାନଯାଉ, ମତେ ଏହି କଥାରେ କୁହାଯାଉ ଯେ ମୁଁ କ'ଣ କହିଥିଲି ଏବଂ କ'ଣ କରିଥିଲି। ଏଥିପାଇଁ ଆମେ ବଡ଼ ଗୌରବର ସହ କହିପାରିବା ଯେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର ରାଜନୀତିକ ସଂସ୍କୃତି ବଦଳାଇ ଦେଇଛନ୍ତି।

# ବର୍ଷିଆନ୍ ମହୁରର ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ



ଜଳେଶ୍ୱର ୨୮/୧(ନିପ୍ର): ଜଳେଶ୍ୱର ବର୍ଷିଆନ ମହୁରର ତଥା ସମ୍ଭ୍ରାନ୍ତ ପରିବାରର ଦେବେନ୍ଦ୍ର କୁମାର ପ୍ରଧାନ(୮୦)ଙ୍କର ଗତ ରବିବାର ପୂର୍ବାହ୍ନ ୯ଟାରେ ହୃଦ୍‌ରୋଗରେ ପରଲୋକ ଘଟିଛି । ହଠାତ୍ ଛାତିଯନ୍ତ୍ରଣା ଓ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଜିକେଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଜଣେ ସରଳ, ନିଷ୍କପଟ, ପରପୋକାରୀ, ଦରଦୀ ମଣିଷ ଥିଲେ । ପୁଅ ସରୋଜ କୁମାର ପ୍ରଧାନ ସୁବର୍ଣ୍ଣରେଖା ନଦୀର ପୀରଘାଟ ଠାରେ ତାଙ୍କୁ ମୁଖାଗ୍ନି ଦେଇଥିଲେ। ତାଙ୍କ ପୁତୁରା ତଥା ଜଳେଶ୍ୱରର ପୂର୍ବତନ ନଗରପାଳ ପ୍ରବୀର କୁମାର ପ୍ରଧାନ, ପ୍ରଦୀପ, ପ୍ରଭାସ ଓ ପ୍ରଶାନ୍ତ ଓ ସେମାନଙ୍କ ପରିବାରବର୍ଗ ମୃତ୍ୟୁବେଳେ ଉପସ୍ଥିତ ଥିଲେ। ଜଳେଶ୍ୱରର ବହୁ ଅନୁଷ୍ଠାନ ଓ ସାମାଜିକ କାର୍ଯ୍ୟରେ ତାଙ୍କ ପରିବାରର ସହଯୋଗ ଓ ସାହାଯ୍ୟ ରହିଥିବାରୁ ତାଙ୍କ ଶେଷ ଦର୍ଶନ ପାଇଁ ଜଳେଶ୍ୱର ମ୍ୟୁନିସିପାଲଟି ଅଂଚଳରୁ ବହୁ ବ୍ୟକ୍ତି ଆସିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଓଡିଶାବାସୀ ଚାହୁଁଛନ୍ତି ପରିବର୍ତ୍ତନ....

ହିତାଧିକାରୀଙ୍କୁ ନଦେଇ ଦଳୀୟ ଭିତିରେ କାହିଁକି ବଂଟନ କରୁଛନ୍ତି ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ ପ୍ରଶ୍ନ କରିଛନ୍ତି । ଯଦିଓ ୨୦୨୧ ମସିହାରେ ପଶ୍ଚିମ ଓଡିଶାରେ ପ୍ରବଳ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା, ତଥାପି କୃଷକ ମାନଙ୍କୁ କାହିଁକି ଭତା ଦିଆଯାଉନାହିଁ ? ୩୭ ପ୍ରତିଶତ ଜମିକୁ ଜଳସେଚନ କରିବାକୁ ସରକାର ପ୍ରତିଶୃତି ଦେଇଛନ୍ତି, କିନ୍ତୁ ୨୨ବର୍ଷର ଶାସନ ପରେ ସରକାର କାହିଁକି ୨୨ପ୍ରତିଶତ ଜମି ଜଳସେଚନ କରିବାରେ ବିଫଳ ହୋଇଛନ୍ତି ? ଆଳୁ ଏବଂ ପିଆଜ ମିଶନ କାହିଁକି ଓଡିଶାରେ ବିଫଳ ହେଲା ? ଆମକୁ ଆଳୁ ପାଇଁ ପଶ୍ଚିମବଙ୍ଗ, ପିଆଜ ପାଇଁ ମହାରାଷ୍ଟ୍ର ଏବଂ ମାଛ ପାଇଁ ଆନ୍ଧ୍ରପ୍ରଦେଶ ଉପରେ କେତେ ଦିନ ନିର୍ଭର କରିବାକୁ ପଡିବ ? ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ଖୋଲିବା ଯୋଜନାରେ କଣ ହେଲା ? ଚାଷୀଙ୍କୁ କେନ୍ଦ୍ର ସରକାର ୧୦ଟା ପିଏମ କିସ୍ତି ଦେଇସାରିଥିବାବେଳେ ରାଜ୍ୟ ସରକାର କେତୋଟି କାଳିଆ କିସ୍ତି ଦେଇଛନ୍ତି ? କୃଷି ଏବଂ କୃଷକ ମାନଙ୍କର ଉନ୍ନତି ପାଇଁ ମୋଦୀ ସରକାର ହଜାର ହଜାର କୋଟି ଟଙ୍କା ଦେଉଥିବା ବେଳେ ଓଡିଶାର କୃଷକଙ୍କ ଆୟ କାହିଁକି ସର୍ବନିମ୍ନ ? ମୋଦୀ ସରକାର ମାଗଣା ଚାଉଳ ଦେଉଥିବା ବେଳେ ପ୍ରକୃତ ହିତାଧିକାରୀମାନେ କାହିଁକି ଚାଉଳ ନ ପାଇ ଅନାହାରରେ ମରୁଛନ୍ତି ବୋଲି ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ ପ୍ରଶ୍ନ କରିଛନ୍ତି ।ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆୟୁଷ୍ମାନ ଭାରତ ଯୋଜନା ପ୍ରାୟ ପ୍ରତ୍ୟେକ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ବେଳେ ଓଡିଶାରେ କାହିଁକି କାର୍ଯ୍ୟକାରୀ ହେଉନାହିଁ ? ବିଜୁ ସ୍ୱାସ୍ଥ୍ୟ କାର୍ଡରେ କାହିଁକି ଏହା ସ୍ପଷ୍ଟ ହୋଇନାହିଁ ଯେ, ୫ ଲକ୍ଷ ଟଙ୍କା ଆବଂଟନ କେବଳ ୫ ଜଣ ପରିବାର ସଦସ୍ୟଙ୍କ ପାଇଁ କିମ୍ବା ପାଂଚ ଲକ୍ଷ କେବଳ ଜଣେ ବ୍ୟକ୍ତିଙ୍କ ପାଇଁ ? କେବଳ ନିର୍ବାଚନ ନୁହେଁ, ବରଂ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଓବିସିଙ୍କ ପ୍ରତି ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କରିଛନ୍ତି । ସଂରକ୍ଷଣ ନାମରେ ଓଡିଶାର ପଛୁଆବର୍ଗଙ୍କ ଭାବନା ସହ ରାଜ୍ୟ ସରକାର କାହିଁକି ଖେଳ ଖେଳୁଛନ୍ତି ବୋଲି ଶ୍ରୀମତୀ ପୁରନ୍ଦେଶ୍ୱରୀ ପ୍ରଶ୍ନ କରିଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଏବଂ ଡ.ଲେଖାଶ୍ରୀ ସାମନ୍ତସିଂହାର ଉପସ୍ଥିତ ଥିଲେ ।

## ଭାରତର ସବୁଠୁ ଧନୀ....

ଆଞ୍ଚଳିକ ଦଳ ଭାବେ ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟି ସବୁଠୁ ଧନୀ । ଆଉ ବିଜେଡିର ସ୍ଥାନ ହେଉଛି ୮ ନମ୍ବର । ତେବେ ୨୦୧୮-୧୯ରେ ବିଜେଡି ଦ୍ୱିତୀୟ ସ୍ଥାନରେ ରହିଥିଲା । ୨୦୧୯-୨୦ ଆର୍ଥିକ ବର୍ଷରେ ବିଜେଡିର ସମ୍ପତି ହେଉଛି ୧୨୮ କୋଟି ଟଙ୍କା । ସେଥିରୁ ଫିକ୍ସ ଡିପୋଜିଟ୍ ଓ ବ୍ୟାଙ୍କ ଜମା ହେଉଛି ୧୧୮ କୋଟି ଟଙ୍କା । ତେବେ ୨୦୨୮-୧୯ରେ ଦଳର ସମ୍ପତ୍ତି ଥିଲା ୨୩୨ କୋଟି ଟଙ୍କା । ଅର୍ଥାତ୍ ପୂର୍ବ ବର୍ଷ ଅପେକ୍ଷା ହ୍ରାସ ପାଇଛି ବିଜେଡିର ସମ୍ପତ୍ତି । ପ୍ରତି ୫ ବର୍ଷରେ କମ୍ପାନୀ ଅଡିଟର ବଦଳାଇଥାନ୍ତି । ରାଜନୈତିକ ଦଳ ସେପରି କରିବା ଉଚିତ । ବିଜେପି ଓ କଂଗ୍ରେସ ସେପରି କରୁନାହାନ୍ତି । ଏଡିଆର୍ କହିଛି, ସିଏଜି ଦ୍ୱାରା ମନୋନୀତ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଦ୍ୱାରା ଅଡିଟ୍ କରାଗଲେ ଭଲ ହୁଅନ୍ତା । ଆଉ ମଧ ଏଡିଆର୍ ଦର୍ଶାଇଛି, ଦଳଗୁଡିକ ଆୟର ସଂପୂର୍ଣ୍ଣ ବିବରଣୀ ଦେଉନାହାନ୍ତି ଏବଂ ଆୟକର ବିଭାଗ ଦଳର ପାଣ୍ଠିକୁ ଭଲ ଭାବେ ଯାଞ୍ଚ କରୁନାହାନ୍ତି । ଫଳରେ ଏଥିରେ ସ୍ୱଚ୍ଛତା ଆସୁନାହିଁ ।

## ବଲୁଚ ବିଦ୍ରୋହୀମାନେ ମାରିଲେ ....

ପାଖାପାଖି ତିରିଶ ଘଂଟା ପରେ ସ୍ୱୀକାର କରିଛନ୍ତି ଯେ ତା'ର ଏକ ଚେକ୍‌ପୋଷ୍ଟ ଉପରେ ପ୍ରବଳ ଆକ୍ରମଣ ହୋଇଛି । ପାକିସ୍ତାନର ବଲୁଚିସ୍ତାନର ଲୋକ ସୈନ୍ୟ ଉତ୍ପୀଡ଼ନ ଏବଂ ପ୍ରଶାସନିକ ବୈମାତୃକ ଭାବର ଅଭିଯୋଗ ଲଗାଇ ବିଦ୍ରୋହର ରାସ୍ତାରେ ଚଳୁଛନ୍ତି । ଏହି ବିଦ୍ରୋହୀଙ୍କ ଆକ୍ରମଣରେ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁର ଖବର ଆସିଥିଲା, କିନ୍ତୁ ପାକିସ୍ତାନର ସୈନ୍ୟ ଏହାକୁ ସ୍ୱୀକାର କରିନଥିଲେ । ଶେଷରେ ତିରିଶ ଘଂଟା ପର୍ଯ୍ୟନ୍ତ ଲୁଚାଇବା ପରେ ପାକିସ୍ତାନର ସୈନ୍ୟ ମାନିଛନ୍ତି ଯେ ବଲୁଚ ବିଦ୍ରୋହୀମାନେ ସେନାଙ୍କ ଗୋଟିଏ ଚେକ୍‌ପୋଷ୍ଟ ଉପରେ ଭୀଷଣ ଆକ୍ରମଣ କରିଥିଲେ।

# ୨ ନେତାଙ୍କୁ ନିଲମ୍ବନ କଲା ବିଜେଡି, ପ୍ରଭାବହୀନ କହିଲେ ନିଲମ୍ବିତ

ଭଦ୍ରକ, ୨୮/୦୧ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପଂଚାୟତର ଯୁବ ସଭାପତି ସୁରଥ ଦାସ ଓ ବ୍ଲକ ବିଜୁ ଯୁବ ଜନତା ଦଳର ସମ୍ପାଦକ ପଦରୁ ଷୋଳମପୁର ପଂଚାୟତର ଯୁବ ତଥା ଲୋକପ୍ରିୟ ନେତା ଗଜେନ୍ଦ୍ର ଦାସଙ୍କୁ 'ଦଳ ବିରୋଧି କାର୍ଯ୍ୟ' ପାଇଁ ଦଳର ବ୍ଲକ ଶାଖା ଯୁବ ସଭାପତି ଲଳିତ କୁମାର ରାଉତ ନିଲମ୍ବିତ କରିଛନ୍ତି। ୨୫ ତାରିଖରେ ହୋଇଥିବା ଏହି ନିଲମ୍ବନ ଆଜି ସାର୍ବଜନୀନ କରାଯାଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ୨୦୧୭ ପଂଚାୟତ ନିର୍ବାଚନ ଓ ୨୦୧୯ ସାଧାରଣ ନିର୍ବାଚନରେ ବିରୋଧି ଦଳ ସହ ସକ୍ରିୟ ଭାବେ ସାମିଲ ହୋଇ ବିଜେଡିକୁ ଦଳକୁ କ୍ଷତିଗ୍ରସ୍ତ କରିଥିବା ପରମାନନ୍ଦ ନାୟକଙ୍କୁ ଦଳରେ ସାମିଲ କରାଯାଇ ଦଳ ପକ୍ଷରୁ ସରପଂଚ ପ୍ରାର୍ଥୀ ପାଇଁ ଘୋଷଣା କରାଯାଇଥିଲା। ଏହାକୁ ବିରୋଧ କରି ତୃଣମୂଳ କର୍ମୀଙ୍କ ନିଷ୍ପତି କ୍ରମେ ସୁରଥ ଦାସ ସରପଂଚ ପ୍ରାର୍ଥୀ ହୋଇଥିଲେ। ସେହିପରି ଦଳର ବ୍ଲକସ୍ତରୀୟ ନେତୃତ୍ୱ ଗଜେନ୍ଦ୍ରଙ୍କୁ ଦଳ ସମର୍ଥନରେ ସରପଂଚ ପ୍ରାର୍ଥୀ କରିବାକୁ ବହୁବାର ପ୍ରତିଶ୍ରୁତି ଦେଇଥିଲେ। ଶେଷ ମୂହୂର୍ତରେ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଥିଲା। ଅନ୍ୟପକ୍ଷରେ କର୍ମୀଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସୁରଥଙ୍କୁ ସମର୍ଥନ ବ୍ୟକ୍ତ କରିଥିଲେ। ଫଳରେ ଉଭୟ ସୁରଥ ଓ ଗଜେନ୍ଦ୍ରଙ୍କୁ ନିଲମ୍ବିତ ହେବାକୁ ପଡିଛି। ଦଳର ତୃଣମୂଳ କର୍ମୀମାନେ ଏକତ୍ର ହୋଇ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହାକୁ ଆମ୍ଭେମାନେ ସଫଳ କରିବୁ ବୋଲି ନିଲମ୍ବିତ ନେତାମାନେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଚିହ୍ନପାଇଁ ଚଂଚକତା, ମହିଳା ପ୍ରାର୍ଥୀଙ୍କ ଅଗୋଚରରେ ନାମାଙ୍କନପତ୍ର ଦାଖଲ, ଥାନାରେ ଏତଲା

ଭଦ୍ରକ, ୨୮/୦୧ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବିଭିନ୍ନ ପଂଚାୟତର କରୋନା କଟକଣା ମଧରେ ନିର୍ବାଚନ ପ୍ରଚ୍ଚାର ଆରମ୍ଭ ହୋଇଥିବାବେଳେ ପ୍ରାର୍ଥୀମାନେ ବିଜୟ ପାଇଁ ରଣକୌଶଳ ମଧ ଆରମ୍ଭ କରିଦେଇଛନ୍ତି । ପଂଚାୟତରେ ଏକାଧିକ ପ୍ରାର୍ଥୀ ଥିବାବେଳେ ଅଧିକ ପ୍ରାର୍ଥୀରଖି ଭୋଟର ମାନଙ୍କୁ ଭକୁଆ କରିବା ପାଇଁ ବିଭିନ୍ନ ପ୍ରଥା ଅବଲମ୍ବନ କରିଛନ୍ତି। ଯାହାର ଏକ ଜଳନ୍ତ ଉଦାହରଣ ଧାମନଗର ବ୍ଲକ ନଦୀଗାଁ ପଂଚାୟତରେ ଦେଖିବାକୁ ମିଳିଛି। ସୂଚନାଥାଉକି ଜଣେ ସରଳ ମହିଳା ଅନୁସୟା ମଳିକ(୩୦) ସ୍ୱାମୀ ଅନନ୍ତ ମଳିକ ପ୍ରାର୍ଥୀପତ୍ର ଦାଖଲ ନକରି ସରପଂଚ ପ୍ରାର୍ଥୀନୀ ଭାବେ ଚୁଡ଼ାନ୍ତ ତାଲିକାରେ ନାମଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶଯେ ନଦୀଗାଁ ପଂଚାୟତର ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ବିଜେପିର କର୍ମକର୍ତ୍ତା ଅଟନ୍ତି। କାଳିଆ ଯୋଜନାରେ ଅର୍ଥ ଆସିବା ପାଇଁ ମିଥ୍ୟାପ୍ରତିଶୃତି ଦେଇ ଏ ଦୁଇଜଣ ଚଂଚକତା ପୂର୍ବକ ଅନୁସୟା ମଳିକଙ୍କ ଠାରୁ କାଗଜରେ ଦସ୍ତଖତ କରାଇ ନଦୀଗାଁ ପଂଚାୟତର ସରପଂଚ ପ୍ରାର୍ଥୀନୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପଂଚାୟତ କାନୁନରେ ମରାଯାଇଥିବା ଚୁଡ଼ାନ୍ତ ପ୍ରାର୍ଥୀତାଲିକା ନୋଟିସ୍‌ରେ ନାମ ଓ ନିର୍ବାଚନ ସଂକେତ ଖୋଳାବହି ଚିହ୍ନ ଥିବା ଦେଖି ଅନୁସୟା ସମ୍ପୃକ୍ତ ଦୁଇଜଣ ପ୍ରସ୍ତାବକ ଓ ସମର୍ଥକଙ୍କ ବିରୋଧରେ ଧୂଷୁରୀ ଥାନାରେ ଏତଲା ଦେଇଛନ୍ତି। ଘଟଣାଟି ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ଧୂଷୁରୀ ପୋଲିସ ଘଟଣାର ତଦନ୍ତ କରିବା ସହିତ ନିର୍ବାଚନ ଅଧିକାରୀଙ୍କ ସହିତ ଆଲୋଚନା ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ତଦନ୍ତକାରୀ ଅଧିକାରୀ ପ୍ରକାଶ କରିଛନ୍ତି।

# ଅଭିନେତ୍ରି ଶ୍ୱେତା ତିଓାରୀଙ୍କ ବିରୋଧରେ ଏଫ୍ ଆଇ ଆର ରୁଜୁ

ଭୋପାଲ, ୨୮/୦୧ (ନି.ପ୍ର): ଧାର୍ମିକ ଭାବନାକୁ ଆଘାତ କରୁଥିବା ଅଭିଯୋଗରେ ର ବିଗ ବସ ଫ୍ରେମ୍ ଆକ୍ଟ୍ରେସ୍ ଶ୍ୱେତା ତିଓାରୀଙ୍କ ବିରୋଧରେ ଭୋପାଳର ଶ୍ୟାମଲା ହିଲ୍ସ ଥାନାରେ ଏକ ଏଫ୍ ଆଇ ଆର ରୁଜୁ କରାଯାଇଛି । ଏହି ରିପୋର୍ଟରେ ଶ୍ୱେତାଙ୍କ ଉପରେ ଧାର୍ମିକ ଭାବନାକୁ ସେ କ୍ଷତିକରୁଥିବା ଆରୋପ ଲଗାଯାଇଛି । ଦରଅସଲର ଏକ ଓେବ ସିରିଜ୍ ର ପ୍ରଚାର, ପ୍ରସାର ପାଇଁ ୨୬ ଜାନୁଆରୀରେ ଶ୍ୱେତା ଭୋପାଲ ଆସିଥିଲେ ସେଠାରେ ସେ ଗଣମାଧମ ଆଗରେ କହିଥିଲେ ଯେ ଭଗବାନ ତାଙ୍କ ଅଂତବସ୍ତ୍ରର ମାପ ନେଉଛନ୍ତି । ତାଙ୍କର ଏହି କଥାକୁ ନେଇ ଭୋପାଲର ସୋନୁ ପ୍ରଜାପତି ଶ୍ୱେତାଙ୍କ ବିରୋଧରେ ଏଫ୍ ଆଇ ଆର ଦେଇଛନ୍ତି ।

# ଉତ୍ତର ପ୍ରଦେଶ ପାଇଁ ଦୁଇଟି ନାମର ତୃତୀୟ ତାଲିକା ବିଜେପି ପ୍ରକାଶ କଲା

ନୂଆଦିଲ୍ଲୀ, ୨୮/୦୧ (ନି.ପ୍ର): ଭାରତୀୟ ଜନତା ପାର୍ଟି ଆଗାମୀ ଉତରାଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ଦିନ ଦୁଇଟି ନାମର ତୃତୀୟ ତାଲିକା ପ୍ରକାଶ କରିଛନ୍ତି । ଦଳ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛିଯେ, କେନ୍ଦ୍ରୀୟ ନିର୍ବାଚନ କମିଟି ଆଉ ଦୁଇଟି ନାମ ଅନୁମୋଦନ କରିଛି । ଏଥିରେ ଟେହେରୀରୁ କିଶୋର ଉପାଧ୍ୟାୟଙ୍କ ନାମ ଏବଂ ଡୋଇୱାଲାର ବୃଜ ଭୂଷଣ ଗାଇରୋଲା ଅନ୍ତର୍ଭୁକ୍ତ । ଏହା ପୂର୍ବରୁ ବୁଧବାର ଦିନ ବିଜେପି ୯ ନାମର ଦ୍ୱିତୀୟ ତାଲିକା ପ୍ରକାଶ କରିଛି । ଏହା ସହ ବିଜେପି ଉତରାଖଣ୍ଡରେ ୭୦ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ।

# ୭୩ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



ବାରିପଦା, ୨୮/୦୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରେ ୭୩ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଜାତୀୟ ଉତ୍ସବ ଚଳିତ ବର୍ଷ କୋଭିଡ ନିୟମ ଅନୁପାଳନ ପୂର୍ବକ ସୀମିତ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବାରିପଦା ରିଜର୍ଭ ପୋଲିସ ପଡିଆଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୨ ସମାରୋହରେ ଓଡିଶାର ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସକାଳ ଘ.୮:୩୦ ମି. ସମୟରେ ଅନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ କରି ଓଏସ୍‌ଏଏଫ ୫ମ ବାଟାଲିୟନ୍ ରିଜର୍ଭ ଆର୍ମଡ ପୋଲିସ ବାହିନୀ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ଜିଲ୍ଲା ବାସୀ ଙ୍କୁ ସମ୍ବୋଧନ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ତ୍ୟାଗପୁତ ଆତ୍ମବଳୀଦାନ ଦେଇ ଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତିପ୍ରତି ନିଜର ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇ କହିଲେ ଯେ, ଜାନୁୟାରୀ ୨୬ ତାରିଖ ପବିତ୍ର ସାଧାରଣତନ୍ତ୍ର ଦିବସ ପ୍ରତ୍ୟେକ ଭାରତୀୟ ଙ୍କ ପାଇଁ ଏକ ସ୍ମରଣୀୟ ଦିବସ। ଏହା ଆମ ଦେଶ ତଥା ଜାତି ପାଇଁ ଗର୍ବ ଓ ଗୌରବ ତଥା ସ୍ମୃତି ଓ ଆତ୍ମ ସମୀକ୍ଷାର ଦିବସ। ଆମ ଦେଶର ସ୍ୱାଧୀନତା ସଂଗ୍ରାମର ଇତିହାସ ଥିଲା ଲୁହ ଓ ଲହୁର ଇତିହାସ। ତ୍ୟାଗ, ବଳିଦାନ ଓ ଆତ୍ମୋତ୍ସର୍ଗର ଇତିହାସ ଯାହାକି ଲକ୍ଷ ଲକ୍ଷ ଦେଶ ପ୍ରେମୀ ଭାରତୀୟଙ୍କର ବଳିଦାନର ଫଳ ସ୍ୱରୂପ କଷ୍ଟଲବ୍ଧ ସ୍ୱାଧିନତା ମିଳିଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ଜାତିର ଜନକ ମହାତ୍ମା ଗାନ୍ଧୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପଣ୍ଡିତ ଜବାହାର ଲାଲା ନେହେରୁ, ଲାଲା ଲାଜପତ ରାୟ, ବାଲ୍ ଗଙ୍ଗାଧର ତିଳକ, ବିପିନ ଚନ୍ଦ୍ର ପାଲ, ଡଃ ବାବା ସାହେବ ଆମ୍ବେଦକର, ଡଃ ରାଜେନ୍ଦ୍ର ପ୍ରସାଦ, ମୌଲାନା ଆବୁଲ୍ କଲାମ୍ ଆଜାଦ ପ୍ରମୁଖ ସମେତ ବହୁ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଅବଦାନ ଚିରସ୍ମରଣୀୟ ବୋଲି ଉଲ୍ଲେଖ କରିବା ସହିତ ଓଡିଶାର ଆନେକ ସ୍ୱାଧୀନତା ସଂଗ୍ରାମୀ ଏବଂ ମୟୂରଭଞ୍ଜ ଜିଲ୍ଲାରେ ସଂଗଠିତ ପ୍ରଜା ଆନ୍ଦୋଳନ, ବାମନ ଘାଟିଠାରେ ସଂଗଠିତ ଆଦିବାସୀ ସାନ୍ତାଳ ମାନଙ୍କ ବିଦ୍ରୋହ, କପ୍ତିପଦା ଓ ପାଂଚପିଢ ଆଦି ଅଂଚଳରେ ଜନ ଜାଗରଣ ଆଦି ସଂଗଠିତ ହୋଇବା ସୂଚାଇଥିଲେ। ମୟୂରଭଞ୍ଜର ଗାନ୍ଧୀ କୁହାଯାଉଥିବା ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ଭୂମିକା ସଂପର୍କରେ ସୂଚାଇବା ସହିତ ମୟୂରଭଞ୍ଜର ତତ୍‌କାଳିନ ପ୍ରଜାନୁରଞ୍ଜକ ଶାସକ ତଥା ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ଓ ଓଡିଆ ଭାଷା ସାହିତ୍ୟ କଳା ସଂସ୍କୃତିର ପ୍ରମୁଖ ଉଦ୍ୟୋକ୍ତା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନ ସମଗ୍ର ଭାରତବର୍ଷରେ ସ୍ମରଣୀୟ ବୋଲି ଉଦ୍‌ବୋଧନରେ ପ୍ରକାଶ କରିଥିଲେ।

# ଦୁର୍ଘଟଣାଜନିତ ଅନୁକଂପା ରାଶିକୁ ତୁରନ୍ତ ବୃଦ୍ଧି କରନ୍ତୁ ରାଜ୍ୟ ସରକାରଃ ବିଜେପି

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ଗୋଟିଏ ରାଜ୍ୟରେ କୌଣସି ଦୁର୍ଘଟଣା ବା ଅଘଟଣା ପାଇଁ ପ୍ରତ୍ୟେକ ରାଜ୍ୟରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ଏବଂ କ୍ଷତିପୂରଣ ବାବଦରେ ରାଜ୍ୟସରକାର କ୍ଷତିଗ୍ରସ୍ତଙ୍କୁ ଅନୁକମ୍ପା ରାଶି ପ୍ରଦାନ କରିଥାନ୍ତି। ମାତ୍ର ଓଡିଶାରେ ଘଟି ଯାଉଥିବା ଦୁର୍ଘଟଣାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ପାଇଁ ଅନୁକଂପା ରାଶି ଅନ୍ୟ ରାଜ୍ୟ ତୁଳନାରେ ଅତ୍ୟନ୍ତ ଅଳ୍ପ ବୋଲି ବିଜେପି ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ, ବିଗତ ମାସକ ମଧରେ ଦେଶବ୍ୟାପୀ ଘଟିଯାଇଥିବା ବିଭିନ୍ନ ଦୁର୍ଘଟଣା ଏବଂ ଏଥି ପାଇଁ ଅନୁକଂପା ରାଶି ପ୍ରଦାନକୁ ଅନୁଧ୍ୟାନ କଲେ ଓଡିଶା ସରକାରଙ୍କ ଅନୁକଂପା ରାଶି ଅତ୍ୟନ୍ତ ନଗଣ୍ୟ। ସଦ୍ୟ ବାଲେଶ୍ୱର ଜିଲ୍ଲା ସୋର ନିକଟରେ ଗୋଟିଏ ବସ ଓଲଟିଯାଇଥିଲା ସେଠାରେ ୬ ଜଣଙ୍କର ମୃତ୍ୟୁବରଣ ହୋଇଥିଲା। ଏହି ମୃତ୍ୟୁବରଣରେ ରାଜ୍ୟ ସରକାର ମାତ୍ର ଦୁଇ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଥିଲେ। ଅନ୍ୟ ପଟେ ମୁମ୍ବାଇରେ ଗତ ଡିସେମ୍ବର ୨୨ତାରିଖ ଦିନ ଅଗ୍ନି ଲାଗି ୬ଜଣ ମୃତ୍ୟୁବରଣ କରିଥିଲେ ଏବଂ ମହାରାଷ୍ଟ୍ର ସରକାର ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବୈଷ୍ଣୋ ଦେବୀଠାରେ ନୂଆବର୍ଷରେ ଯେଉଁ ଷ୍ଟାମ୍ପେଡ ହୋଇଥିଲା ଜାମ୍ମୁକାଶ୍ମୀର ସରକାର ପ୍ରତ୍ୟେକ ପରିବାରକୁ ୧୦ଲକ୍ଷ ଦେଇଥିଲେ ଏବଂ ସେଥିରେ ୧୨ଜଣ ମୃତ୍ୟୁବରଣ କରିଥିଲେ। ସେହିଭଳି ଭାବରେ ତାମିଲନାଡୁରେ ନୂଆବର୍ଷରେ ବାଣ ବିସ୍ଫୋରଣରେ ୫ଜଣ ମୃତ୍ୟୁବରଣ କରିଥିଲେ ତାଙ୍କୁ ତିନି ଲକ୍ଷ ଦିଆଯାଇଥିଲା। ରୋଡ୍ ଧକ୍କାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଗୁଜୁରାଟ ସରକାର ୫ଲକ୍ଷ ଟଙ୍କା ଦେଇଛନ୍ତି। ୨୭ଡିସେମ୍ବରରେ ତାମିଲନାଡୁରେ ମଧ କାଲାକୁରୀ ରେ ଯେଉଁ ଦୁର୍ଘଟଣା ହୋଇଥିଲା ତାଙ୍କୁ ୫ଲକ୍ଷ ଦେଇଥିଲେ। ବିହାର ସରକାର ମଧ ମୁଜାଫରପୁରରେ ବଏଲର ଏକ୍ସପ୍ଲୋସେନ ଦୁର୍ଘଟଣାରେ ୫ଜଣ ଦେହାନ୍ତ କରିଥିବା ବ୍ୟକ୍ତଙ୍କୁ ୫ଲକ୍ଷ ଦେଇଥିଲେ। ଆନ୍ଧ୍ର ଆମର ପଡୋଶୀ ରାଜ୍ୟରେ ବସ ଦୁର୍ଘଟଣାରେ ୱେଷ୍ଟ ଗୋଦାବରୀରେ ୯ଜଣ ମୃତ୍ୟୁବରଣ କରିଥିଲେ ତାଙ୍କୁ ମଧ ୫ଲକ୍ଷ ଟଙ୍କା ଦେଇଥିଲେ। ତେଣୁ ରାଜ୍ୟ ସରକାର ଦୁର୍ଘଟଣାଜନିତ ଅନୁକଂପା ରାଶିକୁ ବୃଦ୍ଧି କରିବା ନିହାତି ଆବଶ୍ୟକ ।

# ବାଲିବୋଝେଇ ଯାନକୁ ରାଜସ୍ୱ କର୍ମଚାରୀଙ୍କ ହଟହଟା ଅଭିଯୋଗ

## ଟ୍ରାକ୍ଟର-ଡମ୍ପର ମାଲିକ ଓ ଡ୍ରାଇଭର ଭେଟିଲେ ତହସିଲଦାରଙ୍କୁ



ଜଳେଶ୍ୱର, ୨୮/୧(ନିପ୍ର): କେତେକ ବାଲି ବୋଝେଇ ଟ୍ରାକ୍ଟର ଓ ଡମ୍ପରକୁ ରାଜସ୍ୱ କର୍ମଚାରୀମାନେ ହଇରାଣ ହରକତ କରିବା, ଜୋରିମାନା ଆଦାୟ କରିବା ଓ ଦୀର୍ଘ ସମୟ ଅଟକ ରଖିବା ବିରୋଧରେ ଆଜି ଜଳେଶ୍ୱର ଅଂଚଳର ବହୁ ଟ୍ରାକ୍ଟର ଓ ଡମ୍ପର ମାଲିକ ଓ ଡ୍ରାଇଭର ମାନେ ଜଳେଶ୍ୱର ତହସିଲଦାରଙ୍କୁ ଭେଟିଛନ୍ତି । ସମସ୍ୟାର ସମାଧାନ ନ ହେବାରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସାକ୍ଷାତ କରିବେ ବୋଲି ଆଜି ସୂଚନା ଦେଇଛନ୍ତି । ଜଳେଶ୍ୱର ତହସିଲ ଅଧିନରେ ୨୩ଟି ବାଲି ସୌରାତ ଥିବା ବେଳେ ୩ଟିକୁ ନିଲାମ ଦିଆଯାଇଛି । କିନ୍ତୁ ବ୍ୟାପକ ବାଲି ଚାହିଦା ଯୋଗୁଁ କେତେକ ଯାନ ନେଉଥିବା ବେଳେ ରାଜସ୍ୱ ବିଭାଗର କର୍ମଚାରୀମାନେ ସେମାନଙ୍କୁ ହଇରାଣ ହରକତ କରୁଛନ୍ତି । ଚାହିଦା ମେଣ୍ଟାଇବା ପାଇଁ ମୟୁରଭଂଜ, ଯାଜପୁର, ଭଦ୍ରକ ଓ କେଉଁଝର ଜିଲାରୁ ବାଲି ଅଣାଯାଉଥିବାର ଆଜି ରାଜେଶ କୁମାର ଖୁଟୁଆ ସୂଚନା ଦେଇଛନ୍ତି । ଏହା ବ୍ୟବତି ନିଲାମ ସ୍ଥାନ ଗୁଡିକରୁ ବାଲି ନିଆଯାଉଥିବା ବେଳେ ଟ୍ରାକ୍ଟର ଗୁଡିକ ୨୫ହଜାର ଓ ଡମ୍ପରକୁ ୪୫ହଜାର ଟଙ୍କା ଜୋରିମାନା କରାଯିବା ଆଇନ୍ ବିରୋଧ ବୋଲି ସେମାନେ ତହସିଲଦାରଙ୍କୁ ଜଣାଇଛନ୍ତି । ଆଜି ଦିନବନ୍ଧୁ ସାହୁ, କାର୍ତ୍ତିକ ରାଜ, ତପନ ଦାସ, ରଂଜନ ବେହେରା, ଦୀପକ ଜେନା, ହରେକୃଷ୍ଣ ରାଜ, ଜୟଦିପ ପରିଡା, ଆଲୋକ ରାଜ, ପାର୍ଥସାରଥି ଜେନା, ଅଭୟ ଚାନ୍ଦ, ସ୍ମୃତିରଂଜନ ଦାସ, କାଳିଆ ଦାସ ଅଧିକାରୀ, ବିକାଶ ଦିନ୍ଦା, କରଣ ବିଶ୍ୱାଳ, ମଧୁସୂଦନ ଗିରି, ପ୍ରମୋଦ ବ୍ରହ୍ମ ଇତ୍ୟାଦିଙ୍କ ନେତୃତ୍ୱରେ ଟ୍ରାକ୍ଟର, ଡମ୍ପର ମାଲିକ ଓ ଡ୍ରାଇଭର ମାନେ ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକଙ୍କୁ ଭେଟିବା ପାଇଁ ଅପେକ୍ଷା କରିଥିବା ବେଳେ ପୁଲିସ୍ ବାଧା ଦେଇଥିଲା । ଶେଷରେ ୫ଜଣ ସାକ୍ଷାତ ଆଲୋଚନା କରିଥିଲେ । ତହସିଲଦାରଙ୍କ ସହିତ ଆଲୋଚନା ବେଳେ ସମାଧାନ ନ ହେବାରୁ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ସେମାନେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ଜଳେଶ୍ୱର ଅଂଚଳରେ ୨୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୫ଟି ଯୋଜନାରେ ଅନ୍ତୁଭୁକ୍ତ କରାଯାଇ ଉନ୍ନତି କରଣ ଚାଲିଥିବା ବେଳେ ସେଠାକୁ ଯାଉଥିବା ବାଲି ଗାଡିରୁ ମଧ୍ୟ ଜୋରିମାନା ଆଦାୟ କରାଯାଉଥିବା ଖୁଲୁଡା ହାଇସ୍କୁଲର ପୁରାତନ ଛାତ୍ରସଂଘ ଅଭିଯୋଗ କରିଛି । ଏ ସବୁର ସମାଧାନ ହେବାକୁ ଦାବି ହୋଇଛି ।

# ଡାଇମଣ୍ଡ ହୋଟେଲରେ ରଂଗଦେବାବେଳେ ବିଦ୍ୟୁତ୍ ଆଘାତରେ ଯୁବକର ମୃତ୍ୟୁ

ଜଳେଶ୍ୱର, ୨୮/୧(ନିପ୍ର): ଜଳେଶ୍ୱର ଷ୍ଟେସନ ବଜାରରେ ଥିବା ଡାଇମଣ୍ଡ ହୋଟେଲରେ ଆଜି ରଂଗ ଦେବାଲାଗି ସ୍ଥାନୀୟ କେତେକ ଯୁବକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । କିନ୍ତୁ ହୋଟେଲର ମାଲିକଙ୍କ ଅଦୂରଦର୍ଶୀତାରୁ ରଂଗ ଦେଉଥିବା ଯୁବକ ମାନଙ୍କ ମଧ୍ୟରୁ ଖୁକନ ଜ୍ୟୋତି(୨୪) ନିକଟରେ ଥିବା ୧୧ କେଭିଏ ବିଦ୍ୟୁତ୍ ତାର ସଂଯୋଗରେ ଆସି ଗୁରୁତର ହୋଇଥିଲେ । ସଂଗେ ସଂଗେ ତାଙ୍କୁ ଜଳେଶ୍ୱର ଜିକେଭଟ୍ଟର ଅସ୍‌ପିଟାଲକୁ ନିଆଯାଇଥିଲା । ତାଙ୍କର ହାତ, ଛାତି, ପେଟ, ଗଳାର ବିଭିନ୍ନ ସ୍ଥାନରେ ପୋଡି ଜଳିଯାଇଥିଲା । ଭଟ୍ଟର ହସ୍ପିଟାରେ ପ୍ରାଥମିକ ଚିକିତ୍ସା ପରେ ପ୍ରଥମେ ବାଲେଶ୍ୱର ପରେ କଟକ ନେବାବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା । ଯୁବକର ଘର ବାଘାବାଳି ଗ୍ରାମର ମିଲିଟାରି ବଜାରରେ ବୋଲି ଜଣାଯାଇଛି । ମୃତ ଖୋକନର ୩ ଭାଇ ଥିବା ବେଳେ ନିଜସ୍ୱ ଘର ନ ଥିବାରୁ ତାଙ୍କୁ ସରକାରୀ ଯୋଗାଇ ଦେବାକୁ ଦାବି ହୋଇଛି ।

ଧ୍ୱନି ପ୍ରତିଧ୍ୱନି



# ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଓଡ଼ିଆପୁଅ ସଚିନ ବେହେରା

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ଭାରତର ନିଷ୍କାଇକର ଭାବରେ ସୁପରିଚିତ ସଚିନ ବେହେରା ଆଉ ଏକ ଗିନିଜ ବିଶ୍ୱ କୀର୍ତିମାନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ପୂର୍ବରୁ ଗୋଟିଏ ମିନିଟ୍ ଆଣ୍ଠୁ ପ୍ରଘାତ ବା ନିଷ୍କାଇକରେ ଗିନିଜ ବୁକ୍ ଅଫ୍ ୱାର୍ଲଡ଼ ରେକର୍ଡ଼ରେ ନିଜର ନାମକୁ ଲିପିବଦ୍ଧ କରିଥିବା ନୂଆପଡ଼ାର ଏହି ଦୁଃସାହସିକ କ୍ରୀଡ଼ାବିତ ଏବେ ପାଂଚ କେଜି ଏଙ୍କେଲ ୱେଟ୍ ବାନ୍ଧି ଗୋଟିଏ ମିନିଟ ଆଣ୍ଠୁ ପ୍ରଘାତ ବା ନିଷ୍କାଇକ କରିବେ । ପୂର୍ବରୁ ପାକିସ୍ତାନର ମହମ୍ମଦ ରସିଦ୍‌ଙ୍କ ନାମରେ ୧୦୦ ନିଷ୍କାଇକ କରି ଗିନିଜ ରେକର୍ଡ଼ରେ ସ୍ଥାନ ପାଇଛନ୍ତି । ଜଣେ ଓଡ଼ିଆ ପୁଅ ହିସାବରେ ସଚିନ ପାକିସ୍ତାନର ମହମ୍ମଦ ରସିଦଙ୍କ ରେକର୍ଡ଼ ଭାଙ୍ଗିବା ପାଇଁ ଆଶାବାଦୀ ଅଛନ୍ତି । ସୂଚନାଯୋଗ୍ୟ ଯେ, ସଚିନ ବେହେରା ପୂର୍ବରୁ ଗିନିଜ ବିଶ୍ୱରେକର୍ଡ଼ର ଅଧିକାରୀ ହୋଇପାରିଛନ୍ତି । ସଚିନ ହେଉଛନ୍ତି ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର ଲରକା ଗ୍ରାମର ଲକ୍ଷ୍ମୀପ୍ରସାଦ ବେହେରା ଓ ଆରତୀ ବେହେରାଙ୍କ ପୁତ୍ର । ନିଜର ଦ୍ୱିତୀୟ ଗିନିଜ ବିଶ୍ୱ କୀର୍ତିମାନ ଲାଗି ଗତ ୧୫ ତାରିଖରେ ଅନୁମତି ପାଇଥିଲେ ସଚିନ ଏବଂ ଚଳିତ ଜାନୁଆରୀମାସ ୩୦ ତାରିଖରେ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିରରେ ଏହି ରେକର୍ଡ଼ ଭାଙ୍ଗି ଗିନିଜ ବୁକ ଅଫ ୱାଲର୍ଡ଼ରେ ନିଜ ନାମ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ପ୍ରତିକ୍ଷିତ କାର୍ଯ୍ୟକ୍ରମ ଏକ୍ସପୋର୍ଟ ଉଇଟିନେସ୍ ଭାବରେ ସୌମ୍ୟରଞ୍ଜନ ଦାଶ, ଟାଇମ କିପରି ଭାବରେ କ୍ରୀଡ଼ାବିତ ସସ୍ମିତା ରାଉତରାୟ, ଗଜେନ୍ଦ୍ର ବାରିକ ଦାୟିତ୍ୱ ତୁଲାଇବେ । ସଚିନ ସାମରିକ କଳାରେ ରୁଚି ରଖିଥିବା ସହିତ ଭୁବନେଶ୍ୱରଠାରେ ଥିବା ହାଇଟେକ କଲେଜ ଅଫ୍ ଫିଜିଓଥେରାପିରେ ଇଂଟେନସିପ୍ କରୁଛନ୍ତି । ଏହା ସହ ଆସନ୍ତା ୨୦୨୪ରେ ଅନୁଷ୍ଠିତ ହେବାକୁ ଥିବା ଅଲମ୍ପିକ୍‌ରେ ୧୦୦ ମିଟର ଦୌଡ଼ରେ ଭାଗ ନେବାକୁ ସଚିନ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ସେ ପ୍ରତିଦିନ ଗୁରୁପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କଳିଙ୍ଗ ଷ୍ଟାଡ଼ିୟମରେ ଅଭ୍ୟାସ କରୁଥିବା ପ୍ରକାଶ କରିଛନ୍ତି ।

# ଫକୀରମୋହନ ସାହିତ୍ୟ ପରିଷଦ ନିର୍ବାଚନ ମାମଲା ରାୟ ସଂରକ୍ଷିତ

ବାଲେଶ୍ୱର, ୨୮/୦୧ (ନି.ପ୍ର):ରାଜ୍ୟର ଅନ୍ୟତମ ପୁରାତନ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ଫକୀରମୋହନ ସାହିତ୍ୟ ପରିଷଦ ୭୫ବର୍ଷ ଇତିହାସରେ ଚଳିତବର୍ଷ ପ୍ରଥମଥର ପାଇଁ ପରିଷଦର ନିର୍ବାଚନ ଜନିତ ମାମଲା ଉଚ୍ଚ ନ୍ୟାୟାଳୟକୁ ଯାଇଥିଲା । ଆବେଦନକାରୀ ଶ୍ରୀ କାଳୀପଦ ପଣ୍ଡା ଓ ଡ. ରାଧାରଞ୍ଜନ ପଟ୍ଟନାୟକ ବୈଧାନିକ ବିଧି ବ୍ୟବସ୍ଥାକୁ ଜାଣିଶୁଣି ଇଚ୍ଛାକୃତ ଭାବେ ଉଲ୍ଲଙ୍ଘନ କରି ନିର୍ବାଚନ କରାଯାଇଥିବାର ଅଭିଯୋଗ କରିଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ମହୋଦୟଙ୍କୁ ଉଭୟପକ୍ଷଙ୍କ ଠାରୁ ଶୁଣାଣି କରି ରାୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦ୍‌ନୁସାରେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟରେ ଉଭୟପକ୍ଷଙ୍କ ଠାରୁ ବିଜ୍ଞ ଅତିରିକ୍ତ ଜିଲ୍ଲାପାଳ ମହୋଦୟ ସମସ୍ତ ବିଷୟ ଶୁଣି, ଦଲିଲ ଦସ୍ତାବିଜ୍‌କୁ ଗ୍ରହଣ କରି ରାୟ ପ୍ରଦାନ ପାଇଁ ସଂରକ୍ଷଣ କରି ରଖିଥିବାର ଜଣାପଡ଼ିଛି । ଆବେଦନକାରୀମାନଙ୍କ ତରଫରୁ ଫକୀରମୋହନ ସାହିତ୍ୟ ପରିଷଦର ସମ୍ବିଧାନ ଅନୁସାରେ ଉଚିତ୍ ସମୟସୀମା ମଧ୍ୟରେ ନିର୍ବାଚନ ନ କରିବା, କାର୍ଯ୍ୟନିର୍ବାହୀ ସମିତି ପାଇଁ ସମୁଦାୟ ୧୭ଜଣ ନିର୍ବାଚିତ ସଦସ୍ୟ ନିର୍ବାଚିତ ହେବାର ବ୍ୟବସ୍ଥା ଥିବାବେଳେ, କେବଳ ୭ଜଣଙ୍କୁ ନିର୍ବାଚିତ କରାଯିବା, ଉପସ୍ଥିତ ସଦସ୍ୟଙ୍କ ଠାରୁ ଅଧିକ ସଂଖ୍ୟକ ଭୋଟ ଦେଇଥିବା, ଏପରିକି ସମ୍ବିଧାନ ଅନୁସାରେ ଭୋଟକାଗଜ ତିଆରି ହୋଇ ନ ଥିବା ଆଦି ଅନେକ ଅସଙ୍ଗତିର ବିଷୟମାନ ଯୁକ୍ତି ରଖି ତଦ୍ ସନ୍ନିବେଶିତ ଦଲିଲ ଉପସ୍ଥାପନ କରିଛନ୍ତି । ଅପରପକ୍ଷରେ ନବ ନିର୍ବାଚିତ ସଭାପତିଙ୍କ ତରଫରୁ ଠିକ୍ ଭାବରେ ନିର୍ବାଚନ ହୋଇଛି ବୋଲି ଯୁକ୍ତି ଉପସ୍ଥାପନ କରାଯାଇଛି । ବ୍ୟାସକବି ଫକୀରମୋହନଙ୍କ ନାମରେ ନାମିତ ଏହି ୭୫ବର୍ଷର ଅନୁଷ୍ଠାନରେ ଏଭଳି ଅନିୟମିତତା ଓ ବେଆଇନ କାର୍ଯ୍ୟ ପାଇଁ ସାରା ଓଡ଼ିଶାରେ ସାହିତ୍ୟିକଙ୍କ ମଧ୍ୟରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି । ତଥ୍ୟ ଅନୁଯାୟୀ ଗତ ନଭେମ୍ବର ୭ ତାରିଖ ଦିନ ପରିଷଦର ତିନିବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ନିର୍ବାଚନ ସାଧାରଣ ସଭାରେ ଅନୁଷ୍ଠିତ ହୋଇଥିଲା ବେଳେ, ଏଥିରେ ପରିଷଦର ଲିଖିତ ସମ୍ବିଧାନର ନିୟମକୁ ଉପେକ୍ଷା କରି ବ୍ୟାପକ ଅନିୟମିତତା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହୋଇଥିବାର ଅଭିଯୋଗ ଆଣି ଆଜୀବନ ସଭ୍ୟ ତଥା ସଭାପତି ପ୍ରାର୍ଥୀ କାଳୀପଦ ପଣ୍ଡା ଓ ବରିଷ୍ଠ ସଭ୍ୟ ଡ. ରାଧାରଞ୍ଜନ ପଟ୍ଟନାୟକଙ୍କ ସମେତ ଅନେକ ସଭ୍ୟ ପ୍ରଥମେ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ଏହି ନିର୍ବାଚନକୁ ସଂପୂର୍ଣ୍ଣ ନିଷିଦ୍ଧ ଘୋଷଣା କରି ସାନି ନିର୍ବାଚନ ନିମନ୍ତେ ଅନୁରୋଧ ଜଣାଇଥିଲେ । ପରବର୍ତ୍ତୀ ସମୟରେ ଶ୍ରୀଯୁକ୍ତ ପଣ୍ଡା ଓ ଡ. ପଟ୍ଟନାୟକ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ୍ ଦାଖଲ କରିବା ପରେ ଉଚ୍ଚ ନ୍ୟାୟାଳୟ ଅତିରିକ୍ତ ଜିଲ୍ଲାପାଳଙ୍କୁ ଗତ ତା.୦୭.୦୧.୨୦୨୨ ରିଖରେ ନିର୍ଦ୍ଦେଶନାମା ଦେଇ ଚାରି ସପ୍ତାହ ମଧ୍ୟରେ ମାମଲାର ଶୁଣାଣି କରି ନିଷ୍ପତ୍ତି କରିବା ପାଇଁ କହିଥିଲେ । ତଦନୁଯାୟୀ ଅତିରିକ୍ତ ଜିଲ୍ଲାପାଳ ଗତ ତା.୨୦.୦୧.୨୦୨୨ରିଖ ଏବଂ ତା.୨୭.୦୧.୨୦୨୨ ରିଖରେ ଦୁଇଥର ତାଙ୍କ କୋର୍ଟରେ ଉଭୟପକ୍ଷର ଶୁଣାଣି କରିଥିଲେ । ଆସନ୍ତା ୫ ତାରିଖକୁ ଚାରି ସପ୍ତାହ ପୂର୍ଣ୍ଣ ହେବାକୁ ଯାଉଥିବାରୁ ଖୁବ୍‌ଶୀଘ୍ର ଅତିରିକ୍ତ ଜିଲ୍ଲାପାଳ ରାୟ ପ୍ରଦାନ କରିବେ ବୋଲି ଜଣାପଡ଼ିଛି ।

# ଶୁଭଶଙ୍ଖ ପକ୍ଷରୁ ବନ୍ଦେ ମାତୃଭୂମି କବିତା ପାଠୋତ୍ସବ

ବାରିପଦା, ୨୮/୦୧ (ନି.ପ୍ର): ୭୩ ତମ ସାଧାରଣତନ୍ତ୍ର ଦିବସ ଅବସର ରେ ଶୁଭ ଶଙ୍ଖ ସାହିତ୍ୟ ଅନୁଷ୍ଠାନ ତରଫରୁ ବନ୍ଦେ ମାତରଂ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଭାସି ମାଧ୍ୟରେ ଅନୁଷ୍ଠିତ ହୋଇଥିବା ଏହି କବିତା ଆସରରେ ଅନୁଷ୍ଠାନ ର ସଭାପତି ଡ଼ଃ ତରୁଣ କୁମାର ଓଝା ସଭାପତିତ୍ୱ କରିଥିଲେ । ବରେଣ୍ୟ ପ୍ରଥିତଯଶା ସାମ୍ବାଦିକ, ସଂସ୍କୃତି ସଂପନ୍ନ ମୟୂରଭଞ୍ଜ ପ୍ରାଣ ବୀରେନ ଦାସ ମୁଖ୍ୟ ଅତିଥି ଭାବେ ଆସରରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଶିଶୁ କଣ୍ଠଶିଳ୍ପୀ ହିମାଦ୍ରିତନୟା ଚୌଧୁରୀଙ୍କ ତୁହି ମା ଜନମଭୂମି ପବିତ୍ର ଭାରତଭୂମି ସଙ୍ଗୀତ ଗାନରେ ଆସର ଦେଶାତ୍ମବୋଧତା ରେ ପ୍ଲାବିତ ହୋଇଥିଲା । କାର୍ଯ୍ୟକ୍ରମରେ ବହୁ ବରେଣ୍ୟ, ତରୁଣ କବି କବୟିତ୍ରୀ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ବଡବିଲରୁ ବରେଣ୍ୟ କବି ଅଧ୍ୟାପକ କୈଳାସ ସାହାଣୀ, ବାଲେଶ୍ୱରରୁ କବି ପ୍ରଳୟ ନାୟକ,




ନିହାରକନ୍ୟାର ସଂପାଦକ କବି ସୁରଞ୍ଜନ ପାତ୍ର, ଶ୍ରୀକ୍ଷେତ୍ରରୁ ରାଜଲକ୍ଷ୍ମୀ ତ୍ରିପାଠୀ, ଜଗତସଂହପୁରରୁ ଡ଼ଃ ଜ୍ୟୋତ୍ସ୍ନା ତ୍ରିପାଠୀ, ରାସଗୋବିନ୍ଦପୁରରୁ ଗୀତାଞ୍ଜଳି ପଟ୍ଟନାୟକ, ଭୁବନେଶ୍ୱରରୁ ଶୀଳଶ୍ରୀର ସମ୍ପାଦିକା ବାସନ୍ତୀ ଦାସ, ନଳଗଜାରୁ ଅଧ୍ୟାପକ ଅବନିକାନ୍ତ ଗିରି, ବାରିପଦାରୁ ବାସନ୍ତିଲତା ମହାପାତ୍ର ଏବଂ ରେଣୁବାଳା ରଥଙ୍କ ସମେତ ବାରିପଦାର ତରୁଣ କବି ସ୍ନେହାଶିଷ ମହାନ୍ତି ପ୍ରମୁଖ ନିଜ ନିଜର ଶବ୍ଦର ଆବେଗରେ ସ୍ୱରଚିତ କବିତା ପାଠ କରିଥିଲେ । କବିତା ଗୁଡ଼ିକୁ ସୂକ୍ଷ୍ମାତିସୂକ୍ଷ୍ମ ଭାବର ଭାଷାରେ ସଂଯୋଜନା କରିଥିଲେ ଅନୁଷ୍ଠାନର ଉପ ସଭାପତି ଡ଼ଃ ପୁଷ୍ପା ପାତ୍ର ଓ ପ୍ରଧାପିକା ଉଷା ଶତପଥୀ । ଶେଷ ଭାଗ ରେ କାର୍ଯ୍ୟକ୍ରମର ସଂଚାଳକ ତଥା ଅନୁଷ୍ଠାନର ଉଦ୍ୟୋକ୍ତା ସଞ୍ଜୟ କୁମାର ଚୌଧୁରୀ ଏକ ମାଟିମନସ୍କ ଝୁମର ସଙ୍ଗୀତ ପରିବେଷଣ କରି ଆସରକୁ ଆଛନ୍ନ କରିଦେଇଥିଲେ । ଏହି ସ୍ୱତନ୍ତ୍ର ଆଭାସୀ କବିତା ଆସର କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଆଦିତ୍ୟ ପଟ୍ଟନାୟକ, ଗୀତିକାର ଅଧ୍ୟାପକ ସୁନୀଲ ଜେନା, ବିଶିଷ୍ଟ ଗୀତିକବି ଗୀତା ଖୁଣ୍ଟିଆ, କବୀ ଇତିଶ୍ରୀ ସାହୁ, ଦେବବ୍ରତ ଶତପଥିଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ ।

# ଦାଦାବଟି ଆଦାୟ ଅଭିଯୋଗରେ ୨ ଗିରଫ

ପୁରୀ,୨୮/୦୧ (ନି.ପ୍ର): ଦାଦାବଟି ଆଦାୟକାରୀଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିବା ଅଭିଯାନ କ୍ରମରେ ଗୋଖାସାହି ଛକ ଅଞ୍ଚଳର ବ୍ୟବସାୟୀ ଓ ସେତୁ ପ୍ରକଳ୍ପ ପାଇଁ ବିଭିନ୍ନ ସାମଗ୍ରୀ ଧରି ଅସୁଥିବା ପରିବହନ ଗାଡ଼ିଚାଳକଙ୍କୁ ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ଦୁଇଜଣଙ୍କୁ ବାସେଳୀସାହି ଥାନା ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟହେଲେ ବାସେଳୀସାହି ଥାନା ଅନ୍ତର୍ଗତ ଗୋଖାସାହିର ଜଳିଆ ବେହେରା (୪୦) ଓ କ୍ଷୀରୁ ବେହେରା (୪୩) । ଅଭିଯୁକ୍ତମାନଙ୍କ ନିକଟରୁ ଏକ ଖଣ୍ଡା ଓ ନଗଦ ୭୦୦ଟଙ୍କା ଜବତ କରାଯାଇଛି ।

# ପୀତାମ୍ବରା ସିଦ୍ଧ ମହାପୀଠରେ ବାର୍ଷିକୋତ୍ସବ ଉଦ୍‌ଘାଟିତ

## ବଡ଼ସିଂହାର ବେଶରେ ସଜ୍ଜିତ ହେଲେ ମାଆ ବଗଳାମୁଖୀ

ବାଲେଶ୍ୱର,୨୮/୦୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ତାମ୍ପୁଲିଆସ୍ଥିତ ଶ୍ରୀ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠର ନବମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ମାଆ ବଗଳାଦେବୀଙ୍କ ଜନ୍ମୋତ୍ସବ ଏକ ଭକ୍ତିମୟ ପରିବେଶରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ସରକାରଙ୍କ ପକ୍ଷରୁ ଜାରି କୋଭିଡ କଟକଣାକୁ ଦୃଷ୍ଟିରେ ରଖି ପୀଠ ପକ୍ଷରୁ ଚଳିତ ବର୍ଷର ୩ଦିନିଆ ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି । କେବଳ ପୀଠ ପରିସରରେ ଅଧିଷ୍ଠାତ୍ରୀ ଦେବୀ ମା’ ବଗଳାମୁଖୀ ଓ ଅନ୍ୟ ଦେବାଦେବୀଙ୍କ ଅଭିଷେକ, ସ୍ୱତନ୍ତ୍ର ନୀତି ପୂଜା



ସାଙ୍ଗକୁ ଯଜ୍ଞାଦିକର୍ମ ପ୍ରଭୃତି ଅନୁଷ୍ଠିତ ହେଉଛି । ଅନ୍ୟବର୍ଷ ଭଳି ସାମୂହିକ ଘଟୋତ୍ତଳନ ଓ କଳସ ଶୋଭାଯାତ୍ରାକୁ ଚଳିତ ବର୍ଷ ବାତିଲ କରାଯାଇଥିବା ପୀଠ ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଶ୍ରଦ୍ଧାଳୁ ଓ ମାନର୍ସିକଧାରୀମାନେ ପର୍ଯ୍ୟାୟକ୍ରମରେ ପୀଠକୁ ଆସି ବ୍ରତୀ ଭାବେ ସଂକଳ୍ପିତ ହୋଇ ନିଜ ନିଜ ଘଟ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ଅନ୍ୟପକ୍ଷରେ ମୁଖ୍ୟ ସଂକଳ୍ପୀମାନେ ସରସ୍ୱତୀପୁର ଗାଁ ପୁଷ୍କରିଣୀରୁ ଘଟ ଉତ୍ତୋଳନ ସହ ମନ୍ଦିରକୁ ଫେରିଥିବା ଲକ୍ଷ୍ୟ କରାଯାଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ବିଜ୍ଞ ପଣ୍ଡିତ ଏବଂ ବ୍ରାହ୍ମଣମାନେ ଏହି ଉତ୍ସବରେ ଯୋଗଦେଇଛନ୍ତି । ଉତ୍ସବରେ ସକାଳଠାରୁ ସଂଧ୍ୟା ପର୍ଯ୍ୟନ୍ତ ବିଭିନ୍ନ କର୍ମକାଣ୍ଡରେ ସୂର୍ଯ୍ୟପୂଜା, ଗୁରୁପୂଜା, ମଣ୍ଡଳାଦର୍ଶନ, ଅଗ୍ନିସ୍ଥାପନ, ମନ୍ଦିରରୁ ମା’ଙ୍କ ଯଜ୍ଞମଣ୍ଡପକୁ ଆଗମନ, ଅର୍ଚ୍ଚନ, ସହସ୍ରାଦି ବଗଳା ମନ୍ତ୍ରରେ ଯଜ୍ଞାହୁତି ସହ ସଂନ୍ଧ୍ୟାରେ ପୁନର୍ବାର ଶ୍ରୀମନ୍ଦିର ବେଦୀକୁ ମା ପ୍ରତ୍ୟାବର୍ତନ ପ୍ରଭୃତି ସମ୍ପନ୍ନ ହୋଇଛି । ଏହି ଅବସରରେ ମା’ ବଗଳାମୁଖୀଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଥିଲା । ମା’ଙ୍କର ଏହି ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ବିମୋହିତ ହୋଇଥିଲେ । ଶନିବାର ଓ ରବିବାର ଦୁଇଦିନ ବ୍ୟାପୀ ମା’ଙ୍କୁ ବିଶେଷ ନୀତିରେ ପୂଜାର୍ଚ୍ଚନା କରାଯିବ ।

# କଂଟ୍ରୋଲ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଚାଉଳ ଗହମ ନଷ୍ଟ

ନୀଳଗିରି, ୨୮/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବିଜ୍ଞାପିତ ଅଂଚଳ ୧୩ନଂ ୱାର୍ଡ ଗୋପିନାଥପୁରସ୍ଥିତ ଏକ କଂଟ୍ରୋଲ ସାମଗ୍ରୀ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଚାଉଳ ଓ ଗହମ ପୋଡ଼ି ଯାଇଛି । ସୂଚନାଅନୁଯାୟୀ ଶୁକ୍ରବାର ଦିନ ପ୍ରାୟ ୨ଘଟିକା ସମୟରେ ଗୋପିନାଥପୁରସ୍ଥିତ ଉକ୍ତ କଂଟ୍ରୋଲ ଗୋଦାମରେ ମହଜୁଦ ଥିବା ଶହ ଶହ କ୍ୱିଂଟାଲ ଚାଉଳ,ଗହମରେ ନିଆଁ ଲାଗି ଜଳି ଯାଇଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିବା ବେଳେ ନୀଳଗିରି ଦମକଳ ବାହିନୀ ଆସି ନିଆଁକୁ ଲିଭାଇଥିଲେ । ତେବେ



ଦମକଳ ବାହିନୀ ବିଳମ୍ବରେ ପଂହଚିବାରୁ ଉତେଜନା ପ୍ରକାଶ ପାଇଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟି ଥାଇପାରେ ବୋଲି ଅନୁମାନ କରାଯାଉଛି । ତେବେ କୋଭିଡ ସମୟରେ ହିତାଧିକାରୀଙ୍କୁ ଏହି ରାସନ ବାଂଟିବାକୁ ଥିବା ବେଳେ ୩ମାସର ରାସନ ସାମଗ୍ରୀ ପୋଡ଼ି ଯାଇଥିବା ଯୋଗୁଁ କିଭଳି ବଂଟନ କରାଯିବ ସେଥିପାଇଁ ଭାଳେଣି ପଡ଼ିଛି । ତେବେ ଅପରପକ୍ଷରେ ମହଜୁଦ ଥିବା ହିତାଧିକାରୀଙ୍କ କୋଭିଡ୍ ଫ୍ରି ଚାଉଳ କୁ ବାଟମାରଣା କରିବା ଉଦ୍ଦେଶ୍ୟରେ ଜାଣିଶୁଣି ନିଆଁ ଲଗାଇଥିବାର ସାଧାରଣରେ ଚର୍ଚ୍ଚା ହେଉଛି ।

# ଚାଇଲଡ ଆଣ୍ଡ ଉଇମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ଅଂଶବିଶେଷ ଏବଂ ଏହି ଚେତନାର ବ୍ୟାପକ ପ୍ରସାର ହେବା ଦରକାର । ନିଜକୁ ଅନ୍ୟ ଭିତରେ ଅନୁଭବ କରିବା ହିଁ ଆଧ୍ୟାତ୍ମିକତା । ଅନ୍ୟର ସେବାରେ ଯେଉଁ ଆନନ୍ଦ ମିଳେ ତା’ର ବିକଳ୍ପ ନାହିଁ । ଜନତାର ସେବା ହିଁ ଜଗନ୍ନାଥଙ୍କ ସେବା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଶୁକ୍ରବାର ରାଜଭବନରେ ଚାଇଲଡ ଆଣ୍ଡ ଉଇମେନ୍ ଡେଭଲପମେଂଟ ସୋସାଇଟିର ଲୋଗୋକୁ ଉନ୍ମୋଚନ କରି ରାଜ୍ୟପାଳ ପ୍ରଫେସର ଲାଲ ଲୋକସେବାକୁ ଈଶ୍ୱରଙ୍କ ଶ୍ରେଷ୍ଠ ଅର୍ଚ୍ଚନା ଭାବରେ ଅଭିହିତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗଙ୍କ ଉନ୍ନତିକଳ୍ପେ ସମର୍ପିତ ପ୍ରୋଜେକ୍ଟ ଦେବଦତକୁ ଲୋକାର୍ପଣ କରି ରାଜ୍ୟପାଳ ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଅନୁଷ୍ଠାନର ମୁଖ୍ୟ ପ୍ରଫେସର କଳ୍ପନା ଦାସ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଉତ୍ସବରେ ରାଜଭବନର ଅଧିକାରୀଙ୍କ ସମେତ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ନବ ନିର୍ବାଚିତ କାଉନସିଲ ସଭ୍ୟଙ୍କ ପ୍ରଥମ ବୈଠକ



ବାରିପଦା, ୨୮/୦୧ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ନବ ନିର୍ବାଚିତ କାଉନସିଲ ସଦସ୍ୟଙ୍କ ପ୍ରଥମ ବୈଠକ ଜିଲ୍ଲାପାଳ ତଥା ଏସୋସିଏସନର ସଭାପତି ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଓ ଉପସ୍ଥିତ ସଦସ୍ୟଙ୍କ ପରିଚୟ ପ୍ରଦାନ ପରେ ଏସୋସିଏସନର ବିଗତ ଦିନରେ ଇହଧାମ ତ୍ୟାଗ କରିଥିବା ସଭ୍ୟମାନଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ଓ ଏସୋସିଏସନର ଆର୍ଥିକ ସ୍ଥିତି ଓ ଆଗକୁ ଥିବା ଓସିଏ ଭିଜନ ୨୦୨୪ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତଥା ଅନ୍ୟାନ୍ୟ ଖେଳାକୁଦ ସମ୍ବନ୍ଧରେ ଆଲୋଚନା କରାଗଲା ଓ ଏଥିସହିତ ଖେଳକୁଦର ପ୍ରତ୍ସାହନ ପାଇଁ ବାରିପଦା ସହିତ କରଞ୍ଜିଆ, ରାଇରଙ୍ଗପୁର ଓ ଉଦଳାରେ ଭିତିଭୂମିର ବିକାଶ ଉପରେ ପଦକ୍ଷେପ ନେବା ପାଇଁ ଆଲୋଚନା କରାଯାଇଥିଲା । ବାରିପଦା କଲେଜ ପଡିଆରେ ଏକ ବାସ୍କେଟ ବଲ କୋଟ ନିର୍ମାଣ କରିବା ଷ୍ଟାଡିୟମର ସର୍ବାଙ୍ଗୀନ ବିକାଶପାଇଁ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ ଓ ପ୍ରତ୍ୟେକ କ୍ରୀଡା ବିଭାଗକୁ ସାହାଯ୍ୟ କରିବା ପାଇଁ ପୂର୍ବତନ କ୍ରୀଡ଼ାବିତ ମାନଙ୍କୁ ନେଇ କମିଟି ଗଠନ କରାଯିବାର ନିଷ୍ପତି ନିଆଯାଇଛି ଓ ଏହି ଅବସରରେ ଧାରା ୧୬ ଅନୁଯାୟୀ ଏସୋସିଏସନର ବରିଷ୍ଠ ସଦସ୍ୟ ଭାବେ ଅମୀୟ କୁମାର ବଳ ( ଉଦଳା ) ଓ ପାର୍ଥ ସାରଥି ସ୍ୱାଇଁ ( ବାରିପଦା ), ଉପ ସଭାପତି ଭାବେ ବିବେକାନନ୍ଦ ପଟ୍ଟନାୟକ, ସୁବ୍ରମନ୍ୟମ ମହାନ୍ତି ଓ ମନୋଜ କୁମାର ସାଓ, ଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଗଲା ଓ ସହ ସମ୍ପାଦକ ଭାବେ ଅମର କୁମାର ସେଠି ( ଫୁଟବଲ ), ଅମ୍ବିକା ରାଉତ ( ଏଥଲେଟିକ ), ହରପ୍ରସାଦ ପାତ୍ର (କ୍ରିକେଟ), ପ୍ରସନ୍ନଜିତ ମହାନ୍ତି ( କବାଡି ଓ କ୍ରିକେଟ ), ସୌରଭ ପଟ୍ଟନାୟକ ( ଆରଚେରୀ ), ବୈଦ୍ୟନାଥ ରଥ ( ହକି ଓ ଷ୍ଟାଡିୟମ ), ଅଶୋକ କୁମାର ପଟ୍ଟନାୟକ ( ସନ୍ତରଣ ଓ ସାଇକ୍ଲିଂ ), ଗୌରୀ ଶଙ୍କର ସିନ୍‌ହା ( କୁସ୍ତି ) ଓ ରବୀନ୍ଦ୍ର ମହାନ୍ତି ( ବୋକ୍ସିଂ ଓ ଜିମ ) ପାଇଁ ଚୟନ କରାଯାଇ ନିଜ ନିଜ ବିଭାଗର ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ କ୍ରୀଡ଼ାବିତ ସୋମନାଥ ସିଂହଙ୍କୁ ମିଡ଼ିଆ ସଂଯୋଜକ ଭାବେ ମନୋନୀତ କରାଯାଇଛି । ଷ୍ଟାଡିୟମର ଖଜଣା ତଥା ବିଦ୍ୟୁତ ବିଲ ଛାଡ଼ ପାଇଁ ଉପଯୁକ୍ତ ପଦକ୍ଷେପ ନେବାପାଇଁ ଜିଲ୍ଲପାଳ ପରାମର୍ଶ ଦେଇଥିବଲେ ।

# କରୋନା ଆକ୍ରାନ୍ତରେ ମହିଳାଙ୍କ ମୃତ୍ୟୁ



ଜଳେଶ୍ୱର, ୨୮/୧(ନିପ୍ର): ଜଳେଶ୍ୱରର ଗୋପ ଅଂଚଳର ଅଖିଳ କୁମାର ପ୍ରଧାନଙ୍କ ସ୍ତ୍ରୀ ସ୍ନେହଲତା ପ୍ରଧାନ (୬୮)ଙ୍କର ଗତ ୨୭ ତାରିଖ ସକାଳ ୬ଟା୧୩ ମିନିଟ୍‌ରେ ଭୁବନେଶ୍ୱରସ୍ଥିତ ସୋମ ହସ୍‌ପିଟାଲରେ ପରଲୋକ ଘଟିଛି । ଗତ କିଛିମାସ ଧରି ସେ ଅସୁସ୍ଥ ହୋଇ ପଡିଥିଲେ । ଚିକିତ୍ସାଲାଗି ତାଙ୍କୁ ଭୁବନେଶ୍ୱର ନିଆଯାଇଥିଲା । ସେଠାରେ ତାଙ୍କ ପୁଅ ରଜନ ରଂଜନ ପ୍ରଧାନଙ୍କ ଠାରେ ରହି ଚିକିତ୍ସିତ ହେଉଥିଲେ । କିନ୍ତୁ ଗତ କିଛିଦିନ ତଳେ ସେ କରୋନା ସଂକ୍ରମିତ ବୋଲି ଜଣାପଡିବା ପରେ ସୋମ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ୨୭ ତାରିଖ ଭୋର ମୃତ୍ୟୁ ବେଳେ ତାଙ୍କର ପୁଅ, ଦୁଇ ଝିଅ ଓ ନାତିନାତୁଣିମାନେ ଉପସ୍ଥିତ ଥିଲେ । କୋଭିଡ୍ ନିୟମ ଅନୁସାରେ ତାଙ୍କ ମୃତ ଶରୀରକୁ ବିଏମ୍‌ସିର କର୍ମଚାରୀମାନେ ସତ୍କାର କରିଥିବା ବେଳେ ପୁଅ ମୁଖାଗ୍ନି ଦେଇଥିଲେ ।

# ଆରପିଏଫ୍ ସହାୟତାରେ ବାଇକ୍ ଫେରିପାଇଲେ ଯୁବକ

ପୁରୀ,୨୮/୦୧ (ନି.ପ୍ର): ଆରପିଏଫ୍ ସହାୟତାରେ ଗତ ଡ଼ିସେମ୍ବର ମାସରୁ ହଜିଯାଇଥିବା ବାଇକ୍‌କୁ ଫେରିପାଇଛନ୍ତି ବାସେଳୀସାହି ଥାନା ଅନ୍ତର୍ଗତ ନୀଳମାଧବ ଲେନ୍‌ର ଜଗନ ପତି । ରେଲୱେ ଷ୍ଟେସନ୍ ଅଞ୍ଚଳର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଆରପିଏଫ୍ ଅଧିକାରୀ ଓ କର୍ମଚାରୀମାନେ ଅସାମାଜିକ ଗତିବିଧି ନିରୀକ୍ଷଣ କରୁଥିବା ବେଳେ ଘୋଡ଼ାବଜାରରେ ଓଡ଼ି୧୩ଏ ୫୬୫୧ ନମ୍ବର ବିଶିଷ୍ଟ ଏକ ବଜାଜ୍ ଡ଼ିସ୍କଭର ବାଇକ୍ ଥୁଆ ହୋଇଥିବା ଦେଖିଥିଲେ । ତେବେ ସମ୍ପୃକ୍ତ ବାଇକ୍‌ର କେହି ଦାବିଦାର ଥିବା ମନେକରି ଆରପିଏଫ୍ ଆଇଆଇସି ଅନୀଲ କୁମାର ସିଂକୁ ଜଣାଇଥିଲେ । ସୂଚନା ପାଇ ଆରପିଏଫ୍ ଆଇଆଇସି ଶ୍ରୀ ସିଂ ଭୋର ୪ଟାରେ ସେଠାରେ ପହଞ୍ଚି ସଂପୃକ୍ତ ଗାଡ଼ିଟି ଥୁଆ ହୋଇଥିବା ଦେଖିଥିଲେ । ଗାଡ଼ିର କୌଣସି ଦାବିଦାର ନଥିବାରୁ ଗଡ଼ିକୁ ଆରପିଏଫ୍ ପୋଷ୍ଟକୁ ଆଣିଥିଲେ । ପରେ ଗାଡ଼ିର ପ୍ରକୃତ ମାଲିକଙ୍କୁ ଠାବ କରିବା ଲାଗି ସେ ଆରଟିଓ କର୍ତ୍ତପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ । ପରିବହନ କାର୍ଯ୍ୟଳୟର ସୂଚନା ଆଧାରରେ ସମ୍ପୃକ୍ତ ଗାଡ଼ିର ମାଲିକ ବାସେଳୀ ସାହି ଥାନା ଅନ୍ତର୍ଗତ ନୀଳମାଧବ ଲେନ୍‌ର ଜଗନ ପତି ବୋଲି ଜଣାଯାଇଥିଲା । ଏହା ପରେ ଆଇଆଇସି ଶ୍ରୀ ସିଂ ଶ୍ରୀପତିଙ୍କ ସହିତ ଯୋଗାଯୋଗ କରିଥିଲେ । ଗତ ଡ଼ିସେମ୍ବର ୨୦ତାରିଖ ଦିନ କୌଣସି କାର୍ଯ୍ୟଲାଗି ଗାଡ଼ିଟିକୁ ଥୋଇଦେଇ ଗଙ୍ଗାରାମ ମାର୍କେଟକୁ ଯାଇଥିବାବେଳେ କେହି ଦୁର୍ବୃତ ଉଠାହାକୁ ନେଇଯାଇଥିବା ଶ୍ରୀପତି ଆଇଆଇସି ଶ୍ରୀ ସିଂକୁ ଜଣାଇଥିଲେ । ଆବଶ୍ୟକୀୟ କାଗଜପତ୍ର ଦେଖାଇବା ପରେ ଶ୍ରୀପତିଙ୍କୁ ଆରପିଏଫ୍ ପକ୍ଷରୁ ଗଡ଼ିଟି ହସ୍ତାନ୍ତର କରାଯାଇଥିବା ଆଇଆଇସି ଅନୀଲ କୁମାର ସିଂ କହିଛନ୍ତି ।

# ରାଜଧାନୀରେ ୨୪ ଘଂଟାରେ ୧୨୦୭ ପଜିଟିଭ୍

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଶୁକ୍ରବାର ଆଉ ୧୨୦୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୧ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୧୮୬ ଜଣ ଲୋକାଲ କେସ୍ ରହିଛନ୍ତି । ଏଥିସହ ୨୪ ଘଂଟାରେ ଆଉ ୭୬୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୧୦୬୫ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୪୯୨୨୭ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩୬୩୫୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୧୧୫ ରେ ପହଂଚିଛି । ବର୍ତ୍ତମାନ ଆଉ ୧୧୭୩୯ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି ।

# ଗୋଟିଏ ଦିନରେ ୫୦୫୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୦୫୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୩୬୨୨୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୭୩୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୬୩ହଜାର ୩୯୬ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୪୨୧୭ ରହିଛି । ଆଜି ଚିହ୍ନଟ ହୋଇଥିବା ୫୦୫୭ ଜଣଙ୍କ ମଧ୍ୟରୁ ୨୯୩୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୧୨୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୧୧୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୧୦, ବାଲେଶ୍ୱର ଜିଲ୍ଲାରୁ ୨୦୨ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୮୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୯୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୪୪ , କଟକରୁ ୪୯୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୫୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬୮, ଗଂଜାମ ଜିଲ୍ଲାରେ ୬୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୨୫, ଯାଜପୁରରୁ ୧୨୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୫୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୪୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୮୪, କେନ୍ଦ୍ରାପଡ଼ା ଜିଲ୍ଲାରୁ ୩୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୪୯, ଖୋର୍ଦ୍ଧାରୁ ୧୧୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୭୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧୩୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨୧୭ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୯୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୯୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୮୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୦୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୪୨୯, ଷ୍ଟେଟ୍ ପୁଲରୁ ୨୨୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo